R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୨୮
ତିଥି : ଚତୁର୍ଦ୍ଦଶୀ
୨୬ ମେ' ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 228
26 May 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ବିସ୍ଫୋରଣରେ ୩୨ ପାକ୍ ସୈନ୍ୟ ନିହତ

## ହମ୍ଲା ପଛରେ ବେଲୁଚି ବିଦ୍ରୋହୀଙ୍କ ହାତ

କରାଚୀ,୨୫।୫ : ଅପରେସନ୍ ସିନ୍ଦୂର ପରେ ଦୁର୍ବଳ ହୋଇପଡିଥିବା ପାକିସ୍ତାନୀ ସେନାକୁ ଆଉ ଏକ ଶକ୍ତ ଝଟକା ଲାଗିଛି । ଆତଙ୍କୀଙ୍କ ବିସ୍ଫୋରଣରେ ୩୨ ଜଣ ପାକ୍ ରେଞ୍ଜରଙ୍କ ମୃତ୍ୟୁ ଘଟିଛି ଏବଂ ୩ଟି ସାମରିକ ଗାଡ଼ି ଧ୍ୱଂସ ପାଇଯାଇଛି । ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ସମର୍ଥନ କରିବା ଦ୍ୱାରା ପାକିସ୍ତାନକୁ ବହୁତ ମୂଲ୍ୟ ଦେବାକୁ ପଡୁଛି । ଖୁଜଦାରର ଜିରୋ ପଏଣ୍ଟ ନିକଟରେ କରାଚୀ-କ୍ୱେଟା ରାଜପଥରେ ଏକ ସେନା ଦଳ ଉପରେ ବିସ୍ଫୋରକ ଡିଭାଇସ୍ ଦ୍ୱାରା ଆକ୍ରମଣ ହେବା ଫଳରେ ୩୨ ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି । ପୂର୍ବରୁ ଆତଙ୍କବାଦୀ ଘଟଣାଗୁଡ଼ିକ ସାଧାରଣତଃ ପାକିସ୍ତାନର ଦୁର୍ଗମ ଅଞ୍ଚଳଗୁଡ଼ିକରେ ସୀମିତ ଥିଲା, କିନ୍ତୁ



ଏବେ ଦେଶର ପ୍ରମୁଖ ସହରଗୁଡ଼ିକରେ ମଧ୍ୟ ଏପରି ଆକ୍ରମଣ ହେବା ଆରମ୍ଭ ହେଉଛି । ଏହି କାରଣରୁ ସେଠାକାର ସୁରକ୍ଷା ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନ ଉଠୁଛି । ଏକକାଳୀନ ତିନୋଟି ଗାଡ଼ି ବିସ୍ଫୋରଣ ହୋଇଛି । କରାଚୀ-କ୍ୱେଟା ରାଜପଥରେ ପାର୍କିଂ ହୋଇଥିବା ଏକ କାରରେ ବିସ୍ଫୋରକ ରଖାଯାଇଥିଲା । ସେନା ଦଳ ସେହି ରାସ୍ତା ଦେଇ ଯାଉଥିବା ସମୟରେ ବିସ୍ଫୋରଣ ହୋଇଥିଲା । ରିପୋର୍ଟ ଅନୁଯାୟୀ, ସେନା ଦଳରେ ମୋଟ ଆଠଟି ସାମରିକ ଗାଡ଼ି ଥିଲା, ଯେଉଁଥିରୁ ତିନୋଟି ବିସ୍ଫୋରଣର ଶିକାର ହୋଇଥିଲା ।

ପ୍ରଭାବିତ ଗାଡ଼ିଗୁଡ଼ିକ ମଧ୍ୟରେ ଏକ ବସ୍ ମଧ୍ୟ ଥିଲା ଯାହା ସାମରିକ କର୍ମଚାରୀଙ୍କ ପରିବାରକୁ ନେଇଯାଉଥିଲା ବୋଲି ଜଣାପଡ଼ିଛି । ଅଧିକାରୀମାନେ ଏହି ସୁରକ୍ଷା ତ୍ରୁଟିକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି । ଭିତର ସୂତ୍ର ଅନୁସାରେ, କର୍ତ୍ତୃପକ୍ଷ ଏହି ଘଟଣାକୁ ଏକ ସ୍କୁଲ ବସ୍ ଉପରେ ଆକ୍ରମଣ ବୋଲି କହି ଘଟଣାକୁ ବଦଳାଇବାକୁ ଚେଷ୍ଟା କରୁଛନ୍ତି ।

ଏପର୍ଯ୍ୟନ୍ତ କୌଣସି ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି । କିନ୍ତୁ ବେଲୁଚିସ୍ତାନରେ ସକ୍ରିୟ ବିଚ୍ଛିନ୍ନତାବାଦୀ ଗୋଷ୍ଠୀଗୁଡ଼ିକର ଏହା କାଣ୍ଡ ବୋଲି ସନ୍ଦେହ କରାଯାଉଛି । ଏହି ଅଞ୍ଚଳ ପୂର୍ବରୁ ମଧ୍ୟ ସେନା ଏବଂ ସୁରକ୍ଷା ବାହିନୀ ଉପରେ ଆକ୍ରମଣ ପାଇଁ ଜଣାଶୁଣା । ବିଶେଷଜ୍ଞମାନଙ୍କ ଅନୁସାରେ ଏହି ଆକ୍ରମଣ ପାକିସ୍ତାନୀ (୯ ପୃଷ୍ଠାରେ)

## ଦଳୀୟ ନେତାଙ୍କୁ ମୋଦିଙ୍କ ତାଗିଦ

# ଅପରେସନ ସିନ୍ଦୂର ସଂପର୍କରେ ଶସ୍ତା ବୟାନ ଦିଅନି

ନୂଆଦିଲ୍ଲୀ,୨୫।୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅପରେସନ ସିନ୍ଦୂର ଉପରେ ଅନାବଶ୍ୟକ ବୟାନ ଦେଇ ବିଜେପିର ଭାବମୂର୍ତ୍ତି ନଷ୍ଟ କରୁଥିବା ନେତାମାନଙ୍କୁ ତାଗିଦ କରିଛନ୍ତି । ସେ କହିଛନ୍ତି ଯେ ନେତାମାନେ ସେମାନଙ୍କର ଭାଷଣକୁ ନିୟନ୍ତ୍ରଣ କରିବା ଉଚିତ ଏବଂ ଅନାବଶ୍ୟକ ବୟାନରୁ ଦୂରେଇ ରହିବା ଉଚିତ । କୌଣସି ସ୍ଥାନରେ କିଛି କହିବାରୁ ଦୂରେଇ ରୁହନ୍ତୁ ।



ଏନଡିଏ ମୁଖ୍ୟମନ୍ତ୍ରୀ କନକ୍ଲେଭ ସମୟରେ ବିଜେପି ନେତାମାନଙ୍କୁ ନିର୍ଦ୍ଦେଶ ଜାରି କରି ପ୍ରଧାନମନ୍ତ୍ରୀ ମୋଦୀ ଏହା କହିଛନ୍ତି । ସମ୍ପ୍ରତିମଧ୍ୟପ୍ରଦେଶ ଏବଂ ହରିୟାଣାର ବିଜେପି ନେତାମାନେ ସେମାନଙ୍କ ବୟାନ ଦେଇ ଦଳକୁ ବଦନାମ କରିଛନ୍ତି । ହରିୟାଣାର ବିଜେପି ସାଂସଦ ରାମଚନ୍ଦ୍ର ଜଙ୍ଗ୍ରା,ବିଜୟ ଶାହା ଏବଂ ମଧ୍ୟପ୍ରଦେଶର ଜଗଦୀଶ ଦେବଡା ଏହି ପ୍ରସଙ୍ଗରେ ନିନ୍ଦନୀୟ ମନ୍ତବ୍ୟ ଦେଇଛନ୍ତି । ଏହି ମାମଲାରେ ପ୍ରଧାନମନ୍ତ୍ରୀ ମୋଦୀ କ୍ଷମା ମାଗିବାକୁ କଂଗ୍ରେସ ଦାବି କରିଛି । ବିରୋଧୀ ଦଳ କହିଛି ଯେ ପ୍ରଧାନମନ୍ତ୍ରୀ ଏବଂ ବିଜେପି ନେତୃତ୍ୱଙ୍କ ନୀରବତାକୁ ଏହି ବକ୍ତବ୍ୟଗୁଡ଼ିକର ନୀରବ ଅନୁମୋଦନ ଭାବରେ ଦେଖାଯିବା ଉଚିତ । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଦାବି କରିଛନ୍ତି ଯେ ପହଲଗାମ ପୀଡିତ ଏବଂ ସଶସ୍ତ୍ର ବାହିନୀଙ୍କୁ ବଦନାମ କରିବା ପାଇଁ ବିଜେପି ନେତାମାନେ ପରସ୍ପର ସହିତ ପ୍ରତିଯୋଗିତା କରୁଛନ୍ତି । ଉଲ୍ଲେଖଥାଉକି, ପାକିସ୍ତାନ ବିରୋଧରେ ଭାରତର ଅପରେସନ୍ ସିନ୍ଦୂରର ସଫଳତା ନେଇ ବିଭିନ୍ନ ଦେଶକୁ ପ୍ରତିନିଧି ଦଳ ଯାତ୍ରା କରିଛନ୍ତି । ସେଠାରେ ସେମାନେ ସିନ୍ଦୂରର ସଫଳତା ସମ୍ପର୍କରେ ବିଶ୍ୱ ନେତାଙ୍କୁ ଅବଗତ କରାଇବେ । ଏପରି ସ୍ଥିତିରେ ଦଳୀୟ ନେତାମାନେ ଅପରେସନ ସିନ୍ଦୂରକୁ ନେଇ ଲଘୁ ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପ୍ରଧାନମନ୍ତ୍ରୀ ମୋଦି ଦଳୀୟ ନେତାଙ୍କ ଉଦ୍ଦେଶ୍ୟରେ କହିଛନ୍ତି ।

# ତେଜ ପ୍ରତାପ ଦଳରୁ ବହିଷ୍କୃତ

## ପରିବାରଠାରୁ ପୁଅକୁ ଦୂରେଇ ଦେଲେ ଲାଲୁ

ପାଟଣା,୨୫।୫ : ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ରବିବାର ତାଙ୍କ ବଡ଼ ପୁଅ ତଥା ବିଧାୟକ ତେଜ ପ୍ରତାପ ଯାଦବଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରିଛନ୍ତି । ତା'ସହିତ ତାଙ୍କୁ ପରିବାରଠାରୁ ଦୂରେଇ ଦେଇଛନ୍ତି । ଲାଲୁଙ୍କ ଏଭଳି ନିଷ୍ପତ୍ତି ପଛରେ ରହିଛି ତେଜ ପ୍ରତାପ ଯାଦବଙ୍କ ଗତକାଲିର ସୋଶାଲ ମିଡିଆ ପୋଷ୍ଟ, ଯେଉଁଥିରେ ସେ ଓ ଜଣେ ମହିଳା ଥିଲେ । ଉକ୍ତ ମହିଳାଙ୍କୁ ସେ ତାଙ୍କର ପ୍ରେମିକା ଭାବେ ଦର୍ଶାଇବା ସହିତ ତାଙ୍କ ସହିତ ବହୁ ବର୍ଷ ହେଲା ରିଲେସନସିପ୍‌ରେ ଅଛନ୍ତି ବୋଲି ଲେଖିଥିଲେ । ଅବଶ୍ୟ ପରେ ତେଜ ପ୍ରତାପ ଉକ୍ତ ପୋଷ୍ଟକୁ ଡିଲିଟ୍ କରି ଦେଇଥିଲେ ।



ତେଜ ପ୍ରତାପଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିବା କଥା ଆଜି ଲାଲୁ ପ୍ରସାଦ ଯାଦବ ତାଙ୍କ 'ଏକ୍ସ' ମାଧ୍ୟମରେ ଜଣାଇଛନ୍ତି । ଏଥିରେ ସେ ଲେଖିଛନ୍ତି, ନିଜ ବ୍ୟକ୍ତିଗତ ଜୀବନରେ ମୂଲ୍ୟବୋଧକୁ ଅବହେଳା କଲେ ସାମାଜିକ ନ୍ୟାୟ ପାଇଁ ଆମେ କରୁଥିବା ସାମୂହିକ ଲଢ଼େଇ ଦୁର୍ବଳ ହୋଇଯାଏ । ବଡ଼ ପୁଅର କାର୍ଯ୍ୟକଳାପ, ସର୍ବସାଧାରଣରେ ଆଚରଣ ଓ ଦାୟିତ୍ୱହୀନ ବ୍ୟବହାର ଆମ ପରିବାରର ମୂଲ୍ୟବୋଧ ଓ ସଂସ୍କାରର ଅନୁରୂପ ନୁହେଁ । ଅତଏବ ଉପରୋକ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ତାଙ୍କୁ ଦଳ ଓ ପରିବାରରୁ ଦୂରେଇ ଦେଉଛି । ଏବେଠାରୁ ଦଳ ଓ ପରିବାରରେ (୯ ପୃଷ୍ଠାରେ)


## ୨୧ବର୍ଷ ବୟସରେ ଆଇଏଏସ୍

ନୂଆଦିଲ୍ଲୀ,୨୫।୫ : ସର୍ବକନିଷ୍ଠ ଆଇଏଏସ୍ ହୋଇ ଚର୍ଚ୍ଚାରେ ପଞ୍ଜାବ ଝିଅ । ମାତ୍ର ୨୧ବର୍ଷ ବୟସରେ ଆଇଏଏସ୍ ହେବେ ପଞ୍ଜାବର ଆସ୍ଥା ସିଂହ । ୨୧ ବର୍ଷ ବୟସରେ ଅନେକ ଯୁବକ ଯୁବତୀ ସେମାନଙ୍କ କ୍ୟାରିଅର ଯୋଜନା ସମ୍ପର୍କରେ ସଠିକ୍ ନିଷ୍ପତ୍ତି ନେଇପାରୁ ନଥିବା ବେଳେ, ଆସ୍ଥା ସିଂହ ଏତେ କମ୍ ବୟସରେ ୟୁପିଏସସି ପରୀକ୍ଷାରେ ପାସ୍ କରି ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି । ୟୁପିଏସସି ସିଏସଇ ୨୦୨୪ ପରୀକ୍ଷାରେ ଆସ୍ଥା ସିଂ ୬୧ତମ ସ୍ଥାନ ହାସଲ କରିଛନ୍ତି । ଏହି ରାଙ୍କ ଅନୁସାରେ, ତାଙ୍କୁ ଆଇଏଏସରେ ସରକାରୀ ଚାକିରି ପ୍ରଦାନ କରାଯିବ । ପୂର୍ବରୁ କିଛି ଜଣ ୨୨ ବର୍ଷ ବୟସରେ ୟୁପିଏସସି ପରୀକ୍ଷାରେ ପାସ୍ କରିଥିବା ବେଳେ କିଛି ଜଣ ୨୩ ବର୍ଷ ବୟସରେ ଏହି ସଫଳତା ହାସଲ କରି ଚର୍ଚ୍ଚାକୁ ଆସିଥିଲେ । କିନ୍ତୁ ପଞ୍ଜାବର ଝିଅ ଆସ୍ଥା ସିଂହ ମାତ୍ର ୨୧ ବର୍ଷ ବୟସରେ ଏହି ରେକର୍ଡ ନିଜ ନାମରେ କରିଛନ୍ତି । ଆସ୍ଥା ସିଂହ ବିନା କୋଚିଂରେ ପ୍ରଥମ ପ୍ରୟାସରେ ୟୁପିଏସସି ପରୀକ୍ଷାରେ ୬୧ତମ ସ୍ଥାନ ହାସଲ କରିବା ଏବେ ଅନେକଙ୍କ ପାଇଁ ପ୍ରେରଣା ପାଲଟିଛି । ଆସ୍ତା ସିଂ ପଞ୍ଜାବର ଜିରାକପୁରର ବାସିନ୍ଦା । ସେ ଭୋପାଳ ଏବଂ ମଧ୍ୟପ୍ରଦେଶର ପଞ୍ଚକୁଲାରୁ ତାଙ୍କର ସ୍କୁଲ ଶିକ୍ଷା ଶେଷ କରିଥିଲେ । ଏହା ପରେ, ସେ ୨୦୨୩ମସିହାରେ ଦିଲ୍ଲୀ (୯ ପୃଷ୍ଠାରେ)

# ଦାନା ବାନ୍ଧୁଛି ଲଘୁଚାପ

ଭୁବନେଶ୍ୱର,୨୫।୫ (ସବ୍ୟୁ) : ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲଘୁଚାପ । ଆସନ୍ତା ୨୭ ତାରିଖ ସୁଦ୍ଧା ପଶ୍ଚିମ କେନ୍ଦ୍ରୀୟ ଓ ଉତ୍ତର ବଙ୍ଗୋପାସଗରରେ ଲଘୁଚାପ ସୃଷ୍ଟି ହେବ । ଏହାର ପ୍ରଭାବରେ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ସମ୍ଭାବ୍ୟ ଲଘୁଚାପ ମୌସୁମୀକୁ ଓଡ଼ିଶା ଭିତରକୁ ଟାଣି ଆଣିବାରେ ସହାୟକ ହେବ । ଏଥର ସଅଳ ପ୍ରବେଶ କରିବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ପାଣିପାଗ ବିଭାଗର କହିବାନୁସାରେ, କାଳବୈଶାଖୀ ସହ ପ୍ରାକ ମୌସୁମୀ ବର୍ଷାରେ ଭିଜିବ ଓଡ଼ିଶା । ଆସନ୍ତା ୭ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ୨୭ ତାରିଖରୁ ୩୦ ତାରିଖ ଯାଏଁ ରାଜ୍ୟରେ ଭୀଷଣ ବର୍ଷାର ସମ୍ଭାବନା ରହିଛି । ଏହି ବର୍ଷା ମୌସୁମୀକୁ ଅଗ୍ରସର ହେବାକୁ ବାଟ ଫିଟାଇବ । ସଅଳ ମୌସୁମୀ ଆସିବାକୁ ବି ସହାୟକ ହେବ ଲଘୁଚାପ ବୋଲି



- ୨୭ରେ ଆସୁଛି ବଡ଼ ବର୍ଷା
- ମୌସୁମୀକୁ ଟାଣି ଆଣିବ

ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର ।

ପ୍ରାକ ମୌସୁମୀ ପ୍ରଭାବରେ ଜାରି ରହିଛି ତୁହାକୁ ତୁହା ବର୍ଷା । ମୌସୁମୀ କେରଳ ଛୁଇଁବା ପରେ ରାଜ୍ୟର ଅନେକ ସ୍ଥାନରେ ଝିପିଝିପି ବର୍ଷା ସାଙ୍ଗକୁ ପାଗରେ ପରିବର୍ତ୍ତନ ଦେଖିବାକୁ ମିଳିଛି । (୯ ପୃଷ୍ଠାରେ)

# ଜାପାନକୁ ପଛରେ ପକାଇଲା ଭାରତ

ନୂଆଦିଲ୍ଲୀ,୨୫।୫ : ଅର୍ଥନୀତିରେ ଜାପାନକୁ ଭାରତ ପଛରେ ପକାଇ ଦେଇଛି । ଏବେ ବିଶ୍ୱର ଚତୁର୍ଥ ବୃହତ୍ତ ଅର୍ଥନୀତି ରାଷ୍ଟ୍ର ଭାବେ ଭାରତ ଉଭା ହୋଇଛି । ନିକଟରେ ଶେଷ ହୋଇଥିବା ନୀତି ଆୟୋଗର ଦଶମ ଗଭର୍ଣ୍ଣିଂ କାଉନ୍‌ସିଲ ବୈଠକ ପରେ ନୀତି ଆୟୋଗର ସିଇଓ ଭିଭିଆର୍ ସୁବ୍ରମଣ୍ୟମ୍ ଏହି ସୂଚନା ଦେଇଛନ୍ତି । ଭାରତର ଅର୍ଥନୀତି ୪ ଟ୍ରିଲିୟନ



## ବିଶ୍ୱ ଅର୍ଥନୀତି

ଡଲାରରେ ପହଞ୍ଚି ଯାଇଛି । ଏହା ମୋର ଡାଟା ନୁହେଁ । ଆଇଏମ୍‌ଏଫ ଏହି ଡାଟା ଦେଇଛି । ସେ କହିଥିଲେ, ଅର୍ଥନୀତିରେ ଜାପାନକୁ ପଛରେ ପକାଇ ଦେଇଛି ଭାରତ । ଏବେ କେବଳ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ ଓ ଜର୍ମାନୀ ଆମଠାରୁ ଆଗରେ ରହିଛନ୍ତି । ଆମେ ଯେଉଁ ଯୋଜନା ପ୍ରସ୍ତୁତ କରୁଛୁ, ଯଦି ସେଥିରେ ଠିକ୍ ଢଙ୍ଗରେ ଚାଲିବା, ତା'ହେଲେ ଆଗାମୀ ଅଢ଼େଇ ବା ୩ ବର୍ଷରେ ଭାରତ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥନୀତି ପାଲଟି ଯିବ । ମୋଟ ଉପରେ ଭୂ-ରାଜନୀତିକ ଓ ଅର୍ଥନୀତିକ ବାତାବରଣ ଭାରତ ସପକ୍ଷରେ ରହିଛି । ଆଇଏମ୍‌ଏଫ 'ୱାର୍ଲ୍ଡ ଇକୋନୋମିକ ଆଉଟଲୁକ୍ ଏପ୍ରିଲ ୨୦୨୫'ରେ କହିଥିଲା ଯେ ୨୦୨୫ରେ ଭାରତର ନୋମିନାଲ ଜିଡିପି ବୃଦ୍ଧିପାଇ ୪,୧୮୭.୦୧୭ ଅରବ ଡଲାର ହୋଇଯିବ । ଅନ୍ୟପକ୍ଷରେ ଜାପାନର ଜିଡିପିର ଆକାର ୪,୧୮୬.୪୩୧ ଅରବ ଡଲାର ରହିବ ବୋଲି ଅନୁମାନ ।

ଆଇଏମ୍‌ଏଫର ଆକଳନ ଅନୁସାରେ, ଆଗାମୀ ବର୍ଷଗୁଡ଼ିକରେ ଜର୍ମାନୀକୁ ପଛରେ ପକାଇ ଭାରତ ବନିଯିବ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥନୀତି । ୨୦୨୭ ସୁଦ୍ଧା ଭାରତର ଅର୍ଥନୀତି ୫ ଟ୍ରିଲିୟନ ଡଲାର ଅତିକ୍ରମ କରିପାରେ ଓ ଏହି ସମୟରେ ତା'ର ଜିଡିପିର ଆକାର ୫୦୬୯.୪୭ ଅରବ ଡଲାର ରହିବ ବୋଲି ଅନୁମାନ କରାଯାଉଛି । ସେହିପରି ୨୦୨୮ ସୁଦ୍ଧା ଭାରତର ଜିଡିପିର ଆକାର ୫୫୮୪.୪୭୬ ଅରବ ଡଲାର ହୋଇଯିବ । ଏହି ସମୟ ମଧ୍ୟରେ ଜର୍ମାନୀର ଜିଡିପିର ଆକାର ୫,୨୫୧.୯୨୮ ଅରବ ଡଲାର ରହିପାରେ । ଆଇଏମ୍‌ଏଫର ତଥ୍ୟ ମୁତାବକ, ୨୦୨୫ରେ ଆମେରିକାର ଜିଡିପିର ଆକାର ୩୦,୫୦୭.୨୧୭ ଅରବ ଡଲାର ରହିଥିବା ବେଳେ ଏହା ଅର୍ଥନୀତିରେ ସବୁଠୁ ଆଗରେ ରହିଛି । (୯ ପୃଷ୍ଠାରେ)

## ସୁଯୋଗ ଉଣ୍ଡି ବାଂଲାଦେଶୀଙ୍କ ଅନୁପ୍ରବେଶ

# ସାମୁଦ୍ରିକ ଥାନାରେ କର୍ମଚାରୀ ମରୁଡ଼ି, ଉପକୂଳ ମୁକୁଳା

ଭୁବନେଶ୍ୱର,୨୫।୫ (ଗଗନ ସ୍ୱାଇଁ): ଅନୁପ୍ରବେଶକାରୀଙ୍କ ପାଇଁ ସୁଯୋଗ ଦେଉଛି ମୁକୁଳା ସାମୁଦ୍ରିକ ଥାନା। ସମୁଦ୍ର ତଟରେ ୧୮ ଥାନା ଥିବା ବେଳେ ୧୦୦୮ ପୋଲିସ କର୍ମଚାରୀ ରହିବା କଥା, ଅଛନ୍ତି ମାତ୍ର ୪୮୦ ଜଣ। ଏପରି କି ଗୋଟିଏ ଲେଖାଏଁ ଥାନାରେ ଥାନା ଜଗିବାକୁ କେହି ନାହାଁନ୍ତି ।

ବାଂଲାଦେଶୀଙ୍କ ଅନୁପ୍ରବେଶ ରୋକାଯିବା ସହ ସେମାନଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ତଟ ଜଗିବାକୁ ସାମୁଦ୍ରିକ ଥାନାରେ କର୍ମଚାରୀ ନାହାଁନ୍ତି। ଯାହା ଫଳରେ ଡଙ୍ଗା ଓ ବୋଟ୍ ମାଧ୍ୟମରେ ବାଂଲାଦେଶୀମାନେ ସହଜରେ




## ଥାନା ୧୮, ୧୦୦୮ ସ୍ଥାନରେ ଅଛନ୍ତି ୪୮୦ ପୋଲିସ

ଅନୁପ୍ରବେଶ କରୁଛନ୍ତି। ଏ ସମ୍ପର୍କରେ ସାମୁଦ୍ରିକ ଥାନାର ଜଣେ ଆଇଆଇସିଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଥାନା ଜଗିବାକୁ କର୍ମଚାରୀ ନାହାଁନ୍ତି, ସେମାନଙ୍କୁ ଜଗିବୁ ବା କିପରି । ସମୁଦ୍ରରେ ପେଟ୍ରୋଲିଂ କରିବା ପାଇଁ ଯେଉଁ ଅନୁପାତରେ ପେଟ୍ରୋଲିଂ ବୋଟ୍‌ର ଆବଶ୍ୟକତା ତାହା ଆମ ପାଖରେ ନାହିଁ। ସରକାର କେବଳ ଥାନା ଘୋଷଣା କରିଛନ୍ତି। ଦକ୍ଷ ପୋଲିସ କର୍ମଚାରୀ ନିଯୁକ୍ତି କଥା ଚିନ୍ତା କରୁନାହାଁନ୍ତି । କାରଣ ସାମୁଦ୍ରିକ ଥାନା ଅନ୍ୟ ଥାନାଠୁ ନିଆରା। ସାମୁଦ୍ରିକ ଥାନାରେ ନୌବାହିନୀ ପରି ଜ୍ଞାନ ଥିବା ଅଫିସର ଓ କର୍ମଚାରୀ ନିଯୁକ୍ତି ହେବା କଥା ବୋଲି ଜଣେ ଅବସର ପ୍ରାପ୍ତ ନୌବାହିନୀ ଯବାନ କହିଛନ୍ତି।

୧୮ ଟି ସାମୁଦ୍ରିକ ଥାନା ମଧ୍ୟରୁ ବାଲେଶ୍ୱରରେ ୩ଟି, ଜଗତସିଂପୁରରେ ୩ଟି, ପୁରୀରେ ୪ଟି, ଗଞ୍ଜାମ ଓ ବ୍ରହ୍ମପୁରରେ ଗୋଟିଏ କରି ଥାନା ସ୍ଥାପନ ହୋଇଛି। ଏସବୁ ଥାନା ପାଇଁ ମୋଟ ୧୦୦୮ ପଦବୀ ମଞ୍ଜୁର ହୋଇଛି। ୧୮ ଇନ୍ସପେକ୍ଟର ପଦବୀ ଥିବା ବେଳେ ୧୫ କାର୍ଯ୍ୟରତ ଅଛନ୍ତି। ବାଲେଶ୍ୱର କଷାଫଳ, ଭଦ୍ରକର ଧାମରା ଓ ବ୍ରହ୍ମପୁରର ସୋନପୁର ସାମୁଦ୍ରିକ ଥାନାରେ ଇନ୍ସପେକ୍ଟର ନାହାଁନ୍ତି। ସେହିପରି ୫୪ ଏସ୍‌ଆଇ ପଦବୀରେ ମାତ୍ର ୯ଜଣ ନିଯୁକ୍ତି ପାଇଛନ୍ତି। ୫୪ ଏଏସ୍‌ଆଇ ପଦବୀ ଥିବା ବେଳେ ୨୮ ପଦବୀ ଖାଲି ରହିଛି। ୧୪୪ ଜଣ ହାବିଲ୍‌ଦାର ପଦବୀ ଥିବା ବେଳେ ମାତ୍ର ୧୬ ଜଣ (୯ ପୃଷ୍ଠାରେ)

## ଋତୁସ୍ରାବ ପାଇଁ ଉପକାରୀ ଚକୋଲେଟ୍



ଋତୁସ୍ରାବ ସମୟରେ ଝିଅଙ୍କର ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ପେଟକାଟିବା, ଅଣ୍ଟା ବିନ୍ଧା ହେବା ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ତେବେ ଏହି ସମୟରେ ଅନେକ ଖାଦ୍ୟ ରହିଥାଏ ଯାହାକୁ ଖାଇବା ଫଳରେ ଝିଅଙ୍କୁ ଆରାମ ମିଳିଥାଏ । ଏହି ସମୟରେ ଡାର୍କ ଚକୋଲେଟ୍ ଖାଇବା ଖୁବ ଲାଭ ଦାୟକ ହୋଇଥାଏ ବୋଲି ଜଣା ପଡିଛି । ଡାର୍କ ଚକୋଲେଟ୍‌ରେ ମ୍ୟାଗ୍ନେସିୟମର ମାତ୍ରା ଖୁବ ଅଧିକ ଥାଏ । ଏହି ମ୍ୟାଗ୍ନେସିୟମ ଋତୁସ୍ରାବ ସମୟରେ ଦେଖିବାକୁ ମିଳୁଥିବା ମାନସିକ ଅସ୍ଥିରତାକୁ ଶାନ୍ତ କରିଥାଏ । ମନ ଶାନ୍ତ ରହିବା ଫଳରେ ଏହି ସମୟରେ କଷ୍ଟ ଜଣା ପଡିନଥାଏ । ମ୍ୟାଗ୍ନେସିୟମ କାରଣରୁ ଆମ ଶରୀରରେ ଥିବା ସେରୋଟୋନିନ୍‌ର ସ୍ତର ବଢିଥାଏ । ଯାହା ଫଳରେ ଆମେ ଖୁସି ରହିବା ଆରମ୍ଭ କରିଥାଉ । ଏହାଛଡା ଏଥିରେ ଆଣ୍ଟିଅକ୍ସିଡାଣ୍ଟ ମଧ୍ୟ ଭରପୂର ମାତ୍ରାରେ ରହିଥାଏ,ଯାହା ଋତୁସ୍ରାବ ସମୟରେ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିଥାଏ ।

## ସୋସିଆଲ କୋଟ୍ସ

" ମଦରହୁଡ୍ ଗୋଟିଏ ଭଲ ଅନୁଭୂତି । ଏହି ସମୟରେ ଅନେକ କିଛି ଶିଖିବାକୁ ମିଳିଥାଏ । ତେବେ ବିଶେଷଭାବେ ଏହି ସମୟରେ ନିଜ ମେଣ୍ଟାଲ ହେଲ୍‌ଥର ଯତ୍ନ ନେବାକୁ ହୋଇଥାଏ ।

ଆଲିଆ ଭଟ୍ଟ, ଅଭିନେତ୍ରୀ





" ମୋତେ ସ୍କୁଲ ଲାଇଫ୍ ଖୁବ ଭଲଲାଗିଥାଏ । ମୁଁ ବଲିଉଡ୍ ଡେବ୍ୟୁ କରିବା ପୂର୍ବରୁ ମାଆଙ୍କ ସହିତ ସ୍କୁଲରେ କାମ କରିଛି । ମାଆଙ୍କର ଛୋଟ ପିଲାଙ୍କ ପାଇଁ ଏକ ସ୍କୁଲ ଥିଲା । ସେଠାରେ ମୁଁ ଅନେକ କିଛି ଶିଖିଛି ।

କିଆରା ଆଡଭାନୀ, ଅଭିନେତ୍ରୀ

" ପାପା କେହେତେ ହେଁ ଗୀତଟି ମୋ ପାଇଁ ଖୁବ ସ୍ପେସାଲ । ଏହି ଗୀତରୁ ମୁଁ ମୋ କ୍ୟାରିୟର ଆରମ୍ଭ କରିଥିଲି । ଗୀତଟି ଏବେ ମଧ୍ୟ ମୋ ପାଇଁ ଖୁବ ସ୍ୱତନ୍ତ୍ର ।

ଅମିର ଖାନ୍ , ଅଭିନେତା



## ସାବିତ୍ରୀ ବ୍ରତ



ଜ୍ୟେଷ୍ଠ ମାସ ଅମାବାସ୍ୟା ଦିନ ସାବିତ୍ରୀ ବ୍ରତ ପାଳନ କରାଯାଏ । ସଧବା ନାରୀମାନେ ନିଜ ସ୍ୱାମୀଙ୍କର ସୁନ୍ଦର ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ କାମନା କରି ଏ ବ୍ରତ ପାଳନ କରିଥାନ୍ତି । ଜ୍ୟେଷ୍ଠ ମାସ ଅମାବାସ୍ୟା ଦିନ ମଧ୍ୟାହ୍ନରେ ପୂଜାକର୍ମ ଆରମ୍ଭ କରାଯାଏ । ଗୋଟିଏ ଶିଳପୁଆ ପଞ୍ଚାମୃତରେ ସ୍ନାନ କରାଇ, ନୂତନ ବସ୍ତ୍ର ଓ ଅଳଙ୍କାରରେ ସଜାଇ, ତାକୁ ସାବିତ୍ରୀ ଦେବୀଙ୍କ ପ୍ରତୀକ ରୂପେ ସ୍ଥାପନା କରାଯାଏ । ତାଙ୍କୁ ଧୂପ, ଦୀପ, ଗନ୍ଧ, ପୁଷ୍ପ ଅର୍ପଣ ହୁଏ । ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ କାଟି 'ଗଣପତି' ଘଟ ସ୍ଥାପନ କରାଯାଏ । ପାଚିଲା ଆମ୍ବ, ପଣସ, ସପୁରୀ, ତାଳସଜ, ନଡ଼ିଆ, କଦଳୀ ପ୍ରଭୃତି ପକ୍ୱଫଳ ଓ ଧୁଆ ମୁଗ ନୈବେଦ୍ୟ ରୂପେ ବଢ଼ାଯାଏ ।
ବଟବୃକ୍ଷ ମୂଳରେ ଏ ପୂଜା କରିବା ବିଧେୟ । ନତୁବା ବଟବୃକ୍ଷ ଡାଳ ଖଣ୍ଡେ ମଣ୍ଡଳ ନିକଟରେ ଥୋଇ ପ୍ରଥମେ ତାକୁ ପୂଜା କରାଯାଏ । ଡାଳକୁ ସ୍ନାନ କରାଇ, ଫୁଲ, ଚନ୍ଦନ ଦେଇ ବ୍ରତଚାରିଣୀ ପ୍ରଣାମକରି ତାଙ୍କୁ ସ୍ତୁତି କରନ୍ତି । ସାବିତ୍ରୀଙ୍କୁ 'ଓଁ ଶ୍ରୀଂ, ହ୍ରୀଂ, କ୍ଲୀଂ, ସାବିତ୍ରୌ ସ୍ୱାହା' ମନ୍ତ୍ରରେ ପୂଜା କରିବା ବିଧେୟ ।
ଏ ବ୍ରତରେ ଦେବୀ ସାବିତ୍ରୀ, ଯମଦେବତା ଓ ସତ୍ୟବାନଙ୍କର ପୂଜା କରାଯାଏ । ବ୍ରତଚାରିଣୀମାନେ ଆନନ୍ଦ ମନରେ ପୂଜା ସାରି ଦେବୀଙ୍କୁ ପାଞ୍ଚଥର ପୁଷ୍ପାଞ୍ଜଳି ଦିଅନ୍ତି ଓ ଦୀପ ଦେଇ ପ୍ରଣାମ କରନ୍ତି । ପୂଜାକର୍ମ ପରେ ସାବିତ୍ରୀ, ଯମରାଜ ଓ ସତ୍ୟବାନଙ୍କ ଉଦ୍ଦେଶ୍ୟରେ ଘୃତାହୂତି ପ୍ରଦାନକରି ସାବିତ୍ରୀ ବ୍ରତକଥା ଶୁଣନ୍ତି ।

## ଅଟିଜିମ୍



ଏହି ସମସ୍ୟା ଆମର ମସ୍ତିଷ୍କ ସମ୍ବନ୍ଧିତ ହୋଇଥାଏ । ବିଶେଷଭାବେ ଜଣେ ବ୍ୟକ୍ତି ସମାଜରେ କିଭଳି ଅନ୍ୟ ଲୋକଙ୍କ ସହିତ ମିଶୁଛନ୍ତି ତାହା ମସ୍ତିଷ୍କ ଉପରେ ନିର୍ଭର କରିଥାଏ । ଯେଉଁମାନେ ଅଟିଜିମ୍‌ରେ ପୀଡିତ ହୋଇଥାଆନ୍ତି ସେମାନେ ଏହି ସାମାଜିକ ବାର୍ତ୍ତାଳାପ କରିବାରେ ସମସ୍ୟାରେ ପଡିଥାଆନ୍ତି । ଏହା ଶିଶୁଙ୍କର ଖୁବ ଛୋଟ ଦିନୁ ଦେଖିବାକୁ ମିଳିଥାଏ । ଯାହାଫଳରେ ସେମାନେ ଖେଳିବା, ପିଲାଙ୍କ ସହ ମିଶିବା, ସ୍କୁଲ୍‌ରେ ପାଠ ପଢିବା ଆଦି କାର୍ଯ୍ୟ କରିବାରେ ସମସ୍ୟାରେ ପଡିଥାଆନ୍ତି । ଏହି ସମସ୍ୟାର ଲକ୍ଷଣ ଖୁବ ଜଲଦି ଜଣା ପଡିଯାଇଥାଏ, ତେଣୁ ଆମକୁ ସବୁବେଳେ ଲକ୍ଷଣ ଉପରେ ଧ୍ୟାନ ଦେବାକୁ ହୋଇଥାଏ । ଯାହାଫଳରେ ଆମେ ଏନେଇ ଶୀଘ୍ର ଜାଣିବା ସହିତ ଡାକ୍ତରଙ୍କ ପରାମର୍ଶ କରିପାରିବା ।

### ଲକ୍ଷଣ

- ନିଜ ନାମ ଶୁଣି କୌଣସି ପ୍ରତିକ୍ରିୟା ନଦେବା ।
- ଏକା ରହିବାକୁ ପସନ୍ଦ କରିବା ।
- ନିଦ ଦୁନିଆରେ ନିଜେ ବ୍ୟସ୍ତ ରହିବା ।
- ଆଖିରେ ଆଖି ନ ମିଶେଇ ପାରିବା ।
- କଥା କହି ନପାରିବା ।
- ଯଦି କଥା କହିପାରୁଛନ୍ତି, ତେବେ ପାଟି ଲାଗିବା ।
- ଛୋଟଛୋଟ ସରଳ ପ୍ରଶ୍ନର ଉତ୍ତର ମଧ୍ୟ ଦେଇ ନପାରିବା ।
- କୌଣସି କାର୍ଯ୍ୟରେ ମନ ନଲାଗିବା ।
- ଚିଡଚିଡା ହେବା ।
- ଖାଦ୍ୟ ଠିକ୍ ଭାବେ ନଖାଇବା ।

## ସମ୍ପର୍କର କରନ୍ତୁ ସମୀକ୍ଷା



ଅନେକ ସମୟରେ ପରିବାରରେ ଦେଖିବାକୁ ମିଳେ ସଦସ୍ୟଙ୍କ ଭିତରେ ସମ୍ପର୍କ ଖରାପ ହେବାରେ ଲାଗିଥାଏ । ଏହି ସମ୍ପର୍କଗୁଡିକ ଯେପରି ଭିତରୁ ନଷ୍ଟ ହୋଇଯାଇଥାଏ । ତେବେ ଏଭଳି ସମୟରେ ସମ୍ପର୍କକୁ ଭାବନାତ୍ମକ ଭାବେ ସମୀକ୍ଷା କରିବାର ଆବଶ୍ୟକତା ରହିଛି । ନିଜ ପରିବାରରେ ଏହି ସମୀକ୍ଷା କିଛି ସମୟ ବ୍ୟବଧାନରେ ଅବଶ୍ୟ କରନ୍ତୁ, ଯେପରି ପରିବାରର ସମ୍ପର୍କ ବିଷୟରେ ଜାଣି ପାରିବେ । ତେବେ କିଛି କଥାରେ ଧ୍ୟାନ ଦିଅନ୍ତୁ ଯେପରି ଆପଣଙ୍କ ପରିବାରରେ ବିନା ଡରି ସମସ୍ତେ ନିଜର କଥା ରଖୁଛନ୍ତି କି ନାହିଁ । ସମସ୍ତ ସଦସ୍ୟଙ୍କୁ ନିଜ ମତ ଦେବାକୁ ସ୍ୱାଧୀନତା ମିଳୁଛି କି ନାହିଁ । ଘରେ କଥାବାର୍ତ୍ତା ହେବାର ସ୍ୱାଧୀନତା ରହିଛି କି ନାହିଁ । ଛୋଟ ପିଲା ଓ ବୟସ୍କଙ୍କୁ ମାନସିକ ସ୍ତରରେ ଶାନ୍ତି ମିଳୁଛି କି ନାହିଁ । ଏଭଳି କଥା ପ୍ରତି ଧ୍ୟାନ ଦିଅନ୍ତୁ । ଯଦି ଏ ସମସ୍ତ କଥା ସଠିକ୍ ଭାବେ ଆପଣଙ୍କ ପରିବାରରେ ହେଉଛି ତେବେ ଆପଣଙ୍କ ସମ୍ପର୍କ ସଠିକ୍ ଢଙ୍ଗରେ ପରିଚାଳିତ ହେଉଛି । ତେବେ ସବୁବେଳେ ନିଜ ସମ୍ପର୍କର ଯତ୍ନ ନିଅନ୍ତୁ ଏହା ଖୁବ ଜରୁରୀ ହୋଇଥାଏ ।

## ଇତିହାସ

୧୬୪୪– ପର୍ତ୍ତୁଗାଲ ବହାଲୀ ଯୁଦ୍ଧରେ ପର୍ତ୍ତୁଗାଲ ଏବଂ ମୋଣ୍ଟାଜୀ ଲଢ଼େଇରେ ସ୍ପେନ ବିଜୟ ହାସଲ କରିଥିଲା ।
୧୬୭୯– ବ୍ରିଟେନ ସଂସଦରେ ବନ୍ଦୀ ପ୍ରତ୍ୟକ୍ଷୀକରଣ ନିୟମକୁ ପାସ୍ କରାଯାଇଥିଲା ।
୧୭୦୩– ପର୍ତ୍ତୁଗାଲ ମହାସନ୍ଧିରେ ସାମିଲ ହୋଇଥିଲା ।
୧୮୦୫– ନେପୋଲିୟନ ଇଟାଲୀର ରାଜା ଭାବେ ଦାୟିତ୍ୱଗ୍ରହଣ କରିଥିଲେ ।
୧୮୨୨– ନରୱେର ନ୍ୟୁ ଚର୍ଚ୍ଚରେ ଲାଗିଥିବା ଅଗ୍ନିକାଣ୍ଡ କାରଣରୁ ୧୧୬ ଜଣଙ୍କର ମୃତ୍ୟୁ ଘଟିଥିଲା ।
୧୯୦୬– ଲଣ୍ଡନରେ ବକ୍ସହଲ୍ ବ୍ରିଜ ଖୋଲାଯାଇଥିଲା ।
୧୯୭୨– ଆମେରିକାରେ ପରମାଣୁ ପରୀକ୍ଷଣ କରାଯାଇଥିଲା ।
୧୯୮୩– ଜାପାନରେ ଭୂକମ୍ପ କାରଣରୁ ୧୦୪ ଜଣଙ୍କର ମୃତ୍ୟୁ ।

## ହାହାଃ..ହାହାଃ..



ରାମୁ – ଡାକ୍ତରବାବୁ, ମୋର ମୁଣ୍ଡ ବିନ୍ଧା ହେଉଛି ।
ଡାକ୍ତର – ତେବେ ଏହାର କାରଣ କଣ ବୁଝିବାକୁ ହେବ। ଏହି କାରଣକୁ ଜୀବନରୁ ଦୂର କରିଦିଅ ସବୁ ଠିକ୍ ହୋଇଯିବ ।
ରାମୁ – କାରଣ ମୁଁ ଜାଣିଛି, କିନ୍ତୁ ଏହାକୁ ଦୂରେଇ ପାରିବି ନାହିଁ ।
ଡାକ୍ତର – କାରଣ କ'ଣ ?
ରାମୁ – ମୋ ସ୍ତ୍ରୀ

## ମୌସୁମୀ ସଂକ୍ରମଣ

**ମନସୁନ୍ ଆସିଲେ ଏହାକୁ ଉପଭୋଗ କରିବାର ଭାବନା ମନରେ ଜାଗିଉଠେ । ହେଲେ ଏହା ଯେତିକି ଆନନ୍ଦମୟ, ସତର୍କ ନ ରହିଲେ ସେତିକି ଦୁଃଖଦାୟକ । ଏହିଦିନେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜୁଥିବାରୁ ଏଥିପ୍ରତି ସତର୍କ ଓ ସଜାଗ ରହିବା ଜରୁରୀ ମଧ୍ୟ ।**

ମନସୁନ୍‌ରେ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ । ଏହି ଦିନେ ଡେଙ୍ଗୁ ଜ୍ୱର, ଭାଇରାଲ ଜ୍ୱର, କାଶ, ଥଣ୍ଡା, ସର୍ଦ୍ଦି,ଖାଦ୍ୟ ସଂକ୍ରମଣ, ଆଖିଧରା, ଚିକେନପକ୍ସ ଭଳି ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଥାଏ । ତେଣୁ ଏହି ଦିନେ ସୁସ୍ଥ ରହିବା ପାଇଁ ଖାଦ୍ୟପେୟ ଉପରେ ଅଧିକ ଧ୍ୟାନ ରଖିବାକୁ ପଡ଼ିଥାଏ । ବର୍ଷା ଦିନେ ଅନେକଙ୍କ ପାଖରେ ଖାଦ୍ୟ ସଂକ୍ରମଣର ସମସ୍ୟା ଦେଖିବାକୁ ମିଳିଥାଏ । ଏହି ଦିନେ ପାଗ ଥଣ୍ଡା ଓ କୋହଲା ରହିଥାଏ, ଯାହା ବିଭିନ୍ନ ପୋକ, ରୋଗଜୀବାଣୁଙ୍କ ବଂଶ ବିସ୍ତାର ପାଇଁ ଅନୁକୂଳ ହୋଇଥାଏ । ତେଣୁ ଏହି ସମୟରେ ବାହାରେ ଖାଇବାଠାରୁ ନିବୃତ୍ତ ରହିବାର ଆବଶ୍ୟକତା ଅଧିକ ରହିଥାଏ । ବର୍ଷାଦିନେ କଞ୍ଚା ଖାଦ୍ୟଠାରୁ ଦୂରେଇ ସିଝାଇ ଖାଆନ୍ତୁ ।
ବର୍ଷା ଦିନେ ଶ୍ୱାସ ସମ୍ବନ୍ଧୀୟ ସଂକ୍ରମଣ ଅଧିକ ହୋଇଥାଏ । ଯାହାଫଳରେ କାଶ, ଥଣ୍ଡା, ଗଳା ଦରଜ, ଛାତିରେ ଯନ୍ତ୍ରଣା, ନାକରୁ ପାଣି ବାହାରିବା ଆଦି ଦେଖାଦିଏ । ବିଶେଷ କରି ଛୋଟପିଲା ଓ ବୟସ୍କମାନଙ୍କ କ୍ଷେତ୍ରରେ ଏହା ଅଧିକ ଦେଖିବାକୁ ମିଳିଥାଏ । ତେଣୁ ସେମାନଙ୍କ ବିଶେଷ ଯତ୍ନ ନେବାକୁ ହୋଇଥାଏ । ତେଣୁ ଔଷଧ ଅପେକ୍ଷା ଘରୋଇ ଉପଚାର ଆପଣାଇବା ଭଲ । ସକାଳ ସନ୍ଧ୍ୟା ଦୁଇ ବେଳା ଅଦା, ଲବଙ୍ଗ ପକା ଚା' ପିଅନ୍ତୁ । ପ୍ରତିଦିନର ମିଲ୍ସରେ ଭିଟାମିନ୍ ସି' ଆଡ୍ କରନ୍ତୁ । ଖାଦ୍ୟରେ କମଳା, ଲେମ୍ବୁ, ଷ୍ଟ୍ରବେରୀ ଆଦି ଆଡ କରନ୍ତୁ । ତେବେ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଖାଦ୍ୟରେ ଅଧିକ ମାତ୍ରାରେ ଫଳ ଓ ପନିପରିବା ସାମିଲ କରନ୍ତୁ ।



## ଖୁସି ଦେଇଥାଏ ମା'ଙ୍କ ଶାଢି



ଅନେକ ସମୟରେ ଦେଖିବାକୁ ମିଳେ ଶ୍ରୀଦେବୀଙ୍କ ଉଭୟ ଝିଅ ଖୁସି ଓ ଜାହ୍ନବୀ ମାଆଙ୍କୁ ବିଭିନ୍ନ ଉପାୟରେ ମନେ ପକାଇ ଥାଆନ୍ତି । ଅନେକ ଇଭେଣ୍ଟରେ ଉଭୟ ଶ୍ରୀଦେବୀଙ୍କ ଶାଢିକୁ ଖୁବ ଆଗ୍ରହରେ ପିନ୍ଧୁଥିବାର ଦେଖିବାକୁ ମିଳେ । ତେବେ ଏହା ପଛର କାରଣ ନେଇ ଖୁସି ମନଖୋଲା ଗଣମାଧ୍ୟମରେ କଥା ହୋଇଛନ୍ତି । ମାଙ୍କୁ ହରାଇବା ତାଙ୍କ ଜୀବନର ସବୁଠାରୁ ବଡ ଦୁଃଖ । ଅନେକ ସମୟରେ ସେ ମାଆଙ୍କୁ ମନେପକାଇଥାଆନ୍ତି । ଜୀବନର କିଛି ସ୍ପେସାଲ ଇଭେଣ୍ଟହେଲେ ସେ ଚାହାନ୍ତି ତାଙ୍କ ମା ତାଙ୍କ ପାଖରେ ରୁହନ୍ତୁ । ତେଣୁ ସେ ତାଙ୍କ ଶାଢିକୁ ପିନ୍ଧିଥାଆନ୍ତି ବୋଲି ମତ ଦେଇଛନ୍ତି । ମାଆଙ୍କ ଶାଢି ତାଙ୍କୁ ଖୁବ ଖୁସି ଦେଇଥାଏ, ସେ ତାଙ୍କୁ ନିଜ ପାଖରେ ଅନୁଭବ କରିଥାଆନ୍ତି ବୋଲି ଖୁସି ମତ ଦେଇଛନ୍ତି । ଏହା ତାଙ୍କୁ ସବୁବେଳେ ମାନସିକ ସ୍ତରରେ ଖୁବ ସାହାଯ୍ୟ କରିଥାଏ ବୋଲି ଖୁସି ପ୍ରକାଶ କରିଛନ୍ତି ।

## ଆଜି ସାବିତ୍ରୀ

# ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିବେ ସ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ଆସନ୍ତାକାଲି(ସୋମବାର) ସାବିତ୍ରୀ ବ୍ରତ । ସଧବା ମହିଳାଙ୍କ ପାଇଁ ଉପାସନାର ଶ୍ରେଷ୍ଠ ଦିନ । ସ୍ୱାମୀଙ୍କ ଦୀର୍ଘାୟୁ ଜୀବନ କାମନା କରି ବିବାହିତାମାନେ ଏହି ବ୍ରତ କରିବେ । ସକାଳୁ ଅପରାହ୍ଣ ଯାଏଁ ମହିଳାମାନେ ପୂଜା କାର୍ଯ୍ୟରେ ବ୍ୟସ୍ତ ରହିବେ । ଏହି ବ୍ରତକୁ ନେଇ ବିବାହିତାମାନେ ଉତ୍ସାହିତ ଥିବା ବେଳେ ସେମାନଙ୍କର ସ୍ୱାମୀମାନେ ଅଥବା ବାପଘର ଲୋକେ ସାବିତ୍ରୀ ବଜାରରେ ଅହେତୁକ ଦର ବୃଦ୍ଧି ପାଇଁ ଚିନ୍ତା ପ୍ରକଟ କରିଛନ୍ତି ।



ସାବିତ୍ରୀ ପାଇଁ ହାଟ-ବଜାର ଖୁବ୍ ଚଳଚଞ୍ଚଳ ହୋଇଛି । ଲୁଗା ଦୋକାନରୁ ଫଳ ଦୋକାନ ସବୁଠି ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି । ସାବିତ୍ରୀ ବଜାର ପାଇଁ ବ୍ୟବସାୟୀମାନେ ଭଳିକି ଭଳି ଜଙ୍ଗଲୀ ଫଳର ପସରା ମେଲାଇ ବସିଛନ୍ତିଛ । ଜଙ୍ଗଲୀ ଫଳ କେନ୍ଦୁ, ଜାମୁ, କୁସୁମ, ଖଜୁରୀ ସହିତ ଚାଷଜମିରୁ ମିଳୁଥିବା ଫଳଫଳମୁଳ କିଣି ନେଉଛନ୍ତି ଗ୍ରାହକ । ଦରଦାମ ଅଧିକ ଥିବାରୁ ଗ୍ରାହାକ ଅସନ୍ତୋଷ ଥିବା ବେଳେ ଚଢ଼ା ଦରରେ କିଣି ଅଳ୍ପ ଲାଭରେ ବିକୁଥିବା କହିଛନ୍ତି ଫଳ ବେପାରୀ ।

ପ୍ରତିବର୍ଷ ଭଳି ଏଥର ମଧ ସାବିତ୍ରୀ ବଜାରରେ ଦରଦାମ ବୃଦ୍ଧି ଘଟିଥିବା ପରିଲକ୍ଷିତ ହୋଇଛି । ଏଥର କିନ୍ତୁ ଆଉ ଟିକେ ଭିନ୍ନ । କିଛି ଫଳ ଦୋକାନରେ ଗ୍ରାହକଙ୍କୁ ଦୋକାନୀମାନେ ଲିଚୁ କିଲୋରେ ଦେବାକୁ ରାଜି ନୁହଁନ୍ତି । ତେଣୁ ଗ୍ରାହକଙ୍କୁ ଲିଚୁ ଗୋଟିକୁ ଦଶ ଟଙ୍କା ଦେଇ କିଣିବାକୁ ପଡୁଛି । ରାଜଧାନୀ ଭୁବନେଶ୍ୱରରେ ଲିଚୁ କିଲୋ ପିଛା ୨୮୦ ଟଙ୍କାରେ ବିକ୍ରି ହୋଇଛି । ଦର ବୃଦ୍ଧି ଗ୍ରାହକଙ୍କୁ କଷ୍ଟ ହେଉଥିଲେ ମଧ ବାଧ ହୋଇ କିଣୁଛନ୍ତି । ତେବେ ଲିଚୁ ଦର ବୃଦ୍ଧି ନେଇ କାରଣ ଜାଣିବାକୁ ଚେଷ୍ଟା କରାଯିବାରୁ ଜଣା ପଡ଼ିଛି ଯେ, ଏଥର ଜଳବାୟୁ ପରିବର୍ତ୍ତନ ଓ କୁଆପଥର ଯୋଗୁଁ ରାଜ୍ୟରେ ଲିଚୁ ଚାଷ ବ୍ୟାପକ ପ୍ରଭାବିତ ହୋଇଛି । ବାହାର ରାଜ୍ୟରୁ ଆସୁଥିବା ଲିଚୁ ଓଡ଼ିଶା ବଜାରରେ ରାଜ୍ କରୁଛି, ଯେଉଁଥି ପାଇଁ ଦର ବଢ଼ିଛି ।



ଚଳିତ ବର୍ଷ ଦେବଗଡ଼ ଜିଲ୍ଲାରେ ଲିଚୁ ଚାଷ ଉଜୁଡି ଯାଇଛ । ଏହାରି ମଧରେ ଯାହା କିଛି ଉତ୍ପାଦନ ହୋଇଛି, ତାହା ମଧ ଉତ୍ସାହଜନକ ନୁହେଁ । ବିଗତ ୩ବର୍ଷର ରେକର୍ଡ ଯଦି ଦେଖିବା ପ୍ରତିବର୍ଷ ଉତ୍ପାଦନ ହ୍ରାସ ପାଉଛ । ଫଳରେ ଚାଷୀମାନେ ଲିଚୁ ଚାଷ ପ୍ରତି ମୁହଁ ଫେରାଉଛନ୍ତି । ଦେବଗଡ଼ର ବାରକୋଟ ବ୍ଲକ କଲ୍ଲା, ସୋଇଡ଼ା, କଣ୍ଟାପାଲି ଓ ରଙ୍ଗେଇ ଅଞ୍ଚଳରେ ଲିଚୁ କରାଯାଉଛି । ସେହିପରି ସମ୍ବଲପୁର ଜିଲ୍ଲା କୁଚିଣ୍ଡା, ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାରେ ମଧ ଲିଚୁ ଚାଷ ବ୍ୟାପକ ଭାବେ ପ୍ରଭାବିତ ହୋଇଛି ।

### ବଜାରରେ ପ୍ରବଳ ଭିଡ଼, ଦର ବୃଦ୍ଧି ଚିନ୍ତା ବଢ଼ାଇଛି

ଫଳ ବଜାରରେ ଗ୍ରାହକଙ୍କ ନାହିଁ ନଥିବା ଭିଡ଼ । ହେଲେ ଦର ଦାମ ଶୁଣି ହୋସ ଉଡ଼ିଯାଉଛି । ଆମ୍ବ କିଲୋ ପ୍ରତି ୭୦ରୁ ୧୦୦ ଟଙ୍କା ଥିବା ବେଳେ ଅଙ୍ଗୁର କିଲୋ ୧୬୦ରୁ ୨୦୦ ଟଙ୍କା ରହିଛି । ସେଓ କିଲୋ ୩୦୦, ଡାଳିମ୍ବ କିଲୋ-୩୦୦ ଟଙ୍କା, ପଣସ ଗୋଟା ୧୦୦ରୁ ୨୦୦, ସପୁରୀ ଗୋଟା ୪୦ରୁ ୭୦ ଟଙ୍କା ଓ ପାଚିଲା କଦଳୀ ୧୨ଟାକୁ ୧୨୦ ଟଙ୍କା ଥିବା ଜଣାପଡ଼ିଛି ।

## ନିଳାଦ୍ରି ବିଜେ ପୂର୍ବରୁ ସରିବ ରତ୍ନଭଣ୍ଡାର ମରାମତି

ଭୁବନେଶ୍ୱର(ସବ୍ୟୁ): ରତ୍ନଭଣ୍ଡାର ମରାମତି କାମ ଖୁବଶୀଘ୍ର ସରିବା ନେଇ ସୂଚନା ଦେଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ରଥଯାତ୍ରାରୁ ନୀଳାଦ୍ରି ବିଜେ ମଧ୍ୟରେ ରତ୍ନଭଣ୍ଡାର ମରାମତି କାମ ଶେଷ ହେବ । ଚନ୍ଦନ ଯାତ୍ରା ଅବସରରେ ଠାକୁରଙ୍କ ଚାପ ଖେଳ ହେଉଥିଲା । ଯେଉଁଥିପାଇଁ ଏବେ ମରାମତି କାମ ବନ୍ଦ ଥିବା କହିଛନ୍ତି ମନ୍ତ୍ରୀ । ଆଇନ ମନ୍ତ୍ରୀ କହିଛନ୍ତି, ଠାକୁର ରଥକୁ ଆସିଲେ ମରାମତି କାମ ଆରମ୍ଭ ହେବ ଓ ସରିବ । ରଥଯାତ୍ରାରେ ଗର୍ଭଗୃହରେ ଯେଉଁ ମରାମତି କାମ ହୁଏ ତାହାର ସମୀକ୍ଷା ହୋଇଛି । ମନ୍ଦିରର ଆବଶ୍ୟକତା ଦୃଷ୍ଟିରୁ ମନ୍ଦିର ପ୍ରଶାସକ ଓ ଏଏସଆଇ ଡିଜିଙ୍କୁ ଏନେଇ ଅବଗତ କରାଯାଇଛି । ମନ୍ଦିରର ସଂରକ୍ଷଣ ପାଇଁ ଯେଉଁ ସବୁ ଜ୍ଞାନକୌଶଳର ଆବଶ୍ୟକତା



ରହିଛି ସେନେଇ ମଧ ଆଲୋଚନା ହୋଇଛି । ମରାମତି ସମୟରେ ଯେପରି ଠାକୁରଙ୍କ ନୀତିକାନ୍ତିରେ କୌଣସି ବାଧା ନଉପୁଜେ ତାହା ଉପରେ ବିଶେଷ ଭାବେ ଦୃଷ୍ଟି ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

## ଏଏସ୍ଆଇ ଡ଼ିଜିଙ୍କ ଜଗନ୍ନାଥ ମନ୍ଦିରର ମରାମତି କାମର ସମୀକ୍ଷା

ପୁରୀ (ସବ୍ୟୁ): ଏଏସଆଇ ଡ଼ିଜି ଏବଂ ତାଙ୍କ ଟିମ ରବିବାର ପୁରୀ ଆସି ଜଗନ୍ନାଥ ମନ୍ଦିରର ମରାମତି କାମର ସମୀକ୍ଷା କରିବା ସହିତ ରତ୍ନ ଭଣ୍ଡାର କାମର ସମୀକ୍ଷା ମଧ କରିଛନ୍ତି । ରଥଯାତ୍ରା ସମୟରେ ଗର୍ଭ ଗୃହରେ ଯେଉଁ ଯେଉଁ ମରାମତି କାମ ହୁଏ ସେ ନେଇ ସମୀକ୍ଷା ହୋଇଛି । ମନ୍ଦିର ଢାଞ୍ଚାରେ କୌଣସି ପରିବର୍ତନ ନ କରି ପବିତ୍ର ପୀଠର ସଂରକ୍ଷଣ ବାବଦରେ ଆଲୋଚନା ହୋଇଛି । ମନ୍ଦିରର ଆବଶ୍ୟକତା ଦୃଷ୍ଟି କୋଣରୁ ମନ୍ଦିର ପ୍ରଶାସକ ଏଏସଆଇ ଡିଜିଙ୍କୁ ଅବଗତ କରାଇଛନ୍ତି । ମନ୍ଦିରର ସଂରକ୍ଷଣ ପାଇଁ ଯେଉଁ ସବୁ ଜ୍ଞାନ କୌଶଳର ଆବଶ୍ୟକତା ରହିଛି ସେ ନେଇ ଆଲୋଚନା ହୋଇଛି । ରତ୍ନ ଭଣ୍ଡାର ମରାମତି ବନ୍ଦ ଅଛି । ଠାକୁରଙ୍କ ଚାପ ଖେଳ ପାଇଁ ରତ୍ନ ଭଣ୍ଡାର ମରାମତି ବନ୍ଦ ଅଛି । ଠାକୁରଙ୍କ ନୀତିକାନ୍ତି ଉପରେ ଗୁରୁତ୍ୱ ଦିଆଯାଉଛି । ଠାକୁର ରଥକୁ ଆସିଲେ ମରାମତି କାମ ଆରମ୍ଭ ହେବ ଏବଂ ନୀଳାଦ୍ରି ବିଜେ ଭିତରେ ମରାମତି କାମ ଶେଷ କରିବାକୁ ଲକ୍ଷ ଧାର୍ଯ୍ୟ କରାଯାଇଛି ବୋଲି କହିଛନ୍ତି ଏଏସଆଇ ଡିଜି ।

## ଜଳିଗଲା ଗଦି କମ୍ପାନୀ

# ନିଆଁ ଆୟତ୍ତ କଲା ରୋବଟ୍ କୃଷ୍ଣ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ଏକ ଗଦି କମ୍ପାନୀରେ ନିଆଁ ଲାଗି ସବୁ ଜଳିପୋଡି ଯାଇଛି। ସର୍ଟ୍ ସର୍କିଟ୍‌ରୁ ନିଆଁ ଲାଗିଥିବା କୁହାଯାଉଥିବା ବେଳେ ପ୍ରକୃତ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ୬ ଘଣ୍ଟା ପରେ ନିଆଁକୁ ଆୟତ୍ତ କଲା ରୋବଟ୍ କୃଷ୍ଣ।



ଶନିବାର ବିଳମ୍ବିତ ରାତିରେ ନିଆଁ ଲାଗିଥିବା ଅଗ୍ନିଶମ ବାହିନୀ ଓ ପୋଲିସ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ମଞ୍ଚେଶ୍ୱର, କଳ୍ପନା, ଚନ୍ଦ୍ରଶେଖରପୁର, ଅଗ୍ନିଶମ ବାହିନୀର ୬ ଟି ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲେ। ଶେଷରେ ନିଆଁକୁ ଆୟତ୍ତ କରିବା ପାଇଁ ରୋବଟ୍ କୃଷ୍ଣର ବ୍ୟବହାର ହୋଇଥିଲା। ରୋବଟ୍‌କୁ ଏଲ୍‌ଇଡି ସ୍କ୍ରିନ୍‌ରେ ଗାଡି ଉପରୁ ଅପରେଟ୍ କରାଯାଉଥାଏ। ଦୀର୍ଘ ୬ ଘଣ୍ଟା ସମୟ ଲାଗିଲା ନିଆକୁ ଆୟତ୍ତ କରିବା ପାଇଁ। ବିଳମ୍ବିତ ରାତିରୁ ସକାଳ ପର୍ଯ୍ୟନ୍ତ ନିଆଁ ଲିଭା କାର୍ଯ୍ୟ ଜାରି ରହିଥିଲା। ଗଦି ତିଆରିରେ କେମିକାଲ୍ ବ୍ୟବହାର ହେଉଥିବାରୁ ଧୂଆଁ ଓ ନିଆଁର ଧାସ ବହୁ ଉଚ୍ଚକୁ ଉଠୁଥାଏ। ଗଦି କମ୍ପାନୀ ନାଁ ଟିକେ ଫୋମ୍ସ ଲିମିଟେଡ୍ ବୋଲି ଜଣାପଡିଛି। କେମିକାଲ୍ ପାଇଁ ନିଆଁ ଆୟତ୍ତ କରିବା କଷ୍ଟ ହୋଇଥିଲା। ଅଗ୍ନିଶମ କମାଣ୍ଡୋଙ୍କ ପକ୍ଷେ।

## ସର୍କଲ ଜେଲରେ ବିଚାରଧୀନ କଏଦୀଙ୍କ ଆତ୍ମହତ୍ୟା

ଚୌଦ୍ୱାର,(ସବ୍ୟୁ.) : ଚୌଦ୍ୱାର ଥାନା ଅନ୍ତର୍ଗତ ସର୍କଲ ଜେଲ କଟକରେ ଜଣେ ବିଚାରଧୀନ କଏଦୀ ଆତ୍ମହତ୍ୟା କରିଥିବା ବେଳେ ଏହାର କାରଣ ଅସ୍ପଷ୍ଟ ରହିଛି । ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡ଼ା ପଂଚାୟତ ବଡ଼ସାମନ୍ତରାପୁର ଗ୍ରାମର ବିଷ୍ଣୁପ୍ରସାଦ ସ୍ୱାଇଁ ଗତ ୨୯ମାର୍ଚ୍ଚ ୨୦୨୧ରେ ନିଜ ସମ୍ପର୍କୀୟ ଭାଇଙ୍କ ହତ୍ୟାଘଟଣାରେ ସମ୍ପୃକ୍ତ ଥାଇ ଜେଲରେ ଜଣେ ବିଚାରଧୀନ କଏଦୀ ଭାବେ ସଜା କାଟୁଥିଲେ । କିଛିଦିନ ତଳେ ତାଙ୍କ ମାଆଙ୍କ ମୃତ୍ୟୁ ପରେ ଶୁଦ୍ଧିକ୍ରିୟା ପାଇଁ ସେ ୧୦ଦିନ ପାଇଁ ଘରକୁ ଯାଇଥିବା ବେଳେ ୧୧ତାରିଖରେ ଜେଲକୁ ଫେରିଥିଲେ । ଘରୁ ଜେଲକୁ ଫେରିବା ପରେ ସେ ମାନସିକ ଚିନ୍ତାରେ ରହୁଥିଲେ । ଶନିବାର ସେ ଜେଲ ପରିସରରେ ଥିବା ଏକ ଆମ୍ବଗଛରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ । ଖବର ପାଇ ଜେଲ କର୍ତ୍ତୃପକ୍ଷ ତାଙ୍କୁ କଟକ ବଡ଼ମେଡ଼ିକାଲ ପଠାଇଥିଲେ । ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ତାଙ୍କର ଗୋଟିଏ ଛୋଟ ଝିଅ ଅଛି । ମାଆ ର ଶୁଦ୍ଧିକ୍ରିୟା ପାଇଁ ଘରକୁ ଯାଇଥିବା ସମୟରେ ସ୍ୱାମୀସ୍ତ୍ରୀଙ୍କ ସହିତ ଅନେକ ସମୟରେ ମତାନ୍ତର ମଧ ହେଉଥିଲା ବୋଲି କୁହାଯାଉଛି । ତେବେ ସେ କେଉଁ ପରିପ୍ରେକ୍ଷୀରେ ଆତ୍ମହତ୍ୟା କଲେ ତାହା ଅସ୍ପଷ୍ଟ ରହିଛି । ଅପରପକ୍ଷରେ ଜେଲରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଖବର ଲେଖା ହେଲା ବେଳକୁ ପରିବାର ପକ୍ଷରୁ ଥାନାରେ କୌଣସିପ୍ରକାର ଅଭିଯୋଗ ହୋଇନଥିବା ଜଣାପଡ଼ିଛି ।

## ଅଣ୍ଡରଗ୍ରାଉଣ୍ଡରେ ଦୌଡ଼ିବ ଭୁବନେଶ୍ୱର ମେଟ୍ରୋ

ଭୁବନେଶ୍ୱର(ସବ୍ୟୁ): ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ନେଇ ନୂଆ ସୂଚନା ଆସିଛି । ରାଜ୍ୟ ସରକାର ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ୍ ବ୍ରିଜ୍ ଉପର ବଦଳରେ ମାଟି ଭିତର ଦେଇ ଚଳାଚଳ କରିବାକୁ ଯୋଜନା କରୁଛନ୍ତି । ଏଥିପାଇଁ ପ୍ରାୟତଃ ପ୍ରସ୍ତୁତି ସମ୍ପର୍କିତ ଆଲୋଚନା ମଧ ହୋଇସାରିଛି । କୋଲକାତା ମେଟ୍ରୋ ଟ୍ରେନ୍ ଭଳି ଭୁବନେଶ୍ୱର ମେଟ୍ରୋ ରେଳ ଅଣ୍ଡରଗ୍ରାଉଣ୍ଡ ହେବ । ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ନେଇ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି ।

ଶ୍ରୀ ହରିଚନ୍ଦନ କହିଛନ୍ତି, ରାଜ୍ୟର ରାଜଧାନୀ ଭୁବନେଶ୍ୱରର ଜନସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ଏହି କାରଣରୁ ଜନଗହଳି ବୃଦ୍ଧି ପାଇବାରେ ଲାଗିଛି । ଭୁବନେଶ୍ୱରରେ ଯେଉଁଭଳି ଭାବେ ଦିନକୁ ଦିନ ଭିଡ଼ ନିୟନ୍ତ୍ରଣ ବାହାରକୁ ଯାଉଛି, ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବଡ଼ ପ୍ଲାନ୍ କରିଛନ୍ତି । ସେଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ଅଣ୍ଡରଗ୍ରାଉଣ୍ଡ କରାଯିବାକୁ ନିଷ୍ପତ୍ତି ହୋଇଛି ।

ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ରେଳ ପାଇଁ ତତ୍କାଳୀନ ସରକାରରେ ମୂଳଦୁଆ ପଡ଼ିଥିଲା । ଗତବର୍ଷ ଜାନୁଆରୀ ପହିଲାରେ



ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଟ୍ରୋ ରେଳ ପାଇଁ ତ୍ରିଶୁଳିଆ ନିକଟ ରତଗଡ଼ର ଲେଙ୍କା ସାହିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ପାଇଁ ମୋଟ ୬୨୫୫ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ପକଳ୍ପର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏୟାରପୋର୍ଟଠାରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ୨୬ କିଲୋମିଟର ପର୍ଯ୍ୟନ୍ତ ଏହି ମେଟ୍ରୋ ରେଳ ଚାଲିବ । ପରବର୍ତ୍ତୀ ସମୟରେ ଏହା ଏସସିବି ପର୍ଯ୍ୟନ୍ତ ସଂପ୍ରସାରଣ ହେବ । ଏହା ମଧରେ ମୋଟ ୨୨ଟି ଷ୍ଟେସନ ରହିବ । ରାଜମହଲ, ଜୟଦେବ ବିହାର, କ୍ୟାପିଟାଲ ହସ୍ପିଟାଲ, ପଟିଆ ପ୍ରଭୃତି ପ୍ରମୁଖ ସ୍ଥାନ ସହ ଅନ୍ୟ ଜାଗାରେ ଷ୍ଟେସନ ବ୍ୟବସ୍ଥା ହେବ । ଏହି ପ୍ରକଳ୍ପର ନିର୍ମାଣ କାମ ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।

## ପୋଲିସକୁ ଆକ୍ରମଣ କରି ଅଭିଯୁକ୍ତଙ୍କୁ ଛଡାଇ ନେଲେ

ଭୁବନେଶ୍ୱର, (ସବ୍ୟୁ) : ପୋଲିସ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଛଡାଇ ନେଲେ । ଏହି ଘଟଣାରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ତିନିଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୋଲିସ। ହେମନ୍ତ ସମେତ ଅନ୍ୟ ଅଭିଯୁକ୍ତମାନେ ପୋଲିସକୁ ଆକ୍ରମଣ କରିବା ପରେ ଫେରାର ହୋଇଗଲେ। ୩ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଥିବା ପୋଲିସ କହିଛି।

ହେମନ୍ତ କୁମାର ସେନାପତି ନାମକ ଜଣେ ଯୁବକ ୩୩୫/୨୦୨୪ ନମ୍ବର କେଶ୍‌ର ଅଭିଯୁକ୍ତ ଥାଇ ଫେରାର ଥିଲା। ମାମଲା ତଦନ୍ତ ଚାଲିଥିବାରୁ ହେମନ୍ତ କୁହାଠାରେ ଥିବା ନିଜ ଫାର୍ମ ହାଉସ୍‌ରେ ଲୁଚିଥିବା ପୋଲିସ ଖବର ପାଇଥିଲା। ମିଳିଥିବା ସୂଚନା ଆଧାରରେ ତଦନ୍ତକାରୀ ଅଫିସର ଅନ୍ୟ ସହକର୍ମୀମାନଙ୍କୁ ସାଙ୍ଗରେ ଫାର୍ମ ହାଉସରେ ଚଢାଉ କରି ଅଭିଯୁକ୍ତକୁ ଗିରଫ କରିଥିଲେ। ପୋଲିସ ଭ୍ୟାନରେ ହେମନ୍ତକୁ ବସାଇବାକୁ ଆଣିବା ବେଳେ ଗିରଫ ଅଭିଯୁକ୍ତମାନେ ଗାଡି ଆଗରେ ଠିଆ ହୋଇଗଲେ। ପୋଲିସଙ୍କୁ ହଠାତ୍ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ପୋଲିସ ଅଫିସର ସେମାନଙ୍କୁ ବିରୋଧ କରିବାରୁ ଅଭିଯୁକ୍ତ ହେମନ୍ତ ଓ ଗିରଫ ମହିଳା ସୁଲୋଚନା ସେନାପତି ତାଙ୍କ ସାର୍ଟ କଲର ଭିଡି ଧରିବା ସହ ବେକ ଚିପି ଜୀବନରୁ ମାରିଦେବା ପ୍ରୟାସ କରିଥିଲେ।

ସେଠାରେ ଉପସ୍ଥିତ ଥିବା ଅନ୍ୟ ଅଭିଯୁକ୍ତ ଶରତ କୁମାର ସେନାପତି, ସୌମ୍ୟରଞ୍ଜନ ସେନାପତି ଏବଂ ସତ୍ୟରଞ୍ଜନ ସେନାପତି ପୋଲିସ କର୍ମଚାରୀଙ୍କ ବାଟ ଓଗାଳିବା ସହ ସେମାନଙ୍କୁ ଧକା ମାରିଥିଲେ। ପୋଲିସ କର୍ମଚାରୀମାନେ ଏକତ୍ରିତ ହୋଇ ଅଭିଯୁକ୍ତମାନଙ୍କୁ କବଳରୁ ଅଫିସରଙ୍କୁ ଉଦ୍ଧାର କରିଥିବାବେଳେ ଅଭିଯୁକ୍ତମାନେ ହେମନ୍ତକୁ ପୋଲିସ ହେପାଜତରୁ ଛଡାଇ ନେଇଥିଲେ। ପୂନର୍ବାର ସେଠାକୁ ଗଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଶରତ କୁମାର ସେନାପତି (୫୭), ସୁଲୋଚନା ସେନାପତି(୫୪), ସୌମ୍ୟରଞ୍ଜନ ସେନାପତି(୨୯) କୁ ଗିରଫ କରାଯାଇଥିବା ବେଳେ ହେମନ୍ତ ସମେତ ଅନ୍ୟମାନେ ଘଟଣା ସ୍ଥଳରୁ ଖସିଗଲେ ବୋଲି ପୋଲିସ କହିଛି।




### ସମ୍ବଲପୁରରେ ଦୁର୍ଗାପାଲି ରେଳବାଇ ଓଭରବ୍ରିଜ ଉଦଘାଟିତ

# ବ୍ରିଜ୍ ଦ୍ୱାରା ଲୋକଙ୍କ ଯାତାୟତ ସୁଗମ ହେବ : ଧର୍ମେନ୍ଦ୍ର




ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ୬୦ କୋଟି ୪୩ ଲକ୍ଷ ୭୮ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଦୁର୍ଗାପାଲି ରେଳବାଇ ଓଭରବ୍ରିଜର ଉଦଘାଟନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଓଭରବ୍ରିଜ୍ ସମ୍ବଲପୁର ସହରକୁ ଅଧିକ ସୁନ୍ଦର ଓ ଆଧୁନିକ କରିବା ପାଇଁ ଏହା ଏକ ଭଲ ପଦକ୍ଷେପ । ଏହି ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ୍ ନିୟନ୍ତ୍ରଣ ହ୍ରାସ ହେବା ସହ ଜନସାଧାରଣଙ୍କ ଯାତାୟତ ସୁରକ୍ଷିତ ଓ ସୁଗମ ହେବ । ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାରରେ ସମ୍ବଲପୁର ସହରକୁ ଏକ ଶ୍ରୀମନ୍ତ ସହରରେ ବିକଶିତ କରାଯିବ । ରାସ୍ତାଘାଟ, ପିଇବା ପାଣି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଅଣାଯିବ । ଯୋଗାଯୋଗ ଏବଂ ଆନୁଷଙ୍ଗିକ ଭିତ୍ତିଭୂମିକୁ ସୁଦୃଢ କରାଯିବ । ସମ୍ବଲପୁରରେ ରିଙ୍ଗ୍ ରୋଡ୍ କରାଯିବ । ସହର ମଧ୍ୟରେ ଥିବା ଆଭ୍ୟନ୍ତରୀଣ ରାସ୍ତା ତିଆରି କରାଯିବ । ମହାନଦୀ ଉପରେ ବ୍ରିଜ୍ ନିର୍ମାଣ ହେବ, ଯାହା ବୁର୍ଲା ଓ ହୀରାକୁଦକୁ ସଂଯୋଗ କରିବ । ସମ୍ବଲପୁର ସହରକୁ ଏକ ବୃହତ ମହାନିଗମ ନିଗମରେ ପରିଣତ କରିବା ପାଇଁ ଆମ ସରକାର ଅଙ୍ଗୀକାରବଦ୍ଧ । ଏହି ଅବସରରେ ଶ୍ରୀ ପ୍ରଧାନ ସମ୍ବଲପୁରରେ ଦେବଦମ୍ପତି ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ଅନନ୍ୟ ପର୍ବ ଶୀତଳ ଷଷ୍ଠୀ ପର୍ବରେ ସାମିଲ ହେବା ପାଇଁ ରାଜ୍ୟ ଏବଂ ଦେଶବାସୀଙ୍କୁ ନିମନ୍ତ୍ରଣ ଦେଇଛନ୍ତି ।

## ପିସିସି ଚାର୍ଜସିଟ୍ ଡ୍ରାଫ୍ଟିଂ କମିଟିରେ ନୂତନ ସଦସ୍ୟ, ଆବାହକ ନିଯୁକ୍ତ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ପିସିସି ଚାର୍ଜସିଟ୍ ଡ୍ରାଫ୍ଟିଂ କମିଟିରେ କେତେକ ନୂତନ ସଦସ୍ୟ ଓ ଅବାହାକଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ନିଯୁକ୍ତି ଦେଇଛନ୍ତି । ଏହି କମିଟିରେ ବିଧାୟକ ତାରାପ୍ରସାଦ ବାହିନିପତି, ବିଧାୟକ ଦାସରଥି ଗମାଙ୍ଗ, ଜଗଦାନନ୍ଦ ପ୍ରଧାନଙ୍କୁ ସଦସ୍ୟ ଭାବରେ ଓ ବାଙ୍କନିଧି ବେହେରାଙ୍କୁ ଆବାହକ ଭାବରେ ପିସିସିସ ଭାପତି ଶ୍ରୀ ଦାସ ନିଯୁକ୍ତି ଦେଇଛନ୍ତି ।

## ବିଧାନସଭାରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର(ସବ୍ୟୁ): ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗ ଦେଇ ବାଚସ୍ପତି ସୁରମା ପାଢ଼ୀ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ରୂପେଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ଗଜପତି ବିକାଶ ପରିଷଦର ବରିଷ୍ଠ କର୍ମକର୍ତ୍ତା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବୁଦ୍ଧିଜୀବ ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।



ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଏକାଧାରରେ ଆଦର୍ଶ ସୁଶାସକ, ପ୍ରଜାବତ୍ସଳ ଓ ଦୂରଦ୍ରଷ୍ଟା ରାଜା, ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ଏବଂ ସାହିତ୍ୟାନୁରାଗୀ । ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଥିଲା ଅତୁଳନୀୟ । ସେ ଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ଓଡ଼ିଶାରେ ଅନେକ ଜନହିତକର ଏବଂ ଉନ୍ନୟନମୂଳକ କାର୍ଯ୍ୟ କରିଯାଇଛନ୍ତି । ୧୯୧୪ ମସିହା ଡିସେମ୍ବର ମାସରେ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ 'ଉତ୍କଳ ସମ୍ମିଳନୀ'ର ଅଧିବେଶନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଉତ୍କଳର ଏକତ୍ରୀକରଣ ତଥା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦାବି କରି ଯେଉଁ ଓଜସ୍ୱିନୀ ବକ୍ତବ୍ୟ ଦେଇଥିଲେ ତାହା ଅନ୍ୟମାନଙ୍କୁ ଉଦ୍ବୁଦ୍ଧ ତଥା ଅନୁପ୍ରେରିତ କରିବା ସହିତ ସ୍ୱତନ୍ତ୍ର ପ୍ରଦେଶ ଗଠନର ମୂଳଦୁଆ ରଖିଥିଲା । ୧୯୭୪ ମସିହା ମେ'୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା ।

### ଏସ୍‌ସିବିରେ ରୋଗୀଙ୍କୁ ମିଳୁନି ବ୍ୟାଟେରୀ ଗାଡ଼ି

# ଅବ୍ୟବସ୍ଥା ଭିତରେ ସହାୟତା କେନ୍ଦ୍ର

କଟକ,(ସବ୍ୟୁ):ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ମିଳୁନି ବ୍ୟାଟେରୀ ଗାଡ଼ି ସୁବିଧା । ସହାୟତାକେନ୍ଦ୍ର ଥାଇ ମଧ୍ୟ ତାହା ରୋଗୀଙ୍କ କାମରେ ଆସୁନି । ଏପରିକି ସହାୟତା କେନ୍ଦ୍ରକୁ ଫୋନ୍ କଲେ ଏଥିପାଇଁ ଦାୟିତ୍ୱରେ ଥିବା କର୍ମଚାରୀ ଫୋନ କଲର ଉତ୍ତର ଦେଉ ନାହାନ୍ତି । ଫଳରେ କିଏ ହୁଇଲଚେୟାର ତ କିଏ ଷ୍ଟ୍ରେଚରରେ ସମ୍ପର୍କୀୟ ମାନେ ରୋଗୀଙ୍କୁ ବୋହୁଛନ୍ତି । ୨୪ ଘଣ୍ଟିଆ ସହାୟତା କେନ୍ଦ୍ର ରାତି ସମୟରେ ବନ୍ଦ ରହୁଛି । ସହାୟତା କେନ୍ଦ୍ରକୁ ଯାଇ ଯଦିଓ ରୋଗିଙ୍କ ସମ୍ପର୍କୀୟ ଅଭିଯୋଗ କରନ୍ତି ତେବେ ପୋଲିସ ଧମକ ଦେଇ ଦୁର୍ବ୍ୟବହାର କରାଯାଉଛି । ସେହିପରି ମେଡିକାଲରେ ରୋଗୀକୁ ଗୋଟିଏ ଜାଗାରୁ ଅନ୍ୟତ୍ର ନେବା ପାଇଁ ଷ୍ଟ୍ରେଚର ପାଇଁ ରୋଗୀଙ୍କ ସମ୍ପର୍କୀୟ କଲବଲ ହେଉଥିବାବେଳେ ସହାୟତାକେନ୍ଦ୍ର ନିକଟରେ ଷ୍ଟ୍ରେଚର ଗୁଡ଼ିକ ପଡ଼ି ରହିଛି । ହେଲେ ଏଥିପ୍ରତି କାହା ନିଘା ନାହିଁ ।

ଏସ୍‌ସିବି ମେଡିକାଲରେ ରୋଗୀଙ୍କ ନିମନ୍ତେ ଦୀର୍ଘ ୧୫ ବର୍ଷ ହେବ ବ୍ୟାଟେରି ଗାଡ଼ି ସୁବିଧା ଉପଲବ୍ଧ ରହିଛି । ଏହାକୁ ଦୃଷ୍ଟିରେ ରଖି ନାଲକୋ ପକ୍ଷରୁ ୧୫ଟି ବ୍ୟାଟେରି ଗାଡ଼ି ମେଡିକାଲକୁ ଯୋଗାଇ ଦିଆଯାଇଥିଲା । ଗାଡ଼ି ଗୁଡ଼ିକର ରକ୍ଷଣାବେକ୍ଷଣା ଓ ଏହାକୁ ପରିଚାଳନା ପାଇଁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । ଏହି ବ୍ୟାଟେରୀ ଗାଡ଼ିର ସେବା ରୋଗୀ ଯେପରି ସୁରୁଖୁରୁରେ ପାଇ ପାରିବେ ସେଥିପାଇଁ ମେଡିକାଲରେ ୪ଟି ସହାୟତାକେନ୍ଦ୍ର କରାଯାଇ ପ୍ରାୟ ୩୪ ଜଣ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା । ହେଲେ କର୍ମଚାରୀ ଡ୍ୟୁଟିରେ ଥାଇ ମଧ୍ୟ ରୋଗୀଙ୍କୁ ସହଯୋଗ କରୁ ନାହାଁନ୍ତି । ଏହି ସହାୟତା କେନ୍ଦ୍ର ୨୪ ଘଣ୍ଟିଆ ସେବା ଯୋଗାଇ ଦେବା ବଦଳରେ ରାତି ସମୟରେ ପ୍ରାୟତଃ ବନ୍ଦ ରହୁଛି । ଏପରିକି ସହାୟତାକେନ୍ଦ୍ରରେ ନାମ ଫଳକ ମଧ୍ୟ ରହି ନାହିଁ । ଯାହାକି ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା ପାଲଟୁଛି । ଏନେଇ ମେଡିକାଲକୁ ଆସିଥିବା ଜୈନେକ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ବ୍ୟାଟେରୀ ଗାଡ଼ିକୁ ଯୋଗାଯୋଗ କଲେ ଫୋନ କଲ ଉଠାଉ ନାହାନ୍ତି । ଏଥିପାଇଁ ଥିବା ସହାୟତା କେନ୍ଦ୍ରକୁ ଯିବାରୁ ସେଠାରେ କବାଟ ବନ୍ଦ ଥିବା ଦେଖି ଫେରି ଆସିଛୁ ।

### ରଥଯାତ୍ରା ପାଇଁ ରଥ ଖଳା ଚଳଚଞ୍ଚଳ

# ୪୨ ଚକ ନିର୍ମାଣ କାର୍ଯ୍ୟ ଶେଷ

ପୁରୀ (ସବ୍ୟୁ): ରବିବାର ବର୍ଷା ସତ୍ତ୍ୱେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଚାଲି ଥିବାର ଦେଖା ଯାଇଛି । ତିନି ରଥର ସମସ୍ତ ୪୨ ଗୋଟି ଚକ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ରବିବାର ଥିଲା ଶେଷ ସିଙ୍ଗଡ଼ା ବା ତୁମ୍ବ ସହ ଅର ସଂଯୋଗ । ଭୋଇ ସର୍ଦ୍ଦାର ରବି ଭୋଇ ଶେଷ ସିଙ୍ଗଡ଼ା ବାଡିଆ କରି ମା ଚର୍ଚ୍ଚିକାଙ୍କ ନିକଟରେ ପଣା ଭୋଗ ଓ ପୂଜାର୍ଚ୍ଚନା କରିଥିଲେ । ପବିତ୍ର ନୃସିଂହ ଚତୁର୍ଦ୍ଦଶୀରେ ଯନ୍ତା ଗାଡ ଖୋଲି ସିଙ୍ଗଡ଼ା ବାଡିଆ ଅନୁକୂଳ ହୋଇଥିଲେ । ସିଙ୍ଗଡ଼ା ବାଡିଆ ସହ ତିନି ରଥ ପାଇଁ ବଳକା ଥିବା ଗୋଟିଏ ଲେଖାଏଁ ଚକ କାର୍ଯ୍ୟ ଶେଷ ହୋଇଛି । ଏଥି ସହ ରଥ ନିର୍ମାଣ ପାଇଁ ଅଭାବ ଥିବା ଅଖ କାଠ ମଧ୍ୟ ଆଜି ପହଞ୍ଚିଛି । ରଥଖଳାରେ ଆଜି ୪୦ ଫୁଟିଆ ଅଖ ଏବଂ ଦଣ୍ଡା କାଠ ଆସି ପହଞ୍ଚିଛି । ଓଡିଶା ର ବିଭିନ୍ନ ବନଖଣ୍ଡ ରୁ ବଡ଼ ଦାଣ୍ଡ ରେ ପହଞ୍ଚିଛି ରଥ କାଠ । ଏହି କାଠରୁ ବ୍ୟବହାର ଉପଯୋଗୀ ଅଖ କାଠ ଭୋଇ ସେବକ ମାନେ ବାଛି ମହାରଣା ସେବକଙ୍କୁ ଯୋଗାଇବେ । ସେପଟେ ଆରମ୍ଭ ହୋଇଛି ୧୪ ନାହାକା ଚଉପଟ କାର୍ଯ୍ୟ । ଚକ ତୁମ୍ବରେ ସିଙ୍ଗଡ଼ା ବାଡିଆ ଶେଷ ହୋଇ ସିଙ୍ଗଡ଼ା କଟା ପରେ ଅର ମୁଖ ସାଲ ଶେଷ ହୋଇଛି । ପଇ ବିନ୍ଧ ଶେଷ ପର୍ଯ୍ୟାୟରେ ପହଁଚିଛି । ସୋମବାର ପଇ ସଂଯୋଗ ସହ ପଇ କଳସା କାର୍ଯ୍ୟ ହେବ । ଏଥି ସହ ତିନି ରଥର ୧୨ ଗୋଟି ଲେଖାଏଁ ଭୂଇଁ ଚଉତା ର ଚଉପଟ କାର୍ଯ୍ୟ ଶେଷ ହୋଇଛି ବିନ୍ଧ ଅନୁକୂଳ ହୋଇ ବିନ୍ଧ କାର୍ଯ୍ୟପାଇଁ ଚଉତାରେ ମାପ ଚିହ୍ନ ଦିଆ ଶେଷ ହୋଇଛି । ତିନି ରଥର ଚଉଦ ନହାକା ନିର୍ମାଣ କାର୍ଯ୍ୟ ପାଇଁ ରଥ ଅମୀନ ଯୋଗାଇଥିବା ୪ ଗୋଟି ଲେଖାଏଁ ୨୦ ଫୁଟିଆ କାଠ ଫାଳିର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଅଛି ।

# ମାସିକ ଆଲୋଚନା ଚକ୍ର

ଭୁବନେଶ୍ୱର, (ସବ୍ୟୁ): ଅଲୱେଜ ୱିଥ୍‌ୟୁ ସଂସ୍ଥା ସଭାପତି ଲକ୍ଷ୍ମୀ ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଆଭାସି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ ୫୦ଜଣ ସଭ୍ୟ ଯୋଗ ଦେଇଥିଲେ । ଶ୍ରୀ ଜଗନ୍ନାଥ ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ଆଲୋଚନା ଚକ୍ରକୁ ସୁରେଶ ଚନ୍ଦ୍ର ପାଢୀ ଏହାକୁ ପରିଚାଳନା କରିଥିଲେ । ସଭା ଆରମ୍ଭରୁ ଶ୍ରୀ ପାଢୀ ଭଜନ ପରିବେଷଣ କରିଥିଲେ । ସମ୍ପାଦକ ମନୋଜ କୁମାର ମହାପାତ୍ର ସମସ୍ତ ବିବରଣୀ ପାଠ କରିଥିଲେ । ବରିଷ୍ଠ ସଭ୍ୟ କୃପାନିଧି ବିଶ୍ୱାଳ, ହରେଶ ପଟ୍ଟନାୟକ, ଶ୍ରୀମତୀ ବୀଣା ଦାସ, ଶିଶିର କୁମାର ଦାସ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ମତାମତ ଦେଇଥିଲେ । ଆସନ୍ତା ରଥ ଯାତ୍ରା ସମୟରେ ତଥା ପୁରୀ ଶ୍ରୀମନ୍ଦିରର ଦର୍ଶନ ବିଷୟରେ ବରିଷ୍ଠ ନାଗରିକ ମାନେ କିପରି ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ସୁରୁ ଖୁରୁ ରେ କରି ପାରିବେ, ତାହା ଶ୍ରୀ ମନ୍ଦିର ପ୍ରଶାସନ କର୍ତ୍ତୃପକ୍ଷଙ୍କ ଦୃଷ୍ଟି କୁ ଆଣିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା ।

ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର କର୍ତ୍ତୃପକ୍ଷ ଆର୍ଥିକ କଟକଣା ବିଷୟ ତତ୍ତ୍ୱାବଧାରକ ଶ୍ରୀ ମିଶ୍ର ଙ୍କ ପ୍ରସ୍ତାବ କୁ ସମସ୍ତେ ମାନି ନେଇଥିଲେ ଏବଂ ଅନ୍ୟ କେହି କେନ୍ଦ୍ର କୁ ଆର୍ଥିକ ସହାୟତା ୨୦୨୫ ବର୍ଷ ଶେଷ ପର୍ଯ୍ୟନ୍ତ ଅନୁରୋଧ କରିବେ ନାହିଁ ବୋଲି ସିଦ୍ଧାନ୍ତ ହେଲା । ରାଜଧାନୀ ଭୁବନେଶ୍ୱରରେ ଏକ ମିଳିତ ବୈଠକ ଆସନ୍ତା ସେପ୍ଟେମ୍ବର ଅକ୍ଟୋବର ମାସକୁ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି । ଶେଷରେ ଶ୍ରୀମତୀ ମଞ୍ଜୁଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗିରିଜା ମେଧା ଓ ଦେବଦୂତ ସମ୍ମାନ ସମାରୋହ

# ସାମାନ୍ୟ ସଚେତନ ହେଲେ କମିବ ଦୁର୍ଘଟଣା ମୃତ୍ୟୁ

ଭୁବନେଶ୍ୱର(ସବ୍ୟୁ): ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଏବେ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି । ଦୁର୍ଘଟଣା ଯୋଗୁ କାହାର ସମ୍ପୂର୍ଣ୍ଣ ପରିବାର ଉଜୁଡି ଯାଉଛି ତ ଆଉ କିଏ ସନ୍ତାନଶୂନ୍ୟ ହୋଇଛି । ତେଣୁ ଯୁବପିଢୀ ସଡକ ସୁରକ୍ଷା ନେଇ ସଚେତନ ହୁଅନ୍ତୁ । ନିୟମ ମାନି ଚଳିଲେ ଦୁର୍ଘଟଣା ରୋକି ହେବ ବୋଲି କହିଛନ୍ତି ଦ୍ରବ୍ୟ ଓ ସେବା କର ଅତିରିକ୍ତ ଆୟୁକ୍ତ କାନନବାଳା ନାୟକ । ରବିବାର ରୋଟାରୀ ଭବନରେ ଗିରିଜା ମେଧା ଓ ଦେବଦୂତ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରଫେସର ମାନସ କୁମାର ବେହେରା ମୁଖ୍ୟ ବକ୍ତା ଓ ଟ୍ରାଫିକ ଡିସିପି ତପନ କୁମାର ମହାନ୍ତି ଯୋଗ ଦେଇଥିଲେ । ଏହି ଅବସରରେ



ଦଶମ ପାସ କରିଥିବା ୨୬ ଜଣ କୃତି ଛାତ୍ରଛାତ୍ରୀଙ୍କୁ ଗିରିଜା ମେଧା ସମ୍ମାନରେ ସମ୍ମାନିତ କରାଯାଇଥିଲା । ବର ହୋଇଥିଲେ ବି ବିବାହ ଶୋଭାଯାତ୍ରା ବେଳେ ଆମ୍ବୁଲାନ୍ସକୁ ବାଟ କଢ଼ାଇ ଦେଇଥିବା ସାମ୍ବାଦିକ ସମ୍ବିତ କୁମାର ବେହେରାଙ୍କୁ 'ଗିରିଜା ଦେବଦୂତ ସମ୍ମାନ', ପ୍ରେମାନନ୍ଦ ମଲ୍ଲିକଙ୍କୁ 'ପ୍ରେରଣା ସମ୍ମାନ', ସାମ୍ବାଦିକ କପିଳେନ୍ଦ୍ର ପ୍ରଧାନ, ସୁମନ୍ତ ସୁନ୍ଦରାୟ, ଅନୀଲ ବୈଶାଖ ପ୍ରମୁଖଙ୍କୁ ଗିରିଜା ସେବା ସମ୍ମାନ ପ୍ରଦାନ କରାଯାଇଥିଲା । ଟ୍ରଷ୍ଟ ସଦସ୍ୟ ରାମଜୀବନ ଗୋଛାୟତ, ସାଗର ଦାଶ, ସତ୍ୟାନନ୍ଦ ନାୟକ, ଶତାବ୍ଦୀ ପଲାଇ, ସୌମ୍ୟରଞ୍ଜନ ସାମଲ, ତୁଷାରରଞ୍ଜନ ଶତପଥୀ, ଅମନ ଆୟୁଷ୍ମାନ ଦାସ, ସୁମନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଯାତ୍ରା ଅଭିନେତ୍ରୀଙ୍କୁ ମାଡ ଅଭିଯୋଗ

# ମହିଳା ଥାନାରେ ଏତଲା

ଭୁବନେଶ୍ୱର, (ସବ୍ୟୁ) : ଯାତ୍ରା ଅଭିନେତ୍ରୀଙ୍କୁ ମାଡ ମାରିବା ଅଭିଯୋଗ ହୋଇଛି ଭୁବନେଶ୍ୱର ମହିଳା ଥାନାରେ । ଯାତ୍ରାପାର୍ଟି ମାଲିକ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁ ଲୋକ ଲଗାଇ ମାଡ ମାରିଥିବା ଅଭିଯୋଗ ହୋଇଛି ।

ବାଲିଆପାଳରେ ଯାତ୍ରା ପାର୍ଟି ଅଶୋକ ସମ୍ରାଟ କ୍ୟାମ୍ପ ପଡିଛି । ସେଠାକୁ ଯାତ୍ରା କଳାକାର ବାପି ପଣ୍ଡାଙ୍କ ସ୍ତ୍ରୀ ମାମୁନି ଷଡଙ୍ଗୀ ଯାଇ ବାକି ଥିବା ୭ଲକ୍ଷ ଟଙ୍କା ମାଗିବାରୁ ପାଟିତୁଣ୍ଡ ହୋଇଥିଲା । କିଛି ସମୟ ପରେ ୨/୩ଜଣ ମାମୁନିଙ୍କୁ ମାଡ ମାରିବା ସହ ଚୌକି ପ୍ରଭୃତି ତାଙ୍କ ଉପରକୁ ଫୋପାଡି ଥିଲେ । କେବଳ ମାଡ ମାରିନାହାନ୍ତି ତାଙ୍କୁ ନାନାଦି ପ୍ରକାର ଧମକଚମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ତୁଳସୀର ମାଲିକ ନାଣ୍ଟୁବାବୁ ଯାତ୍ରା ପାର୍ଟି ଅଶୋକ ସମ୍ରାଟର ମାଲିକ ବୋଲି ମାମୁନି କହିଛନ୍ତି । ମାମୁନି ତାଙ୍କ ଏତଲାରେ ନାଣ୍ଟୁବାବୁଙ୍କ ସମେତ ଅନ୍ୟ ୩ଜଣଙ୍କ ନାରେ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି । ହେଲେ ଏ ସମ୍ପର୍କରେ ମାଲିକ ନାଣ୍ଟୁବାବୁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ତାଙ୍କ ଭଣଜା ଫୋନ୍ ପେ'ରେ ମାମୁନିଙ୍କୁ ୨୦ ହଜାର ଟଙ୍କା ପଠାଇଥିବା ବେଳେ ମାମୁନି କହିଛନ୍ତି ଯେ, ୭ଲକ୍ଷ ଟଙ୍କା ବାକିଥିବା ବେଳେ ୨୦ ହଜାର ଟଙ୍କା କ'ଣ ପାଇଁ ଦେଉଛନ୍ତି । ଏହା ଶୁଣିବା ପରେ ମାଲିକଙ୍କ ଭଣଜା ପରେ ବୁଝିବା ବୋଲି କହିଥିବା ବେଳେ ମାମୁନି ତାହା ଗ୍ରହଣ ନକରି ମହିଳା ଥାନାରେ ଅଭିଯୋଗ କଲେ ।

# ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ନାମରେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କସ୍ଥିତ ସିଟି ୟୁନିଭରସିଟିରେ ଏକ ଗବେଷଣା ପ୍ରତିଷ୍ଠାନକୁ ନାମିତ କରାଯାଇଛି । ଏହି ଅବସରରେ ତାଙ୍କୁ ସିଟି ୟୁନିଭରସିଟିର ସର୍ବୋଚ୍ଚ ସମ୍ମାନ ପ୍ରେସିଡେନ୍ସିଆଲ ମେଡ଼ାଲ ପ୍ରଦାନ କରାଯାଇଥିବାରୁ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି' ଏବଂ ଓଡ଼ିଶା ସଚେତନ ନାଗରିକ ଫୋରମ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଉଭୟ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ଡ. ସାମନ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ପ୍ରତିନିଧି ଦଳରେ ସଭାପତି ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଦିଲ୍ଲୀପ ହାଲିଙ୍କ ସମେତ ଶିକ୍ଷାବିତ୍ ଅଶୋକ ପାଣ୍ଡେ, ଯୁବନେତା ଡଃ ତନ୍ମୟ ସ୍ୱାଇଁ, ଆଇନଜୀବୀ ଅନିଲ ପରିଡ଼ା ଓ ସାମ୍ବାଦିକ ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

### ପେଟ୍ରୋଲ ପମ୍ପ ବାହାନାରେ ୨୦ ଲକ୍ଷ ଠକେଇ

# ବିହାରରୁ ସାଇବର ଠକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପେଟ୍ରୋଲ ପମ୍ପ କରାଇଦେବା ବାହାନାରେ ୨୦ ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ଠକକୁ ସାଇବର ଥାନା ପୋଲିସ ବିହାରରୁ ଗିରଫ କରିଛି । ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ନାଁରେ ଚେକ୍ ନେଇ ଠକେଇ କରିଛି । ଏହି ସାଇବର ଠକେଇ ସମ୍ପର୍କରେ ଡିସିପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀ କରି ବିସ୍ତୃତ ସୂଚନା ଦେଇଛନ୍ତି । ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟ୍‌ପଡା ଗାଁ ନିକଟ ଓମ୍ ବିହାରରେ ରହୁଥିବା ସାରଦା ପ୍ରସନ୍ନ ରାଉତରାୟ ଚଳିତ ମାସ ୨ ତାରିଖରେ ସାଇବର ଥାନାରେ ଏହି ଠକେଇ ସମ୍ପର୍କରେ ଏତଲା କରିଥିଲେ । ତାଙ୍କ ଏତଲା ଆଧାରରେ ମାମଲା ରୁଜୁ କରାଯିବା ସହ ଏକ ସ୍ୱତନ୍ତ୍ର ଟିମ୍ ବିହାର ଯାଇ ତିନୋଟି ଜିଲ୍ଲାରେ ଖୋଜ୍‌ଖବର କରିବା ସହ ନଓ୍ୱାଡା ଜିଲ୍ଲାର ଅପସରା ଗାଁର ସତିଶ କୁମାରକୁ ଗିରଫ କରି ଭୁବନେଶ୍ୱର ଆଣିଥିବା ଡିସିପି କହିଛନ୍ତି । ସେ ଏତଲାକାରୀଙ୍କ ଠାରୁ ଚେକ୍ ମାଧ୍ୟମରେ ଟଙ୍କା ନେଇଥିଲା । ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ ନାଁରେ ଏତଲାକାରୀ ଚେକ୍ ପଠାଇଥିବା ବେଳେ ସେଥିରେ ଅଭିଯୁକ୍ତର ଆକାଉଣ୍ଟ ନମ୍ବର ଥିଲା । ଅଭିଯୁକ୍ତ ୱେବସାଇଟ୍ ଗଠନ କରି ଇମେଲ୍ ମାଧ୍ୟମରେ ଯୋଗାଯୋଗ କରିଥିଲା । ଅଭିଯୁକ୍ତ ନିକଟରୁ ୬ ଟି ମୋବାଇଲ୍ ଫୋନ୍, ୧୫ ହଜାର ଟଙ୍କା, ଲାପ୍‌ଟପ୍, ସିମ୍ ପ୍ରଭୃତି ଜବତ ହୋଇଥିବା ସୂଚନା ମିଳିଛି । ରବିବାର ଠକ ସତିଶକୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ପାରଳା ମହାରାଜାଙ୍କ ଶ୍ରାଦ୍ଧ ଦିବସ



ଭୁବନେଶ୍ୱର (ସବ୍ୟୁ): ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର, ଆମ ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ପରିଚାଳନା କରି ଇସ୍କନର ଅଦିନିଆ ରଥଯାତ୍ରାକୁ ନିନ୍ଦା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାସନ୍ତି ତ୍ରିପାଠୀ, ସମରଞ୍ଜନ ମହାନ୍ତି, ଅନୁପମା ବେହେରା ଓ ଶିବାନୀ ବେହେରା ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲା ବେଳେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ଉପଦେଷ୍ଟା ନିମାଇଁ ଚରଣ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

### ସଡକ ସୁରକ୍ଷା ଦିଗରେ ଓଡ଼ିଶାର ଅଭିନବ ଯାତ୍ରା

# ଖୁବ୍‌ଶୀଘ୍ର ଶୂନ ଦୁର୍ଘଟଣା ଦିବସ କାର୍ଯ୍ୟକ୍ରମ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ସଡ଼କ ସୁରକ୍ଷା ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଶୂନ ଦୁର୍ଘଟଣା ଦିବସ କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ଏହା ସହିତ ଆଇଆଇଟି ମାଡ୍ରାସ ପକ୍ଷରୁ ପ୍ରସ୍ତାବିତ ଚିନ୍ତନ ଶିବିର କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସହଯୋଗ କରାଯିବ । ଏହା ଓଡ଼ିଶାର ଗୋଟିଏ ସ୍ଥାନରେ ହେବ ଓ ଯେଉଁଠି ଅଂଶୀଦାର ଏବଂ ବିଶେଷଜ୍ଞମାନଙ୍କୁ ସଡ଼କ ସୁରକ୍ଷା ରଣନୀତି ଉପରେ ଆଲୋଚନା ଏବଂ ବିଚାରବିମର୍ଶ କରିବା ପାଇଁ ଏକତ୍ରିତ କରାଯିବ ।

ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଆଇଟି ମାଡ୍ରାସର ସଡ଼କ ସୁରକ୍ଷା ପରାମର୍ଶଦାତା ପ୍ରଫେସର ଭେଙ୍କଟେଶ ବାଲସୁବ୍ରମଣ୍ୟମଙ୍କ ଉପସ୍ଥିତିରେ ବିଭିନ୍ନ ସଡ଼କ ସୁରକ୍ଷା ପଦକ୍ଷେପ ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ହ୍ରାସ ଏବଂ ସୁରକ୍ଷିତ ଗାଡ଼ି ଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପ୍ରମୁଖ ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା । ଦକ୍ଷତା ବିକାଶ ଏବଂ ତାଲିମ କାର୍ଯ୍ୟକ୍ରମ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ପ୍ରଫେସର ଭେଙ୍କଟେଶ ବାଲାସୁବ୍ରମଣ୍ୟନ୍ ମାଷ୍ଟର ଟ୍ରେନର, ତଦନ୍ତ ଅଧିକାରୀ, ସ୍ୱାସ୍ଥ୍ୟସେବା ବୃତ୍ତିଗତ,



ଶିକ୍ଷକ ଏବଂ ଅନ୍ୟାନ୍ୟ ପ୍ରମୁଖ ଅଂଶୀଦାରଙ୍କ ପାଇଁ ମାନସ ମନ୍ଥନ ଅଧିବେଶନ ପ୍ରସ୍ତାବ ଦେଇଥିଲେ । ଏହି କାର୍ଯ୍ୟକ୍ରମଗୁଡ଼ିକର ଲକ୍ଷ୍ୟ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ଘଟଣା ହ୍ରାସ କରିବା ପାଇଁ ଅଂଶୀଦାରମାନଙ୍କ ଦକ୍ଷତା ଓ ଜ୍ଞାନକୁ ବୃଦ୍ଧି କରିବା । ଏହି ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ୍ ଏବଂ ଓଡ଼ିଶାରେ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏକାଠି କାମ କରିବାର ପ୍ରତିବଦ୍ଧତା ସହିତ ବୈଠକ ଶେଷ ହୋଇଥିଲା । ଏହି ପ୍ରୟାସ ସହିତ, ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ପରିବହନ ବ୍ୟବସ୍ଥା ସୃଷ୍ଟି କରିବା ଦିଗରେ ଏହା ଏକ ବିରାଟ ପଦକ୍ଷେପ ହେବ ।

## ଟ୍ରକକୁ ପଛପଟୁ ପିଟିଲା କଣ୍ଟେନର: ଚାଳକ ମୃତ

ନିରାକାରପୁର , (ସବ୍ୟୁ) :୧୬ ନମ୍ବର ଜାତୀୟ ରାଜପଥ ନାଟୁଣୀ ନିକଟ କଉଡ଼ି ଖଣି ଛକରେ ଟ୍ରକକୁ ପଛ ପଟୁ ପିଟିଲା କଣ୍ଟେନର । ଫଳରେ କଣ୍ଟେନର ଚାଳକଙ୍କର ମୃତ୍ୟୁ ହୋଇଛି ।ତାଙ୍କ ପରିଚୟ ଅସ୍ପଷ୍ଟ ରହିଛି । ଶନିବାର ରାତିରେ ବିଶାଖାପାଟଣାରୁ ଆସୁଥିବା ବେଳେ ନାଟୁଣୀ କଉଡ଼ି ଖଣି ନିକଟ ହମ୍ପସରେ ଟ୍ରକଟି ବ୍ରେକ ମାରିଥିଲା । ଫଳରେ ପଛରୁ ଆସୁଥିବା କଣ୍ଟେନର ଭାରସାମ୍ୟ ହରାଇ ଟ୍ରକକୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ କଣ୍ଟେନରର କ୍ୟାବିନ ଭାଙ୍ଗି ରୁଜି ଚୁରମାର ହୋଇଯାଇଛି । ଗୁରୁତର ଅବସ୍ଥାରେ କଣ୍ଟେନର ଚାଳକଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ନାଟୁଣୀ ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି ।

## ସାପ କାମୁଡ଼ାରେ ଜଣେ ମୃତ, ଜଣେ ଗୁରୁତର

ଭଂଜନଗର, (ସବ୍ୟୁ): ଭିନ୍ନଭିନ୍ନ ଦୁଇଟି ସ୍ଥାନରେ ସାପ କାମୁଡାରେ ଜଣକର ମୃତ୍ୟୁ ହୋଇଥିବା ବେଳେ, ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ରହିଛନ୍ତି । ଭଂଜନଗର ଥାନା ଅନ୍ତର୍ଗତ ବାଇବାଲି ନିକଟସ୍ଥ ନାରିଙ୍ଗିପଲ୍ଲୀ ଗାଁର ନଟିଆ ପ୍ରଧାନଙ୍କ, ୯ ବର୍ଷର ଝିଅ ତେଜସ୍ୱିନୀ ଘରେ ଶୋଇଥିବା ବେଳେ ବିଷଧର ସାପ କାମୁଡାରେ ଗୁରୁତର ହୋଇଥିଲେ । ତାଙ୍କୁ ଭଂଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏନେଇ ଭଂଜନଗର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ସେହିଭଳି ତାରାସିଙ୍ଗି ଥାନା ଅନ୍ତର୍ଗତ ବେରୁହାଁବାଡି ଗ୍ରାମର ସନ୍ତୋଷ ନାୟକଙ୍କ ୧୮ ବର୍ଷର ଝିଅ ସୁଜାତା, ସାପ କାମୁଡାରେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ । ତାଙ୍କୁ ଭଂଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ, ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି ।

## ଆନନ୍ଦ ସଙ୍ଗୀତାୟନର ୯୧ତମ ଭଞ୍ଜ ସଙ୍ଗୀତ ଆସର

ଭଂଜନଗର, (ସବ୍ୟୁ): ଭଂଜନଗରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଆନନ୍ଦ ସଂଗୀତାୟନ ପକ୍ଷରୁ ୯୧ ତମ ଭଂଜ ସଂଗୀତ ଆସର ଆୟୋଜିତ ହୋଇଯାଇଛି । ସ୍ଥାନୀୟ ବଡକୋଦଣ୍ଡା ସ୍ଥିତ ଜଗନାଥ ମନ୍ଦିର ପ୍ରାଙ୍ଗଣରେ ଏହା ଆୟୋଜିତ ହୋଇଥିଲା । ସଂସ୍କୃତି ବିକାଶ ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ସଂଗୀତ ସନ୍ଧ୍ୟାକୁ ମନ୍ଦିରର ଟ୍ରଷ୍ଟି ଲକ୍ଷ୍ମୀ ନାରାୟଣ ପାତ୍ର, କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ଅତିଥି ଭାବେ ସୁଶାନ୍ତ ପାଣିଗ୍ରହୀ, ଅଶୋକ ସାହୁ ଉପସ୍ଥିତ ରହିଥିଲେ । ଅନୁଷ୍ଠାନର ଉପ ସଭାପତି ଆଦିକନ୍ଦ ଗୌଡ଼, ସଂଗୀତ ଆସରର ଆଭିମୁଖ୍ୟ ସଂକ୍ରାନ୍ତରେ ମତ ରଖିବା ସହ ଅତିଥି ଏବଂ ଉଦ୍ୟୋକ୍ତା ମାନଙ୍କୁ ଧନ୍ୟବାଦ ଦେଇଥିଲେ । ଶିଳ୍ପୀ ଆଶୁତୋଷ ସରାବ, କେଶବ ଆଚାର୍ଯ୍ୟ, ଅଶୋକ ମହାପାତ୍ର ସଂଗୀତ ପରିବେଷଣ କରିଥିଲାବେଳେ, ବାଦ୍ୟ ଯନ୍ତ୍ରରେ ଅଭିଷେକ, ଦିବାକର ପ୍ରମୁଖ ସହଯୋଗ କରିଥିଲେ।

## ରକ୍ତଦାତା ଡଃ ନିରୋଜ କୁମାର ପୋଥାଳଙ୍କ

# କ୍ୟାନ୍ସର ରୋଗୀଙ୍କ ପାଇଁ ପ୍ଲେଟଲେଟ ଦାନ



ବାରିପଦା, (ସବ୍ୟୁ) : କ୍ୟାନ୍ସର ପୀଡ଼ିତ ରୋଗୀଙ୍କ ପାଇଁ ବାରିପଦାର ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ କଟକର ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ଯାଇ ନିଜର ପ୍ଲେଟଲେଟ ପ୍ରଦାନ କରିଛନ୍ତି। ଏହି ପ୍ଲେଟ୍ଲେଟ ଦାନ ସମୟରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଓ ବିଶିଷ୍ଟ ସମାଜସେବୀ ଦେବାଶିଷ ସାହୁ, ଗଜେନ୍ଦ୍ର ସେନାପତି, ପୂର୍ଣ୍ଣ ଚନ୍ଦ୍ର ଦାସ, ରଞ୍ଜିତା ଦଳେଇ ଓ ନିଭା ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ ଓ ଉତ୍ସାହିତ କରିଥିଲେ। ଏସ.ସି.ବି ମେଡିକାଲ ବ୍ଲଡ଼ ବ୍ୟାଙ୍କର ଡାକ୍ତର ଡ଼ଃ ଜଗନ୍ନାଥ ସାହୁଙ୍କ ତତ୍ତ୍ୱାବଧାନତାରେ ପ୍ଲେଟଲେଟ ସଂଗ୍ରହ କରାଯାଇଥିଲା। ଏହା ପୂର୍ବରୁ ଅନେକ ବାର ନିୟମିତ ଭାବରେ ଡଃ ନିରୋଜ କୁମାର ପୋଥାଳ ବାରିପଦାରୁ ଭୁବନେଶ୍ୱର, କଟକକୁ ଯାଇ ଡେଙ୍ଗୁ ଓ କ୍ୟାନ୍ସର ରୋଗୀଙ୍କୁ ନିଜର ପ୍ଲେଟଲେଟ ଦାନ କରି ଆସୁଛନ୍ତି। ଆଜି ପର୍ଯ୍ୟନ୍ତ ସର୍ବମୋଟ ୧୨୬ ଥର ନିଜର ରକ୍ତଦାନ କରି ଅନେକ ରାଜ୍ୟରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି।

## ବିକ୍ଷିପ୍ତା ସାହିତ୍ୟ ଅନୁଷ୍ଠାନର ଆବାହନୀ ସଂଗୀତ ଲୋକାର୍ପଣ ଓ ସାହିତ୍ୟ ସଭା

ବୁଗୁଡ଼ା, (ସବ୍ୟୁ): ବିକ୍ଷିପ୍ତା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଆବାହନୀ ସଂଗୀତ ଲୋକାର୍ପଣ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ.ଶ୍ୟାମା ପ୍ରସାଦ ମିଶ୍ର ତତ୍ତ୍ୱାବଧାନରେ ଏବଂ ଶ୍ରୀ ସୁପ୍ରଜିତ ସାହୁଙ୍କ ଉଦଘୋଷଣାରେ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ସ୍ଥିତ ଶଶୀ ଭୂଷଣ ରଥ ସରକାରୀ ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବହୁ ଆଗଧାଡିର ସାହିତ୍ୟିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଆବାହନୀ ସଂଗୀତ ବିକ୍ଷିପ୍ତା ଆମର ଗର୍ବ ବିକ୍ଷିପ୍ତା ଆମରି ସ୍ୱାଭିମାନ ଲୋକାର୍ପଣ ହୋଇଥିଲା। ଉଦଘାଟକ ଭାବେ ସୁରେଶ ଚନ୍ଦ୍ର ରଥ, ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଡ଼ ଭଗବାନ ସାହୁ, ମୁଖ୍ୟବକ୍ତା ଭାବେ କୃତିବାସ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଡ଼. ମନୋରମା ଦାଶ ଯୋଗ ଦେଇଥିଲେ । ପ୍ରଥମ ଅଧିବେଶନକୁ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ସଭାପତି ଗୌରୀପତି ଦାଶ। ଦ୍ୱିତୀୟ ପର୍ଯ୍ୟୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ବରଣ୍ୟ ଅତିଥି ଭାବେ ଇଂ ଯାମିନୀକାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି ସୁଶାନ୍ତ ଦାଶ, ମିହିର ରଞ୍ଜନ ତ୍ରିପାଠୀ, ନୀଳକଣ୍ଠ ସାହୁ, ଡ଼ ସଞ୍ଜୟ କୁମାର ପଣ୍ଡା, ଇଂ ଭରତ ଚରଣ ବେହେରା, ଇଂ ଆଶୁତୋଷ ପାତ୍ର ଯୋଗ ଦେଇଥିଲେ। ସେହିପରି କବିତା ପାଠ ଉତ୍ସବକୁ ସଭାପତିତ୍ୱ କରିଥିଲେ ଇଂ ପ୍ରସନ୍ନ କୁମାର ଦାଶ, ଅତିଥି ଭାବେ ଯୋଗଦେଇଥିଲେ ସାହିତ୍ୟିକ ଡ଼ ଲକ୍ଷ୍ମୀ ନାରାୟଣ ଦାଶ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଅମୂଲ୍ୟ କୁମାର ଦାଶ, ବିଜୟ ମିଶ୍ର ଓ ସାହିତ୍ୟିକା ବନ୍ଦନା ପଣ୍ଡା ପ୍ରମୁଖ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଯୁବକବି ସୁପ୍ରଜିତ ସାହୁ, ପ୍ରଭାତୀ ମଞ୍ଜରୀ



ବେହେରା, ବୈଷ୍ଣବ ଚରଣ ଦାଶ, ସୁଚେତା ପାଣିଗ୍ରାହୀ, ପଦ୍ମିନୀ ମିଶ୍ର, ନିହାରିକା ସାହୁ, ସୌଦାମିନୀ ମିଶ୍ର ପ୍ରମୁଖ। ସାମ୍ପ୍ରତିକ ସମୟରେ ସାହିତ୍ୟର ବିକାଶ ଓ ଉନ୍ନତି ନିମନ୍ତେ ଉପସ୍ଥିତ ଅତିଥି ମାନେ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ଓଡ଼ିଶାର କୋଣ ଅନୁକୋଣରୁ ଶତାଧିକ କବି ଓ କବୟିତ୍ରୀ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। ସଂଗୀତ ନିର୍ଦ୍ଦେଶକ ଋତୁରାଜ ବସନ୍ତଙ୍କ ସଂଗୀତ ନିର୍ଦ୍ଦେଶନାରେ ସୃଷ୍ଟି ହୋଇଥିବା ବିକ୍ଷିପ୍ତା ଅନୁଷ୍ଠାନର ଆବାହନୀ ସଂଗୀତକୁ ବେଶ ପ୍ରଶଂସା କରିଥିଲେ ଉପସ୍ଥିତ ସାହିତ୍ୟିକ ଓ ବୁଦ୍ଧିଜୀବୀ। ଗୀତଟିକୁ ସଂଗୀତ ମହାବିଦ୍ୟାଳୟ ଛାତ୍ରୀ ଏସ. ଝରଣା କଣ୍ଠଦାନ କରିଥିବା ବେଳେ ଲେଖିଛନ୍ତି ଗୌରପଦ ଦାଶ। ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମିଶ୍ରଙ୍କ ନିରବଛିନ୍ନ ସାହିତ୍ୟ ସଂଗଠନ ଓ ପ୍ରତିଭା ମାନଙ୍କୁ ଉଚିତ ସମ୍ମାନ ପାଇଁ ଉପସ୍ଥିତ ସମସ୍ତ ସାହିତ୍ୟିକ ଓ ଅତିଥି ମାନେ ସାଧୁବାଦ ଜ୍ଞାପନ କରିଥିଲେ। ଦୀର୍ଘ ୩୭ବର୍ଷର ଏହି ଅନୁଷ୍ଠାନ ଆହୁରି ସୁଦୂରପ୍ରସାରୀ ହେଉ ବୋଲି କହିଥିଲେ ମୁଖ୍ୟଅତିଥି ଡ଼ ଭଗବାନ ସାହୁ। କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନର ସଭାପତି ଗୌରୀପତି ଦାଶ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

## କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ମାମଲାରେ ପିଇଓ ଗିରଫ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗଞ୍ଜାମ ଜିଲ୍ଲା କନିସି ହାଟ ସ୍ଥିତ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କେଲୁଆପୁଲୀ ପଂଚାୟତର କାର୍ଯ୍ୟରତ ପିଇଓ କୋଟିଏ ଉର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଆଜି ପିଇଓ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଗଙ୍ଗାପୁର ସମୀର କୁମାର ମିଶ୍ର (୨୯) । ଅଭିଯୁକ୍ତ ଠାରୁ ଦୁଇଟି ମୋବାଇଲ ଓ ଗୋଟିଏ ଏଟିଏମ କାର୍ଡ ପୋଲିସ ଜବତ କରିଛି । ସୂଚନା ଅନୁସାରେ ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ କେଲୁଆପୁଲୀ ପଂଚାୟତରେ ଗତ ୨୦୧୯ ଠାରୁ ସମୀର କୁମାର ମିଶ୍ର ପିଇଓ ରିପେ କାର୍ଯ୍ୟ କରି ଆସୁଥିଲେ। ଗତ କିଛି ବର୍ଷ ହେଲା ପଂଚାୟତ ପାଣ୍ଠି ଅନ୍ୟ ପାଣ୍ଠିରୁ ପର୍ଯ୍ୟାୟ କ୍ରମେ ସେଲ୍ଫ ଚେକ ମାଧ୍ୟମରେ ଜାଲ କରି ଏକ କୋଟି ୩୭ ଲକ୍ଷ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିବା ସହ ହେରଫେର କରିଥିବା ନେଇ ବ୍ଲକ ପ୍ରଶାସନ ଜାଣିବାକୁ ପାଇଥିଲା । ଏହା ମଧ୍ୟରେ ସମୀରକୁ ଦୁଇ ଦୁଇ ଥର ବଦଳି ହୋଇଥିଲେ କାର୍ଯ୍ୟ ଭାର ହସ୍ତାନ୍ତର କରୁନଥିଲେ । ବିଡିଓ ବିଶ୍ୱଜିତ ରାୟ ଗୋଳନ୍ଥରା ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନ ୨୨୨/୨୦୨୫ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଖବର ପାଇ କନିସି ହାଟରୁ ସମୀରଙ୍କୁ କାବୁ କରି ନେଇ ଥାନାରେ ଅଟକ ରଖି ପଚରା ଉଚରା ଜାରି ରଖିଛି ପୋଲିସ । ସମୀରଙ୍କ ଫୋନ ପେରେ ଅଧିକ ଟଙ୍କା କାରବାର ହୋଇଥିବା ନେଇ ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଥାନାରେ ପହଂଚି ପଚରା ଉଚରା କରିଥିବା ନେଇ ସୂଚନା ମିଳିଛି । ଆଜି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ପୋଲିସ ସୂଚନା ଦେଇଛନ୍ତି । ଏହି ଘଟଣାରେ ଅନ୍ୟ କାହାର ସମ୍ପର୍କ ରହିଛି ପୋଲିସ ତଦନ୍ତ ଚଳେଇଛି ।

## ରାଜପଥ ଡିଭାଇଡର ନିର୍ମାଣ ଅଧାପନ୍ତରିଆ ହଟୁନି ବଜାର ମଧ୍ୟସ୍ଥ ବିଦ୍ୟୁତ୍ ଟ୍ରାନ୍ସଫର୍ମର : ବଢୁଛି ଜନ ଅସନ୍ତୋଷ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ରାସ୍ତାର ସୌନ୍ଦର୍ଯ୍ୟକରଣ ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ରାସ୍ତାରେ ହୋଇଥିବା ଡିଭାଇଡର ବ୍ୟବସ୍ଥା ବର୍ଷବର୍ଷ ଧରି ଅଧପନ୍ତରିଆ ରହିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ପ୍ରଥମ କରି ୨୦୧୪-୧୫ ଆର୍ଥିକ ବର୍ଷରେ ବୁଗୁଡ଼ା ସହର ଦେଇ ଯାଇଥିବା ୩୩ନଂ ରାଜ୍ୟ ରାଜପଥରେ ଡିଭାଇଡର ବ୍ୟବସ୍ଥା ହୋଇଥିଲା। ତେବେ କେବଳ ମଦନ ମୋହନ ଛକ ଠାରୁ ବେତାରସିଂ ଛକ ପର୍ଯ୍ୟନ୍ତ ଡିଭାଇଡର ନିର୍ମାଣ ହୋଇଥିଲେ ହେଁ ମଦନମୋହନ ଛକଠାରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଥିଲେ ହେଁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହୋଇ ଶୀତଳ ଭଣ୍ଡାରରେ ପଡି ରହିଛି । ବିଭାଗୀୟ କର୍ତ୍ତୃପକ୍ଷ ବଜାର ମଧ୍ୟସ୍ଥ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏବଂ ରାସ୍ତାର ସଂକୀର୍ଣ୍ଣତା ଯୋଗୁଁ ଡିଭାଇଡର ହୋଇପାରୁନଥିବା ଦର୍ଶାଉଥିବା ବେଳେ ପୋଲସରା ସହରର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତାରେ ଡିଭାଇଡର ବ୍ୟବସ୍ଥା ହୋଇଥିଲେ ହେଁ ସେହି ଏକା ନିର୍ବାଚନ ମଣ୍ଡଳୀରେ ଆସୁଥିବା ବୁଗୁଡ଼ା ସହର ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଏନେଇ ସ୍ଥାନୀୟ ନେତାଗଣଙ୍କ ଉଦାସୀନତା ମନୋଭାବ ଏବଂ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଚାଲବାଜି ହିଁ ଦାୟୀ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ତେବେ ମୁଖ୍ୟ ସଡକ ପ୍ରଶସ୍ତିକରଣରେ ବାଧକ ସାଜିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟିର ଉଚ୍ଛେଦ ସାଙ୍ଗକୁ ଅସମ୍ପୂର୍ଣ ଡିଭାଇଡରକୁ ସମ୍ପୂର୍ଣ୍ଣ କରିବା ଦିଗରେ ଅଞ୍ଚଳର ପ୍ରଭାବୀ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ତୁରନ୍ତ ହସ୍ତକ୍ଷେପ ସାଙ୍ଗକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଯଥାଶୀଘ୍ର ପଦକ୍ଷେପ ନେବାକୁ ଜନସାଧାରଣ ଦାବି ହେଉଛି ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବ୍ରହ୍ମପୁରର ଆଞ୍ଚଳିକ ସମ୍ମିଳନୀ




ବ୍ରହ୍ମପୁର, (ସବ୍ୟୁ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ବ୍ରହ୍ମପୁର ଆଞ୍ଚଳିକ ସମ୍ମିଳନୀ ସାଥି ସୁଧାଂଶୁ ଶେଖର ପଣ୍ଡା ସମ୍ମିଳନୀ କକ୍ଷ ପାର୍କ ସାହି ଠାରେ ଅନୁଷ୍ଠିତ ହେଇଥିଲା । ସମ୍ମିଳନୀ ପ୍ରାରମ୍ଭରେ ବରିଷ୍ଠ କମ୍ୟୁନିଷ୍ଟ ନେତା ସାଥି ମହମ୍ମଦ ଉସ୍ମମାନ ଲାଲ୍ ପତାକା ଉତ୍ତୋଳନ କରୁଥିଲେ। ସହିଦ ବେଦୀରେ ପୁଷ୍ପମାଲ୍ୟ ଅର୍ପଣ ପରେ ସାଥି କାଳକିଙ୍କର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀକୁ ଦଳର ବରିଷ୍ଠ ନେତା ଗଂଜାମ ଜିଲ୍ଲା ସମ୍ପାଦକ ସାଥି ପ୍ରକାଶ ପାତ୍ର ଉଦଘାଟନ କରି ସାମ୍ପ୍ରତିକ ରାଜନୀତିକ ପରିସ୍ଥିତିରେ ସଂଗଠନକୁ ସୁଦୃଢ କରି କମ୍ୟୁନିଷ୍ଟ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ । ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଗଂଜାମ ଜିଲ୍ଲା ସହ ସମ୍ପାଦକ ସାଥି ପ୍ରଦୀପ ସେଠି ପାର୍ଟିର ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଆଞ୍ଚଳିକ କମିଟିର ସମ୍ପାଦକ ସାଥି କାମଦେବ ନାହାକ ରାଜନୈତିକ ଓ ସାଙ୍ଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ । ରିପୋର୍ଟ ଉପରେ ସାଥି ବିଘ୍ନେଶ ସାହୁ, ପ୍ରଫୁଲ୍ଲ ଜେନା, ପ୍ରତିମା ଦେବୀ, ଗାଗାରିନି ନାୟକ, ଶରତ ପାତ୍ର, ରୋହିତ ବିଷୋୟୀ, ରବୀନ୍ଦ୍ର ନାୟକ, ସନ୍ତୋଷ ନୟାଜ, ମହେନ୍ଦ୍ର ପାତ୍ର, ପ୍ରଭାତ ବେହେରା, ପ୍ରତିମା ବିଷୋୟୀ ଓ ପ୍ରଭାତୀ ଦେବୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗହଣ କରିଥିଲେ । ଅମ୍ବପୁଆ ଓ ନରେନ୍ଦ୍ରପୁର ରେଳ ଓଭର ବ୍ରିଜ ନିର୍ମାଣ, ବ୍ରହ୍ମପୁର ସହରର ରାସ୍ତା ଘାଟ ଓ ପରିମଳ ବ୍ୟବସ୍ଥା ଉନ୍ନତି କରଣ, ସହରତଳି ଗ୍ରାମାଞ୍ଚଳର ଜନସାଧାରଣଙ୍କ ସମସ୍ୟାକୁ ନେଇ ବ୍ରହ୍ମପୁର ମହାନଗର ନିଗମ କୁକୁଡାଖଣ୍ଡି ଓ ରଙ୍ଗଇଲୁଣ୍ଡା ବ୍ଲକ ଅଫିସ ଆଗରେ ଜନ ଆନ୍ଦୋଳନ ପାଇଁ ନିଷ୍ପତ୍ତି ହେଇଥିଲା। କମ୍ୟୁନିଷ୍ଟ ପାର୍ଟିର ପ୍ରସାର, ଗଣ ସଙ୍ଗଠନ ଗଠନ, ପାଣ୍ଠି ଆଦାୟ, ସାଥି ମାନଙ୍କୁ ରାଜନୀତିକ ଭାବରେ ସଚେତନ କରିବା ପାଇଁ ଶିକ୍ଷା ଶିବିର, ପାର୍ଟିର ମୁଖପତ୍ର ନୂଆ ସଭ୍ୟ ସଂଗ୍ରହ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସମ୍ମିଳନୀରେ ଆଗାମୀ ଦିନ ପାଇଁ ୧୫ ଜଣିଆ ଆଞ୍ଚଳିକ ପରିଷଦ ଗଠନ କରିଥିବା ବେଳେ ସମ୍ପାଦକ ଭାବେ ସାଥି କାମଦେବ ନାହାକ, ସହ ସମ୍ପାଦକ ରୂପେ ପ୍ରଫୁଲ୍ଲ ଜେନା ଓ ପ୍ରତିମା ଦେବୀ ନିର୍ବାଚିତ ହେଇଛନ୍ତି ।

## ନୀଳକଣ୍ଠନଗର ଶିଶୁବିଦ୍ୟାମନ୍ଦିରର ୧୦ମ ଶେଣ୍ରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର, (ସବ୍ୟୁ): ରବିବାର ପୂର୍ବାହ୍ନ ୧୦ ଘ. ସମୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର ପରିସର ମଧ୍ୟରେ ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠତି ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଅଧକ୍ଷ ଏସ୍ ମୋହନ ରାଓ ଅତଥିମାନଙ୍କ ପରଚିୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ମୁଖ୍ୟ ଅତିଥିଭାବେ ବହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ କେ. ଅନୀଲ କୁମାର ଯୋଗ ଦେଇଥିବାବେଳେ, ସମ୍ମାନତି ଅତିଥି ଭାବେ ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ସରୋଜ ସାବତ, ବିଧାୟକ ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟବକ୍ତା ଡଃ. ଶାନ୍ତନୁ କୁମାର ରଥ ଛାତ୍ରଛାତ୍ରୀ ମାନଙ୍କୁ ଜ୍ଞାନର ଚରମ ଲକ୍ଷ୍ୟ ଚରିତ୍ର ନିର୍ମାଣ ଏବଂ ଶଙ୍ଖଳିତ ଜୀବନକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ନଜିର ଆତ୍ମବିଶ୍ୱାସ, ଅଧ୍ୟବସାୟ, ଅଭିନିବେଶ, ଆତସମ୍ମାନ ଓ ରାଷ୍ଟ୍ରର ଉନ୍ନତିରେ ଅବଦାନ ସକାଶେ ସାଧନ କରିବା ପାଇଁ ଉପଦେଶ ଦେଇଥିଲେ । ମଖ୍ୟୁ ଅତିଥି କେ. ଅନୀଲ କୁମାର ନଜି ଅଭିଭାଷଣ ମାଧମରେ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଏହି ସଫଳତା ବଜାୟ ରଖିବା ପାଇଁ ଉପଦେଶ ଦେଇଥିଲେ । ସମ୍ମାନତି ଅତିଥି ଦ୍ୟାନ




ସମାନ୍ତରା ସାର ଭାରତ ବର୍ଷରେ ଏହି ଅନୁଷ୍ଠାନର ସନ୍ନାମ ରହିଅଛି ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ଅନ୍ୟତମ ସମ୍ମାନିତ ଅତିଥି ସରୋଜ ସାବତ ଶିଶୁ ମାନଙ୍କୁ ଦେଶକୁ ଭଲପାଇବା ନିମନ୍ତେ ପ୍ରେରଣା ଦେଇଥିଲେ । ଚଳିତ ଶିକ୍ଷାବର୍ଷ ୧୦ମ ଶେଣ୍ରୀ ବୋର୍ଡ ପରୀକ୍ଷାରେ ରାଜ୍ୟ ସ୍ତରରେ ୩ୟ ର୍ୟାଙ୍କ୍ ରଖିଥିବା ସୁଶ୍ରୀ ଅର୍ପିତ ଆଚାର୍ଯ୍ୟ, ଆଶୁତୋଷ ସେଠୀ ଏବଂ ୬ଷ୍ଠ ର୍ୟାଙ୍କ୍ ରଖିଥିବା ଛାତ୍ର ପ୍ରତ୍ୟୁଷ କୁମାର ନାୟକ ଓ ୭ମ ର୍ୟାଙ୍କ୍ ରଖିଥବା ପ୍ରିୟରଂଜନ ପଣ୍ଡା ଏବଂ ସେମାନଙ୍କ ଅବିଭାବକମାନଙ୍କୁ ମାନପତ୍ରଦେଇ ସମ୍ବର୍ଦ୍ଧତି କରିଥିଲେ । ପ୍ରଥମ ଦଶଟି ସ୍ଥାନରେ ରହିଥିବା ମୋଟ ୧୭ଜଣ ଛାତ୍ରଛାତ୍ରୀ ଯଥା – ସୁଶ୍ରୀ ଅର୍ପିତି ଆଚାର୍ଯ୍ୟ, ଆଶୁତୋଷ ସେଠୀ, ପ୍ରତ୍ୟୁଷ କୁମାର ନାୟକ, ପ୍ରିୟରଂଜନ ପଣ୍ଡା, ଆକାଂକ୍ଷା ଜେନା, ବିଶ୍ୱଜିତ୍ ପାତ୍ର, ପ୍ରୀତିରାଣୀ ଭୂୟାଁ, ଆୟୁଷକାନ୍ତ ରଥ, ରାକେଶ କୁମାର ସେଠୀ, ଆଶୁତୋଷ ପାତ୍ର, ପ୍ରଜାପତି ସାହୁ, ସୌମ୍ୟରଂଜନ ପାଣିଗ୍ରାହୀ, ଶୁଭମ୍ ସାହୁ, ଶୁଭଂକର ଦାସ, ସୁଭ୍ରଜିତ୍‌ପୁଷ୍ଟି, ବିଶ୍ୱରଂଜନ ସାମନ୍ତରାୟ, ପ୍ରତିକ୍ଷା ମହାରଣା ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ସଙ୍ଗେ ସଙ୍ଗେ ମୋଟ ୭୬ ଜଣ ଏ ୱାନ୍ ଗ୍ରେଡ୍‌ରେ ଉତିର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧତି କରାଯାଇଥିଲା । ଶେଷରେ ବିଦ୍ୟାମନ୍ଦିରର ସହ ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର ଅତିଥି ଓ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରେସ୍‌ନାଲାଇଜେସନ୍ ନାମରେ ଅଧାପକ ପଦବୀ ଉଚ୍ଛେଦ ଷଡଯନ୍ତ୍ର ବନ୍ଦ କର – ଏଆଇଡିଏସଓ

ବାରିପଦା, (ସବ୍ୟୁ) : ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଗୁଡିକରେ ରେସନାଲାଇଜେସନ୍ ନୀତି ଲାଗୁ କରିବା ଲକ୍ଷ୍ୟରେ କୁଳପତି ମାନଙ୍କୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ନମ୍ବର ୨୨୨୫୯ ଜାରି କରଛନ୍ତି। ଏହି ଚିଠିରେ ରେସନାଲାଇଜେସନ୍ ନୀତି କିପରି ଲାଗୁ ହୋଇ ପାରିବ ତାହା ବିଷୟରେ ସ୍ପଷ୍ଟ ନକସା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚିଠିକୁ ବିରୋଧ କରି ରାଜ୍ୟ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଗଠନ କେନ୍ଦ୍ର ଓ ରାଜ୍ୟ ଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କରିବେ ବୋଲି କହିଛନ୍ତି। ଉଚ୍ଚଶିକ୍ଷା ବିଭାଗର ଏହି ଚିଠିରେ ଏହା ସ୍ପଷ୍ଟ ପ୍ରତିୟମାନ କି ଆଗାମୀ ଦିନରେ ଏହି ରେସନାଲାଇଜେସନ ଆଳରେ ଅଧାପକ ପଦବୀ ଉଚ୍ଛେଦ ହେବ ଓ ସଂପୂର୍ଣ୍ଣ ଭାବରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପାଠ୍ୟଦାନ ବ୍ୟାହତ ହେବ। ଏଆଇଡିଏସଓ ରାଜ୍ୟସଭାପତି ସୋମନାଥ ବେହେରା ଓ ସଂପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତ୍ତି ଜରିଆରେ ରାଜ୍ୟ ସରକାରଙ୍କ ଏହି ଖଳ ଯୋଜନାକୁ ଦୃଢ ଭାଷାରେ ନିନ୍ଦା କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଏହି ରେସନାଲାଇଜେସନ୍ କଥା କହି ରାଜ୍ୟରେ ପ୍ରାୟ ୭ହଜାରରୁ ଅଧିକ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରାଯାଇଛି। ଏହି ରେସନାଲାଇଜେସନ୍ ଶବ୍ଦଟି ଭଲ ଶୁଭୁଥିଲେ ମଧ୍ୟ ଏହାର ଆଳରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଜଘନ୍ୟ ଆକ୍ରମଣ ଆସିଛି। ଆଜି ସାରା ରାଜ୍ୟର ପ୍ରାୟ ସମସ୍ତ ମହାବିଦ୍ୟାଳୟ ବିଶେଷକରି ସମସ୍ତ ବିଶ୍ୱବିଦ୍ୟାଳୟ ଗୁଡିକରେ ଯେତେବେଳେ ଅଧ୍ୟାପକ ମରୁଡି ସେତେବେଳେ ରାଜ୍ୟ ସରକାରଙ୍କ ବିଶ୍ୱବିଦ୍ୟାଳୟ ଗୁଡିକରେ ରେସନାଲାଇଜେସନ୍ ନୀତି ଲାଗୁ କରିବା ଲକ୍ଷ୍ୟରେ ନକ୍ସା ପ୍ରସ୍ତୁତ ପାଇଁ ଦିଆଯାଇଥିବା ଚିଠି ଯଦି କାର୍ଯ୍ୟକାରୀ ହୁଏ ତେବେ ଆଗାମୀ ଦିନରେ ବହୁ ଆଧାପକ ପଦବୀ ଉଚ୍ଛେଦ ହେବ। ମୌଳିକ ବିଷୟ ଗୁଡିକର ଗୁରୁତ୍ୱ ହ୍ରାସ ପାଇବ ଓ ସିଲାବସ୍‌ରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଂଶ କାଟି ସିଲାବସକୁ ସୀମିତ କରିଦେବାର ଷଡଯନ୍ତ୍ର ମଧ୍ୟ ହେବ। ତେଣୁ ଏହି ଷଡଯନ୍ତ୍ର ବିରୁଦ୍ଧରେ ସମଗ୍ର ରାଜ୍ୟର ସଚେତନ ଛାତ୍ର ଛାତ୍ରୀ, ଶିକ୍ଷକ, ଅଧାପକ ତଥା ସର୍ବସ୍ତରର ଜନଗଣ ଆଗେଇ ଆସିବା ସହ ସରକାରୀ ଶିକ୍ଷାକୁ ରକ୍ଷା କରିବା, ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ଆବଶ୍ୟକ ଅଧାପକ ପଦବୀ ପୂରଣ କରିବା ଦାବିରେ ଆନ୍ଦୋଳନ ଗଢି ତୋଳିବାକୁ ଏଆଇଡିଏସଓ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ମହାନଦୀବିହାରରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଉଦ୍‌ଯାପିତ

କଟକ, (ସ୍ୱପ୍ର): ଦୁଇ ଦିନ ଧରି କଟକ ମହାନଦୀବିହାର ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ଉଦ୍ୟାନ ପରିସରରେ ଅନୁଷ୍ଠିତ ହେଉଥିବା ଚନ୍ଦନ ଯାତ୍ରା –୨୦୨୫ ବେଶ ଆନନ୍ଦ ଉଲ୍ଲାସର ସହିତ ଉଦଯାପିତ ହୋଇଯାଇଛି । ଏହି ଚନ୍ଦନ ଯାତ୍ରା ଅବସରରେ ପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରରୁ ବାହାରି ଜଗନ୍ନାଥ ଉଦ୍ୟାନରେ ଭକ୍ତଙ୍କ ଗହଣରେ ଚାପ ଖେଳିଥିଲେ । ଏହି ଚାପ ଖେଳ ସମସ୍ତ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିବା ବେଳେ ଚାପ ଖେଳଟି ଏମଡିଏର ସଭାପତି ସଞ୍ଜୟ ଜେନା ଜଗନ୍ନାଥ ମନ୍ଦିରର ସଭାପତି ଚର୍ତ୍ତୃଭୁଜ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏହି ଚାପ ଖେଳରେ ସ୍ଥାନୀୟ ବିଧାୟକ ସୌଭକ୍ ବିଶ୍ୱାଳ, କର୍ପୋରେଟର ଇଂ ସୁବ୍ରତ ଘଡାଇ,



ଇଂ ଗୋପାଳ କୃଷ୍ଣ ବେହେରା, ଇଂ ଯଦୁ ନାଥ ମହାପାତ୍ର ପ୍ରମୁଖ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରହଲ୍ଲାଦ ମହାନ୍ତି, ସଞ୍ଜୟ ସାହାଣୀ, ସହ ସମ୍ପାଦକ ରାକେଶ ତ୍ରିପାଠୀ, କାର୍ଯ୍ୟକ୍ରମ ପରିଚାଳକ ରମଣୀ ରଂଜନ ଦାସ, ସୁଶାନ୍ତ ଘୋଷ, ପରିଷଦର ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ମମତା ଘଡେଇ, ନିକୁଞ୍ଜ ରଥ ରମାକାନ୍ତ ଲେଙ୍କା, ରଥ ଯାତ୍ରା ରାଜା ସରୋଜ ପ୍ରସାଦ ସ୍ୱାଇଁ, ମାନବେସ ରାୟ, ଅଭୟ ପରିଜା, ବିଷ୍ଣୁ କରଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ମୁରବୀ, ମହିଳା ଓ ଯୁବବର୍ଗ ମାନେ ଉପସ୍ଥିତ ଥିଲେ । ସାଇ ସୌରଭ ଜେନା ଓ ତାଙ୍କର ସହକର୍ମୀ ଏହି ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ବିଦ୍ୟୁତ ଖୁଣ୍ଟରେ ପିଟିହୋଇ ଯୁବକ ମୃତ



ଜଗତସିଂହପୁର, (ସବ୍ୟୁ) :ଜଗତସିଂହପୁର ଜିଲ୍ଲା ସଦର ଥାନା ପାକନପୁର ଛକ ନିକଟରେ ବିଦ୍ୟୁତ ଖୁଣ୍ଟରେ ବୁଲେଟ ପିଟି ହୋଇ ଆରୋହିଙ୍କର ମୃତକ ହୋଇଛି । ମୃତକ ଜଣକ ହେଲେ ସ୍ଥାନୀୟ କାଳିଆବୋଡା ଗ୍ରାମର ବୈରାଗୀ ନନ୍ଦଙ୍କ ପୁଅ ପିନ୍ଟୁ ନନ୍ଦ ଛପିଡ଼ୁ ମାର୍କେଟିଂ ଲାଇନରେ କାମ କରୁଥିବା ବେଳେ ଆଜି କୌଣସି ଏକ କାମରେ ବୁଲେଟ ଚଲାଇ ବାଲିକୁଦା ଯାଉଥିବା ବେଳେ ପାକନପୁର ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜଗତସିଂହପୁର ମେଡିକାଲକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ ।ପରିବାରର ସେ ଏକମାତ୍ର ରୋଜଗାରିଆ ପୁଅ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।ତାଙ୍କର ବାପା ରୋଗେଇ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ପୁଅକୁ ହରାଇ ବେଶ ଭାଙ୍ଗି ପଡିଛନ୍ତି ।ସେହି ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି।

## କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ସ୍ୱତନ୍ତ୍ର ଅଧିବେଶନ

# ସରକାରଙ୍କ ଦୋଷ ଦୁର୍ବଳତାକୁ ପଦାକୁ ଆଣିବା ଗଣମାଧ୍ୟମର ଧର୍ମ




ସାଲେପୁର, (ସବ୍ୟୁ) :ଗୋଟିଏ ସରକାର ଚାଲିବା ପାଇଁ ସାମ୍ବାଦିକ ମାନଙ୍କର ଆବଶ୍ୟକତା ରହିଛି। ସାମ୍ବାଦିକମାନେ ସରକାରଙ୍କ ଦୋଷ ଦୁର୍ବଳତାକୁ ଯଦି ଗଣମାଧ୍ୟମରେ ପ୍ରକାଶ ନ କରନ୍ତି ତେବେ ରାଜ୍ୟ ବା ଦେଶ ସଠିକ୍ ଭାବେ ଚାଲିପାରିବ ନାହିଁ ବୋଲି ସାଲେପୁର ଠାରେ ଅନୁଷ୍ଠିତ କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ସ୍ୱତନ୍ତ୍ର ଅଧିବେଶନରେ ମୂଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ବିଜେପି ଉପ-ସଭାପତି ଗୋଲକ ପ୍ରସାଦ ମହାପାତ୍ର ମତବ୍ୟକ୍ତ କରିଛନ୍ତି।ବିଗତ ସରକାର ୨୪ ବର୍ଷ ଧରି ସାମ୍ବାଦିକ ମାନଙ୍କ ପାଇଁ ଯେଉଁ ଜରୁରୀ କାଳୀନ ପରିସ୍ଥିତି ସୃଷ୍ଟି କରିଥିଲେ ମୋହନ ସରକାରରେ ଏହାର ପୁନରାବୃତ୍ତି ଘଟିବ ନାହିଁ।ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ମୋହନ ସରକାର ଖୁବ୍ ଶୀଘ୍ର ପାଳନ କରିବାକୁ ଯାଉଛନ୍ତି। ବିଶେଷ କରି ଓୟୁଜେ ପକ୍ଷରୁ ରଖାଯାଇଥିବା ଦାବି ପେନସନ, ପ୍ରୋଟେକ୍ସନ, ଆକ୍ରିଡେସନ୍ ବ୍ୟତୀତ ଅନ୍ୟାନ୍ୟ ସମସ୍ୟା ସଂକ୍ରାନ୍ତରେ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସମାଧାନର ସୂତ୍ର ବାହାର କରାଯିବ ବୋଲି ଉପସ୍ଥିତ ସାମ୍ବାଦିକ ମାନଙ୍କୁ ଉଦବୋଧନ ଦେବା ଅବସରରେ ଶ୍ରୀଯୁକ୍ତ ମହାପାତ୍ର କହିଛନ୍ତି। କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ସଭାପତି ପ୍ରଫୁଲ୍ଲ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ଓୟୁଜେର ସଭାପତି ପ୍ରସନ୍ନ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ପୂର୍ବ ସରକାର ସାମ୍ବାଦିକ ମାନଙ୍କ ପ୍ରତି କରିଥିବା ଅବିଚାରକୁ ଦୃଢ଼ ସମାଲୋଚନା କରିଥିଲେ। ଓୟୁଜେର ରାଜ୍ୟ ଉପସଭାପତି ରାଜୀବ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକ ମାନଙ୍କର ସମସ୍ୟା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ବିଶିଷ୍ଟ ସମାଜସେବୀ ହିମାଂଶୁ ମହାନ୍ତି ଉଦବୋଧନ ଦେଇ ସାମ୍ବାଦିକମାନଙ୍କର ସମସ୍ୟା ଉପରେ ଦୃଷ୍ଟି ଦେବାକୁ ସରକାରଙ୍କୁ ଅନୁରୋଧ କରିଥିଲେ।ପ୍ରାରମ୍ଭରେ ଅଭ୍ୟର୍ଥନା କମିଟି ଉପାଧ୍ୟକ୍ଷ ପ୍ରଫୁଲ୍ଲ ମିଶ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଅଜୟ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୂଖ୍ୟ ଅତିଥି ଶ୍ରୀଯୁକ୍ତ ମହାପାତ୍ର ସାଲେପୁରର ବରିଷ୍ଠ ସାମ୍ବାଦିକ ତଥା କବି ପ୍ରସନ୍ନ ମିଶ୍ର ଓ ସାଲେପୁର ବାର ଆସୋସିଏସନର କ୍ରମାଗତ ୫ ଥର ସଭାପତି ହୋଇଥିବା ବିକ୍ରମ କେଶରୀ ବଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏତଦ୍ ବ୍ୟତୀତ କଟକ ଜିଲ୍ଲାର ସମସ୍ତ ସଭ୍ୟ ଓ ଅବିଭକ୍ତ କଟକ ଜିଲ୍ଲାର ବରିଷ୍ଠ ପ୍ରତିନିଧିମାନଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଅଧିବେଶନ ଆରମ୍ଭରେ ନୃତ୍ୟ ଶ୍ରୀ କଳାନିକେତନ ପକ୍ଷରୁ ସ୍ୱାଗତ ସଂଗୀତ ଓ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଜିଲ୍ଲା ସଂପାଦକ ପ୍ରଦୀପ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପୁଣି ପଲସର ଆତଙ୍କ ଝାମ୍ପିନେଲେ ମୋବାଇଲ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ପୁଣି ପଲସର ଆତଙ୍କ ଦେଖାଦେଇଛି । ରାଜପଥରେ ବାଇକରେ ଯାଉଥିବା ଆରୋହୀଙ୍କ ଠାରୁ ଛଡାଇନେଲେ ମୋବାଇଲ । ଦୀର୍ଘ କିଛି ଦିନର ବ୍ୟବଧାନ ପରେ ପୁଣି ମାତିଲେଣି ମୋବାଇଲ ଚୋର । ପ୍ରକାଶଯେ ଗତ ୨୪ ତାରିଖ ସନ୍ଧ୍ୟାରେ କୁଆଖିଆ ଥାନା ଅନ୍ତର୍ଗତ ବ୍ରାହ୍ମଣ ନରସିଂହପୁର ଗ୍ରାମର ଅନନ୍ତ ବାରିକଙ୍କ ପୁଅ ସଦାନନ୍ଦ ବାରିକ ଏକ ବାଇକ ଯୋଗେ ପାଣିକୋଇଲିରୁ କୁଆଖିଆ ଫେରୁଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥର ଟିକର ପୋଲ ନିକଟରେ ପଛରୁ ୨ ଜଣ ଏକ ପଲସର ବାଇକରେ ଆସି ପକେଟରେ ଥିବା ତାଙ୍କ ମୋବାଇଲଟିକୁ ଝାମ୍ପିନେଇ କୁଆଖିଆ ଆଡେ ପଳାଇଥିଲେ । ସେମାନଙ୍କ ପିଛା କରି କୌଣସି ସୁଫଳ ନମିଳିବାରୁ ସଦାନନ୍ଦ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ଓଳାଭରରେ ତ୍ରିରଙ୍ଗା ଯାତ୍ରା

ରାଜକନିକା,(ସବ୍ୟୁ) :କାଶ୍ମୀର ପହେଲଗାମ ଆକ୍ରମଣ କଡ଼ା ଜବାବ ଦେବା ପାଇଁ ଭାରତ ସରକାରଙ୍କ ଅପରେସନ ସିନ୍ଦୁର ଅପୂର୍ବ ସଫଳତା ହାସଲ କରି ପାକିସ୍ତାନ ମାଟିରେ ଆତଙ୍କବାଦ ଉପରେ ଭାରତୀୟ ବିଜୟ ହୋଇଛି । ଭାରତବର୍ଷର ଏକତା ଅଖଣ୍ଡତା ସୁଦୃଢ଼ କରିବା ପାଇଁ ରାଜକନିକା ବ୍ଲକ ଓଳାଭର ଠାରେ ଆଜି ରବିବାର ଦିନ ରାଷ୍ଟ୍ରୀୟ ନାଗରିକ ମଞ୍ଚ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଓଳାଭର ପଞ୍ଚାୟତ ଓ ବଳରାମ ପୁର ପଞ୍ଚାୟତ,ଓଳାଭର ମାର୍କେଟ ପରିକ୍ରମା କରିବା ପରେ ସାତଘରିଆ ଠାରେ ତ୍ରିରଙ୍ଗା ଶେଷ ହୋଇଥିଲା ।ଏଥିରେ ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ସୁଶାନ୍ତ ନାୟକ,କର୍ଣ୍ଣାରାଜ୍ ବାରିକ୍,ବସନ୍ତ ସାହୁ,ସତ୍ୟପ୍ରକାଶ ଜଗତି, ସନ୍ତୋଷ କର,ନିହାର ରଞ୍ଜନ ସ୍ୱାଇଁ,ଶ୍ରୟସ ଦାସ,ପ୍ରକାଶ ନାୟକ, ରାଜେନ୍ଦ୍ର ସାମଲ , ସଚିନ ଦାସ , ଜନ୍ ନାୟକ, ନାରାୟଣ ମଲିକ,ଦିବ୍ୟଜ୍ୟୋତି ଜେନା, ଜଗନ୍ନାଥ ସାମଲ, ଅଶ୍ୱିନୀ ଦାସ ଓ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ଥିଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ଧର୍ମଶାଳା, (ସବ୍ୟୁ) :ଧର୍ମଶାଳା ଥାନା ପୁଲିସ ଗ୍ରାମବାସୀଙ୍କ ସହାୟତାରେ ଏକ ବାଲି ବୋଝେଇ ଟ୍ରାକଟର ଜବତ କରିବା ସହ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ ଧର୍ମଶାଳା ତହସିଲ୍ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ଚାନ୍ଦମୋହିନୀ ନିକଟ ଏକ ବାଲି ଘାଟ ରୁ ବେଆଇନ୍ ଭାବେ ହଜାର ହଜାର ଟ୍ରିପ୍ ବାଲି ଚୋରି ହୋଇ ନିକଟସ୍ଥ ଉତରପ୍ରତାପ ଗାଁ ଦେଇ ଯାଉଥିବା ବେଳେ ଗତକାଲି ରାତିରେ ଗ୍ରାମବାସୀମାନେ ଏକ ବାଲି ବୋଝେଇ ଟ୍ରାକ୍ଟର କୁ ଅଟକ ରଖି ଧର୍ମଶାଳା ପୁଲିସ କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଂଚି ଉକ୍ତ ଗାଡ଼ି ଟିକୁ ଜବତ କରିବା ସହ ୩୧୧/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲାଇଥିବା ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି । ଅନ୍ୟ ପକ୍ଷରେ ବ୍ରାହ୍ମଣୀ ନଦୀ ର ଶାଖା କେଲୁଅ ନଦୀ ର ମୁଣ୍ଡମାଳ, ଦେଓଦା, ଚାନ୍ଦମୋହିନୀ ଭଳି ବିଭିନ୍ନ ସ୍ଥାନରୁ ପ୍ରତ୍ୟେକ ଦିନ ବେଆଇନ୍ ଭାବେ ଶହ ଶହ ଟ୍ରୀପ୍ ବାଲି ଲୁଟ ହେଉଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ ପୁଲିସ ଓ ପ୍ରଶାସନ କି ପଦକ୍ଷେପ ନେଉଛି ତାହା ଆଗକୁ ଜଣାପଡିବ ।

# ମାତିଛନ୍ତି କେବୁଲ ତାର ଚୋର , ଚାଷୀ ହନ୍ତସନ୍ତ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅଞ୍ଚଳରେ ନିୟମିତ କେବୁଲ ତାର ଚୋରି ହେଉଥିବା ବେଳେ ସ୍ଥାନୀୟ ପୁଲିସ ଚୋର ମାନଙ୍କର ଟେର ପାଉନି। ଏହି ଥାନା ଅଂଚଳର ଦାମୋଦରପୁର, ଓଚିନ୍ଦା, ଅମୃତିଆ ଆଦି ସ୍ଥାନରୁ କ୍ରମାଗତ ଭାବେ କେବୁଲ ତାର ଚୋରି ହେଉଛି। ଗୋଟିଏ ପଟେ ଟାଟା ପାଓ୍ୱାର ବିଦ୍ୟୁତ ବିଲ ଆଦାୟ ନେଇ ଚାଷୀଙ୍କ ଉପରେ ଜୁଲମ କରୁଥିବା ବେଳେ କେବୁଲ ତାର ଚୋର ମାନେ ସେମାନଙ୍କର ଦୁର୍ଦ୍ଦଶା ବଢାଇ ଦେଇଛି। ତାର ଚୋର ମାନେ ବର୍ତମାନ ଉଠା ଜଳସେଚନ ଗୁଡ଼ିକୁ ଯାଇଥିବା ୩ ଫେଜ ଏଲଟି ଲାଇନର କେବୁଲ ଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ଗତ ୧୪ ତାରିଖ ଦିନ ରାତିରେ ଦାମୋଦରପୁର ଓ ବାଟୁଳ ଗ୍ରାମର ମଧ୍ୟସ୍ଥଳୀରେ ଥିବା ଉଠା ଜଳସେଚନ ପଏଂଟର ୩୦ଟି ଖୁଂଟର କେବୁଲ ତାରକୁ ଚୋର ମାନେ କାଟି ନେଇଥିବା ବେଳେ ୨୪ ତାରିଖ ରାତିରେ ପାଣିକୋଇଲି ବାଲିଦାଣ୍ଡ ସାହି ନିକଟରେ ଥିବା ଚାଷ ଜମିରୁ ୨୬ଟି ସ୍ଥାନର ପାଖାପାଖି ୧୫୦୦ ମିଟର କେବୁଲକୁ ଚୋର ମାନେ କାଟି ନେଇଛନ୍ତି। 'ଲରେ ପ୍ରାୟ ୨୦୦ଏକରରୁ ଚାଷ ଜମିର ୮ରୁ ଉର୍ଦ୍ଧ୍ୱ ଚାଷୀ ପ୍ରଭାବିତ ହୋଇଛନ୍ତି। ଏ ନେଇ ଗ୍ରାମର ଚାଷୀ ରବି ନାରାୟଣ ପଣ୍ଡା, ସନ୍ତୋଷ ସାହୁ, ଅନନ୍ତ ରଣା. ବ୍ରଜ କିଶୋର ମଲିକ, ମଦନ ମୋହନ ସ୍ୱାଇଁ, ନିରାକାର ସାହୁ, ବାବନ ଚରଣ ସାହ. ପ୍ରଦୀପ କୁମାର ସାହୁ ପ୍ରମୁଖ କ୍ଷତିଗ୍ରସ୍ତ ହୋଇଛନ୍ତି। ତୁରନ୍ତ ଚୋରକୁ ଧରିବା ସହିତ ତାଙ୍କୁ ମାଗଣାରେ ଚାଷ ଜମିକୁ କେବୁଲ ସଂଯୋଗ କରିବା ଲାଗି ପାଣିକୋଇଲି ପୁଲିସ ଓ ବିଦ୍ୟୁତ ବିଭାଗ ନିକଟରେ ଦାବି କରିଛନ୍ତି।

# ଯୁକ୍ତ ୨ ବିଜ୍ଞାନରେ ୫୫୭ ରଖି ଝଟକିଲେ ଜ୍ୟୋତି ରଞ୍ଜନ



ମହାକାଳପଡ଼ା,(ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ସଦର ମହାକାଳପଡ଼ା ପଞ୍ଚାୟତର ଚଡାଇଗୁଆଁ ଗାଁ ର ଜ୍ୟୋତିରଞ୍ଜନ ସାମଲ ଅଭାବି ପରିବାରରେ ଜନ୍ମ ହୋଇ ବି ଗତ ଯୁକ୍ତ ବିଜ୍ଞାନ ପରୀକ୍ଷାରେ ୫୫୭ ନମ୍ବର ରଖି ଝଟକିଛନ୍ତି। ପିତା ଜ୍ଞାନରଞ୍ଜନ ଗୃହରକ୍ଷୀ ଭାବେ କାର୍ଯ୍ୟରତ ଥିବା ବେଳେ ମାତା ଜୟନ୍ତୀ ଜଣେ ସାଧାରଣ ଗୃହିଣୀ । ଅଭାବି ପରିବାରରେ ଜନ୍ମ ହୋଇବି ତୃତୀୟ ଓ ପଞ୍ଚମରେ ମେଧାବୃତ୍ତି ହାସଲ କରିବା ପରେ ପଛକୁ ଚାହିଁନାହାନ୍ତି ଜ୍ୟୋତିରଞ୍ଜନ। ଗାଁ ପାଖ ଶିଶୁ ମନ୍ଦିରରେ ପଞ୍ଚମ ପାସ ପରେ ତପଲ୍ଲୀ ବିଦ୍ୟାପୀଠ, ଭିଙ୍ଗାର ପୁର ଖୋର୍ଦ୍ଧାରେ ଷଷ୍ଠ ରୁ ଦଶମ ଅଧ୍ୟୟନ କରି ୯୫%ମାର୍କ ରଖି ଏଗ୍ରେଡ୍ ହାସଲ କରିଥିଲେ । ପରବର୍ତ୍ତୀ ସମୟରେ ପ୍ରୟାସ ଉଚ୍ଚ ମାଧ୍ୟମିକ ବିଜ୍ଞାନ ସ୍କୁଲ, ଯାଜପୁର ରେ ଶିକ୍ଷାଗ୍ରହଣ କରିବା କାଳରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ନେଇ ପ୍ରସ୍ତୁତି ହୋଇଥିଲେ । ଯାହାଫଳରେ ଯୁକ୍ତ୨ବିଜ୍ଞାନରେ ୯୨. ୦୮% ଭାବେ ୫୫୭ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ବାପା ଓ ମା ଙ୍କର ଡାକ୍ତର ହେବାର ସ୍ୱପ୍ନକୁ ସଫଳ ରୂପାୟନ ନେଇ ମେଡିକାଲ ଏଣ୍ଟ୍ରାନ୍ସର ଫଳ ଉପରେ ଦୃଢ଼ ଆଶା ରଖିଛନ୍ତି । ଆଗାମୀ ଦିନରେ ଜଣେ ଡାକ୍ତର ହୋଇ ଦରିଦ୍ର ନାରାୟଣ ଙ୍କ ସେବା କରିବାର ଲକ୍ଷ୍ୟ ରଖିଥିବାର ଗଣ ମାଧ୍ୟମକୁ କହିଛନ୍ତି । ପିତାଙ୍କ ତେଲ ଲୁଣ ସଂସାର ଭିତରେ ପୁଅର ପାଠ ପଢ଼ା ଯଦିଓ ଜଣେ ଗୃହ ରକ୍ଷୀ ପିତାଙ୍କ ପାଇଁ ବେଡି ଉପରେ କୋରଡ଼ା ତଥାପି ସେ ଭାଙ୍ଗି ପଡ଼ିନାହାନ୍ତି ।

# ଦେଶୀ ମଦ ଜବତ, ବେପାରୀ କୋର୍ଟ ଚାଲାଣ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ପୁଲିସ ସନ୍ଧ୍ୟା ପେଟ୍ରୋଲିଂଗ ସମୟରେ ଦେଶୀ ମଦ ଜବତ କରିବାରେ ସକ୍ଷମ ହୋଇଛି । ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଛକ ନିକଟରେ ଦେଶୀ ମଦ ଚୋରା ବିକ୍ରିର ଖବର ପାଇ ପୁଲିସ ଚଢାଉ କରିଥିଲା । ଚଢାଉ ସମୟରେ ସେଠାରେ ଥିବା ବେପାରୀ ଉତରପ୍ରଦେଶର ରାମସଖି ଯାଦବଙ୍କ ପୁଅ ମହେନ୍ଦ୍ର କୁମାର (୩୮)କୁ ଧରିବାରୁ ତା ନିକଟରୁ ୨୪ ବୋତଲ ଆସ୍କା ଫର୍ଟି (୪.୮୦୦) ଲିଟର ଦେଶୀ ମଦ ଧରାଯାଇଥିଲା । ମଦ ସହ ତାକୁ ଧରି ଆଣିବା ପରେ ଏକ ମାମଲା ୧୩୬/୨୫ ରୁଜୁ କରାଯାଇ ମହେନ୍ଦ୍ରକୁ ଦଫା ୫୨(ଏ) ଓଡିଶା ଏକ୍ସାଇଜ ଆକ୍ଟରେ କୋର୍ଟ ଚାଲାଣ କରାଯାଇଛି ।


# ଲଗାଣ ବର୍ଷା ଜନଜୀବନ ଅସ୍ତବ୍ୟସ୍ତ

ଧର୍ମଶାଳା,(ସବ୍ୟୁ): ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ବିପ୍ୱାତ ଲାଗିରହିଛି । ଏହି କ୍ରମରେ ଧର୍ମଶାଳା ବ୍ଲକ ଅଂଚଳରେ ଗତକାଲି ଠାରୁ ବର୍ଷା ଲାଗି ରହିଛି । ଫଳରେ ଖରାଦିନିଆ ପନିପରିବା ଚାଷ ପ୍ରଭାବିତ ହୋଇଛି । ବର୍ଷା ଯୋଗୁଁ ଅନେକ ଖାଲୁଆ ରାସ୍ତାରେ ପାଣି ଜମିରହିବା ଫଳରେ ଲୋକମାନଙ୍କ ଯାତାୟତ ବାଧାପ୍ରାପ୍ତ ହୋଇଛି । ସେହିପରି ବର୍ଷା ଲାଗିରହିବାରୁ ମୁଲିଆ ଶ୍ରେଣୀର ଲୋକମାନେ କାମଧନ୍ଦାକୁ ଯାଇ ନପାରି ଘରେ ଭୋକ ଉପାଷରେ ରହୁଛନ୍ତି । ତେବେ ରାଜ୍ୟରେ ଏଭଳି ବର୍ଷା ଆଗାମୀ ୭ ଦିନ ପର୍ଯ୍ୟନ୍ତ ଲାଗି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଆଗକୁ ଏଭଳି ବର୍ଷା ଲାଗିରହିଲେ ଖାରଦିନିଆ ପନିପରିବା ଚାଷ କରିଥିବା ଚାଷୀମାନେ ସର୍ବାଧିକ କ୍ଷତିଗ୍ରସ୍ତ ହେବା ନେଇ ଆଶଙ୍କା କରାଯାଇଛି । ଆସନ୍ତା ୨୭ ତାରିଖରେ ଏକ ଲଘୁଚାପ ଆସିବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଥିବା ବେଳେ ଏହାକୁ ନେଇ ଚାଷୀ କୂଳ ମଧ୍ୟରେ ଛନକା ପସିଯାଇଛି । ଚଳିତ ବର୍ଷ ସପ୍ତାହେ ପୁର୍ବରୁ ମୌସୁମୀ ଆସିବା ନେଇ ଆକଳନ କରାଯାଇଥିବା ନେଇ ଚାଷୀ ମଧ୍ୟରେ ଖୁଶିର ବାତାବରଣ ଦେଖାଇଛି । ହେଲେ ଏବେ ଅଦିନିଆ ବର୍ଷା ଲାଗିରହିବାରୁ ବିଶେଷ କରି ପନିପରିବା ଚାଷୀମାନେ କ୍ଷତିଗ୍ରସ୍ତ ହେବା ନେଇ ଅଶଙ୍କା ପ୍ରକାଶ ପାଇଛି । ଗତକାଲି ଧର୍ମଶାଳା ବ୍ଲକରେ ଜିଲ୍ଲା ଅପେକ୍ଷା କମ ବର୍ଷା ହୋଇଥିବା ବେଳେ ଆଜି ପାଖାପାଖି ୨୦ ସିଏମରୁ ଅଧିକ ବର୍ଷା ହୋଇଥିବା ଜଣାଯାଇଛି । ମେ ମାସରେ ଟାଣ ଖରାରରେ ଲୋକେ ଆଉଟି ପାଉଟି ହେଉଥିବା ବେଳେ ଏବେ ଆକାଶ ମେଘାଛନ୍ନ ରହିବା ସହିତ ତୁହାକୁ ତୁହା ବର୍ଷା ଲାଗିରହିବାରୁ ଲୋକେ ଆସ୍ୱସ୍ତି ଅନୁଭବ କରିଛନ୍ତି ।

# ଭିକାରି ବଳ ଜୟନ୍ତୀ ପାଳିତ

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ କୁଆଖିଆ ସାନଓରାଳୀ ହରିହଟ ମା ତାରିଣୀ ମନ୍ଦିର ପରିସରରେ ଗୋକୁଳ ବୃନ୍ଦାବନ ଗୋ ସେବା ଓ ଭିକାରି ବଳ ସ୍ମୃତି ସଂସଦ ତରଫରୁ ଭଜନ ସମ୍ରାଟ ଭିକାରି ବଳଙ୍କ ୯୭ ତମ ଜୟନ୍ତୀ ରବିବାର ଦିନ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରମୋଦ କୁମାର ଦାଶ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ନରୋତ୍ତମ ସାହୁ, ଧରଣୀଧର ସାହୁ, କୁଳମଣି ନାୟକ, ହଳଧର ବାଭି, ସୌମ୍ୟ ରଞ୍ଜନ ବାଭି, ଅଭୟ ଶତପଥୀ, ଦାମୋଦର ମହାରଣା, ଯୋଗ ଦେଇ ଭିକାରି ବଳ ଙ୍କ ସ୍ମୃତି ଚରଣ କରିଥିଲେ । ସମ୍ପାଦକ ନରେନ୍ଦ୍ର ବାଭି ବିବରଣୀ ପାଠ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବର୍ଷିୟାନ କଂଗ୍ରେସ ନେତା ସୋମନାଥ ମହାପାତ୍ରଙ୍କ ପରଲୋକ



ନେମାଳ /ନିଶ୍ଚନ୍ତ କୋଇଲି, (ସବ୍ୟୁ) : ଶନିବାର ପୂର୍ବାହ୍ନରେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ପଞ୍ଚାୟତ ରହଂସ ଗ୍ରାମର ବର୍ଷିୟାନ କଂଗ୍ରେସ ନେତା ସୋମନାଥ ମହାପାତ୍ରଙ୍କ ନିଜ ବାସଭାବନରେ ୯୫ବର୍ଷ ବୟସରେ ପରଲୋକ ହୋଇଯାଇଛି।ସ୍ୱର୍ଗତ ମହାପାତ୍ର ଅବିଭକ୍ତ ନେମାଳ ପଞ୍ଚାୟତରୁ ଥରେ ଓ ସାନ୍ତପୁର ପଞ୍ଚାୟତରୁ ଏକାଧିକବାର ସରପଞ୍ଚ ସହିତ ଅଚ୍ୟୁତାନନ୍ଦ ସେବା ସମବାୟ ସମିତିର ସଭାପତି ଭାବେ ନିର୍ବାଚିତ ହୋଇ ନିଜ ଅଞ୍ଚଳରେ ଶିକ୍ଷା,ସ୍ୱାସ୍ଥ୍ୟ,ଗମନା ଗମନ ଓ ଜଳସେଚନ ବିକାଶ ଦିଗରେ କାର୍ଯ୍ୟକରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ । ମହାପୁରୁଷ ଅଚ୍ୟୁତାନନ୍ଦ ପୀଠରେ ବିଭିନ୍ନ ପର୍ବପର୍ବାଣୀରେ ୮ ଗୁରୁ ଦାଇତ୍ୱ ସୂଚାର ରୂପେ ସମ୍ପାଦନ କରି ଏକ ଆଧ୍ୟାତ୍ମିକ ବ୍ୟକ୍ତି ଭାବରେ ବେଶ ପରିଚିତ ଥିଲେ। ଯୁବ ବୟସରୁ କଂଗ୍ରେସ ସଂଗଠନକୁ ମଜଭୁତ କରିବା ସହ ରାଜ୍ୟସ୍ତରୀୟ ବହୁ କଂଗ୍ରେସ ନେତୃମଣ୍ଡଳୀଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା ।ସ୍ୱର୍ଗତ ମହାପାତ୍ରଙ୍କ ପରଲୋକ ଖବର ପ୍ରଚାର ହେବ ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ଖବର ପାଇ ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁ,କଂଗ୍ରେସ ନେତା ନାରାୟଣ ଦ୍ୱିବେଦୀ,କଂଗ୍ରେସ ଯୁବନେତା ଆଇନଜୀବୀ ଇଂ ଆକାଶ ଭୂୟାଁ,କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ,ଉପେନ୍ଦ୍ରନାଥ ମହାନ୍ତି,ଶରତ ଚନ୍ଦ୍ର ଦାସ,ଶିକ୍ଷାବିତ୍ ଅମୁଲ୍ୟ କୁମାର ମହାନ୍ତି,କୃଷ୍ଣଚନ୍ଦ୍ର ନାୟକ,ସୁବାଷ ଚନ୍ଦ୍ର ଦାସ,ସାମ୍ବାଦିକ କ୍ଷମାନିଧି ପୁଝାରୀ,ମଳୟ କୁମାର ଦେ,ନୃସିଂହଚରଣ ମୁଦୁଲି,ସ୍ଥାନୀୟ ସରପଞ୍ଚ ରମାକାନ୍ତ ନାୟକ,ପ୍ରକ୍ତନ ସରପଞ୍ଚ ରବୀନ୍ଦ୍ର ନାଥ ପଣ୍ଡା,ଦିବାକର ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ,ରମେଶ ଚନ୍ଦ୍ର ବେହେରା,ନାରାୟଣ ବାରିକ,କ୍ଷିତୀଶ ଚନ୍ଦ୍ର ରାଉତ,ଜଗଦୀଶ ଦାସ,ହିମାଂଶୁ ଦାସ,ସୁଧାଂଶୁ ଶେଖର ମହାନ୍ତି,ବିବେକାନନ୍ଦ ବେହେରା,ଜୟାରାମ ନାୟକ,କେଶବ ଦଳାଇ,ସାମ୍ବାଦିକ ବିନୟ ଦାସ,ଗୋବିନ୍ଦ ଦାସ,ସୁଧାଂଶୁ ମହାପାତ୍ର ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କ ବାସ ଭବନରେ ପହଁଞ୍ଚି ଶେଷ ଦର୍ଶନ କରିବା ସହ ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ ।ମତ୍ୟୁଶଯ୍ୟା ନିକଟରେ ସ୍ତ୍ରୀଇଁ ଶ୍ରୀବତ୍ସ ଭୂୟାଁ ଝିଅ ଉର୍ମିଳା ଭୂୟାଁଙ୍କ ସହ ବନ୍ଧୁବାନ୍ଧବ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ ।ନେମାଳ ବଟଗଡା ଚିତ୍ରୋପୋଲା ଶ୍ମଶାନ ଘାଟଠାରେ ସ୍ୱର୍ଗତ ମହାପାତ୍ରଙ୍କର ଶେଷକୃତ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା ।ନାତି ଅମ୍ବିକା ପ୍ରସାଦ ମହାପାତ୍ର ମୁଖାଗ୍ନି ଦେଇଥିଲେ।

# ଗଣଶିକ୍ଷା ସଚିବ ଓ ପୁରୁଣା ସିଟି, ବିଇଡ଼ି ସଂଘର ଆଲୋଚନା



ନିଶ୍ଚିନ୍ତକୋଇଲି,(ସବ୍ୟୁ): ଦୀର୍ଘବର୍ଷ ହେବ ଚାକିରୀ ପାଇବା ପାଇଁ ଅପେକ୍ଷା କରି ହତାଶ ହୋଇ ପଡ଼ିଥିବା ପୁରୁଣା ସିଟି ଓ ବିଇଡ଼ି ସଂଘ ସହିତ ଗଣଶିକ୍ଷା ସଚିବଙ୍କ ଆଲୋଚନା ହୋଇଛି । ଏହି ଆଲୋଚନାରେ ସଂଘର କର୍ମକର୍ତ୍ତା ଓ ସଭ୍ୟ ସଭ୍ୟାମାନେ ଟିକେ ଆଶ୍ୱସ୍ତି ହୋଇ ଖୁସି ବ୍ୟକ୍ତ କରିଛନ୍ତି । ସରକାର ବଦଳିବା ପରେ ପୁରୁଣା ସିଟି, ବିଇଡ଼ି ସଂଘ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜରେ ନିଯୁକ୍ତି ଦେବା ପାଇଁ ବିଜେପିର ରାଜ୍ୟ ସ୍ତରୀୟ ନେତା ମାନଙ୍କ ନିକଟରେ ଦାବି କରାଯାଇଥିଲା । ଉକ୍ତ ଦାବିକୁ ବିଚାରକୁ ନେଇ ଗତ ୨୨ତାରିଖ ଦିନ ରାଜ୍ୟ ଗଣଶିକ୍ଷା ସଚିବ ପୁରୁଣା ସିଟି ବିଇଡ଼ି ସଂଘର କର୍ମକର୍ତ୍ତା ରାଜ୍ୟ ସଂଘ ସଭାପତି ଗୋପବନ୍ଧୁ ମୁଦୁଲି ,ସମ୍ପାଦକ କାହ୍ନୁଚରଣ ସାହୁ ଓ ମୁଖ୍ୟ ଉପଦେଷ୍ଟା ଗଗନବିହାରୀ ମିଶ୍ର ପ୍ରମୁଖଙ୍କୁ ଡ଼ାକି ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ପୁରୁଣା ସଂଘରେ ଥିବା କର୍ମକର୍ତ୍ତା ଓ ସଭ୍ୟ ସଭ୍ୟାମାନେ କଣ ପାଇଁ ଚାକିରୀ ପାଇପାରିନଥିଲେ ଏବଂ ସେଥିରେ କଣ ତ୍ରୁଟି ରହିଥିଲା ସେ ସଂକ୍ରାନ୍ତରେ ବିଷଦ ଭାବେ ସଚିବଙ୍କୁ ଅବଗତ କରାଇଥିଲେ । ଶିକ୍ଷା ସଚିବ ସଂଘର ସମସ୍ୟା ସଂକ୍ରାନ୍ତରେ ଅବଗତ ହେବା ପରେ ପୁରୁଣା ସିଟି ବିଇଡ଼ି ତାଲିମପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ସ୍ୱତନ୍ତ୍ର ପ୍ୟାକେଜରେ ଶିକ୍ଷକ ଭାବେ ନିଯୁକ୍ତି ସମ୍ପର୍କରେ ମତପ୍ରକାଶ ପାଇଥିଲା । ଏହି ଆଲୋଚନାର ଗତି ସକାରାତ୍ମକ ଦିଗରେ ରହିଥିବା ଜଣାଯାଇଛି । ଏହାକୁ ଚୁଡ଼ାନ୍ତ କରିବାକୁ ଖୁବ୍ ଶୀଘ୍ର ମନ୍ତ୍ରୀ ପରିଷଦ ବୈଠକରେ ସ୍ଥିର ହେବ ବୋଲି ସଂଘ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ।

# ସାମ୍ବାଦିକଙ୍କ ବ୍ୟାଗ ସହିତ କ୍ୟାମେରା ଚୋରି

ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଅଞ୍ଚଳରେ ନିଉଜ ୭ ବୈଦୁତିକ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ସମରେନ୍ଦ୍ର ମାହାଲାଙ୍କର କ୍ୟାମେରା ବ୍ୟାଗ ସହିତ ନଗଦ ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇ ଯାଇଥିବା ନେଇ ବଡଚଣା ଥାନାରେ ଲିଖିତ ଅଭିଯୋଗ ହୋଇଛା। ଶ୍ରୀ ମାହାଲା ଖବର ସଂଗ୍ରହ ପାଇଁ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଛାତିଆକୁ ଯାଉଥିଲେ।ଏହି ସମୟରେ ପ୍ରବଳ ବର୍ଷା ହେବାରୁ ସେ ବନ୍ଦାଳ ନିକଟସ୍ଥ ଜାତୀୟ ରାଜପଥ ଗଳିପୋଲ ତଳେ ନିଜ ବାଇକରଖି ଆଶ୍ରୟ ନେଇଥିଲେ। ଏହି ସମୟରେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ମୋବାଇଲ କଲ ଆସିବାରୁ ସେ ବାଇକ ଠାରୁ କିଛି ଦୂରକୁଯାଇ ଫୋନରେ କଥା ହୋଇଥିଲେ।ମୋବାଇଲରେ କଥାସାରି ଦେଖିବା ବେଳକୁ ବାଇକରେ ଟଙ୍ଗା ଯାଇଥିବା ତାଙ୍କ କ୍ୟାମେରା ନଥିଲା। ଫୋନରେ କଥାହେବା ବେଳେ ସେ ସାମାନ୍ୟ ଅନ୍ୟ ମନସ୍କ ଥିବା ସୁଯୋଗରେ କେହି ତାଙ୍କ ମୋଟର ସାଇକେଲରୁ ବ୍ୟାଗକୁ ଚୋରାଇ ନେଇଥିବା ଶ୍ରୀ ମାହାଲା ଉଲେଖକରି ଥାନାରେ ଏତଲା ଦାୟର କରିଛି। ବର୍ଷା ଯୋଗୁଁ ତାଙ୍କସହ ସେହି ପୋଲତଳେ ଆଉକିଛି ଲୋକ ଆଶ୍ରୟ ନେଇଥିଲେ ।ତେବେ ସେ ସେହି ଲୋକମାନଙ୍କୁ ପଚରାପଚରି କରିଥିଲେ ମଧ କେହି କିଛି କହିନଥିଲେ । ଉକ୍ତ ବ୍ୟାଗରେ ତାଙ୍କର ପରିଚୟ ପତ୍ର,କ୍ୟାମେରା ଓ ଅଫିସ ବୁମ୍ ସହିତ ନଗଦ ୫ ହଜାର ଟଙ୍କା ଥିଲା ବୋଲି ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ଏତଲା ପାଇବା ପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀଣୀ କହୀଛନ୍ତି।ଏ ସମ୍ପର୍କରେ ପୋଲିହ ତଦନ୍ତକରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରେସକ୍ଲବ ଚଣ୍ଡିଖୋଲର ସାମ୍ବାଦିକ ମାନେ ଦାବି କରିଛନ୍ତି।

# ଜଳସମ୍ପଦ ବିଭାଗ ପକ୍ଷରୁ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ



ଛତିଆ/ଚଣ୍ଡିଖୋଲ, (ସବ୍ୟୁ) :, ଜଳସମ୍ପଦ ବିଭାଗର ଚଣ୍ଡିଖୋଲ ସବଡିଭିଜନ ଅଧିନ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ସୋଲର ଓ ଉପୁଳା ଗ୍ରାମ ମଧରେ ହାଇଲେଭଲ କେନାଲରେ ରବିବାର ଦିନ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି।ଆୟୋଜିତ ଉତ୍ସବରେ ବଡ଼ଚଣା ବିଧାୟକ ଅମରକୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଳ ସମ୍ପଦ ବିଭାଗର ଅତିରିକ୍ତ ନିର୍ବାହୀଯନ୍ତ୍ରୀ ଭାଗବତ ବେହେରାଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ!। ହାଇଲେଭୁଲ କେନାଲର ୬ ନମ୍ବର (କ) ବିତରକ କେନାଲର ୧.୩୫୦୦ କିମି ଠାରୁ ୩.୫୦୦ କିମି ପର୍ଯ୍ୟନ୍ତ ଉନ୍ନତିକରଣ ପାଇଁ ଶିଳାନ୍ୟାସ ହୋଇଥିଲା! ଏହି କାର୍ଯ୍ୟ ପାଇଁ ୨ କୋଟି ୪୩ ଲକ୍ଷ ବେୟବରାଦ ହୋଇଥିବା ବେଳେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ୫୪୦ ହେକ୍ଟର ଚାଷ ଜମିକୁ ଜଳସେଚନ ହୋଇପାରିବ! ଏଥିରୁ ଜଳନେଇ ସୋଲାର,ବୈରୀ, ପାଇକରାପୁର ଓ ଛତିଆ ରାଜସ୍ୱ ଗ୍ରାମର ଚାଷୀ ଉପକୃତ ହୋଇପାରିବେ ବୋଲି ଶିଳାନ୍ୟାସ ପରେ ବିଧାୟକ ଶ୍ରୀ ନାୟକ ପ୍ରକାଶ କରିଥିଲେ। ସେହିପରି ୭୧/୪ ଓ ୭ (କ) ନମ୍ବର ବିତରକ କେନାଲର ଶିଳାନ୍ୟାସ ହୋଇଥିଲା।ଏଥି ପାଇଁ ୨କୋଟି ୪୨ ଲକ୍ଷ ବ୍ୟୟବରାଦ ହୋଇଥିବା ସ୍ଥଳେ ମଞ୍ଜୁର ଅର୍ଥରେ ୧୩୪୪ ମିଟର ଲମ୍ବ କଂକ୍ରିଟ ଲାଇନ ନିର୍ମାଣ ହେବ। ଏଠାରେ କଇଁଥିପୋଖରୀ ,ବନ୍ତଲା, ଡ଼ଗରପଡ଼ା, ଉପୁଳା ,ବନ୍ଦାଳ, କଢ଼େଇ ଓ ସାତଲଣ୍ଡା ଗ୍ରାମର ଚାଷୀମାନେ ଉପକୃତ ହୋଇପାରିବେ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେବହୁ ଦଳୀୟ ନେତୃବୃନ୍ଦ ଓ ନିର୍ବାଚିତ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ମୃତକଙ୍କ ଅସହାୟ ପରିବାରକୁ ଯୁବ ସ୍ୱାଭିମାନ ଗ୍ରୁପ୍‌ର ସହାୟତା



କେନ୍ଦ୍ରାପଡ଼ା , (ସ୍ୱପ୍ର) : କେନ୍ଦ୍ରାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ସଙ୍ଗଠନ 'ଯୁବ ସ୍ୱାଭିମାନ' ପକ୍ଷରୁ ବଗଡ଼ା ଗ୍ରାମପଞ୍ଚାୟତ, କଚେରୀପଡ଼ା ଗ୍ରାମର ମୃତ ମଙ୍ଗୁଳି ଚରଣ ନାୟକଙ୍କ ଅସହାୟ ପରିବାରକୁ ଚାଳିଶ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଖବର ମୁତାବକ ଗତ ଶନିବାର ୧୭ ତାରିଖ ଦିନ ମଙ୍ଗୁଳି ଚରଣ ନାୟକ ଜାଳେଣି ସଂଗ୍ରହ ପାଇଁ ଗୋଟେ ଚାଖୁଣ୍ଡା ଗଛ ଉପରେ ଚଢିଥିଲା ବେଳେ ଖସିପଡ଼ି ଗୁରୁତର ଅବସ୍ଥାରେ କଟକ ବଡ଼ମେଡ଼ିକାଲ ଆଇସିୟୁ ରେ ଭର୍ତ୍ତି ହୋଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଗତଶୁକ୍ରବାର ରାତିରେ ମଙ୍ଗୁଳି ମୃତ୍ୟୁ ବରଣ କରିଥିଲେ। ଫଳରେ ଘରେ ସ୍ତ୍ରୀ ଏବଂ ଛୋଟ ଛୋଟ ଚାରୋଟି ଗୋଟି ଛୁଆଛ ପରିବାରର ଦୁଃଖ କହିଲେ ନ ସରେ ।ସ୍ୱାମୀଙ୍କ ଅକାଳ ବିୟୋଗରେ ପରିବାରର ମେରୁଦଣ୍ଡ ଭାଙ୍ଗିଯାଇଛି। ଅସହାୟ ସ୍ତ୍ରୀ ଏବେ ନିରୁପାୟ ଛୋଟ ଛୋଟ ପିଲାଙ୍କୁ ନେଇ କେମିତି ଜୀବନ ଜୀବିକା ନିର୍ବାହ କରିବେ ଭାବି ଭାବି ଆଖିରୁ ଲୁହ ଶୁଖୁନାହିଁ। ଏହି ଅସମୟରେ ଯୁବ ସ୍ୱାଭିମାନ ଗ୍ରୁପ୍ ଆର୍ଥିକ ସହାୟତାର ହାତ ବଢାଇବା ସହ ମଙ୍ଗୁଳି ନାୟକଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହ ଆଶ୍ୱାସନା ଦେଇଛନ୍ତି ।ଉକ୍ତ କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ସଭାପତି ଇଂ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ଦୁର୍ଗାପ୍ରସାଦ ସ୍ୱାଇଁ, ସୁରେନ୍ଦ୍ର ପୃଷ୍ଟି, ମନୋଜ ଓଝା, ମାନସ ପ୍ରଧାନ, ଦୀପକ ଦାସ, ସନ୍ଦୀପ ବେହେରା, ସୁଶାନ୍ତ ସାହାଣୀ, ମନୋଜ ସାହୁ, ଶିବାନୀ ପାଣି, ଦୀପକ ବେହେରା, ପ୍ରଫୁଲ୍ଲ ପରିଡ଼ା, ପିତାମ୍ବର ମହାନ୍ତି, ଚନ୍ଦନ ସେଠୀ, ପ୍ରଭାତ ସେଠୀ, ବନମାଳୀ ଜେନା, ସୂର୍ଯ୍ୟ ବେହେରା, ବ୍ରହ୍ମାନନ୍ଦ ପରିଡ଼ା, ନିରଞ୍ଜନ ତ୍ରିପାଠୀ, ଶ୍ରୀକାନ୍ତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳ କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ନାଗରିକ ମଞ୍ଚର ଧାରଣା



ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲା ପ୍ରତି ରେଳ କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ନୟାଗଡ଼ ନାଗରିକ ମଞ୍ଚ ରେଳ ଷ୍ଟେସନ ସମ୍ମୁଖରେ ଆଜି ବିକ୍ଷୋଭ ପ୍ରଦର୍ଶନ କରିଛି। ପୂର୍ବରୁ ରେଳ ମନ୍ତ୍ରୀ ପ୍ରଳ୍ହାଦ ପରମେଶ୍ୱରଙ୍କ ଫୁଙ୍କଓ୍ୱାଲ ଗତ ମାସ ୨୧ ତାରିଖରେ ଦଶପଲ୍ଲା ଗସ୍ତ ସମୟରେ ନାଗରିକ ମଞ୍ଚ ତାଙ୍କୁ ନୟାଗଡ଼ ଷ୍ଟେସନ ଠାରେ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲା। ଖୁବ ଶୀଘ୍ର ଦାବି ପୂରଣର ପ୍ରତିଶ୍ରୁତି ପରେ ତାହା ପାଣିର ଗାର ପାଲଟିଛି। ଯେଉଁଠି ବିଭାଗୀୟ ମୁଖ୍ୟ ତାଙ୍କ ପ୍ରତିଶ୍ରୁତି ରକ୍ଷା କରୁନାହାନ୍ତି ସେଠାରେ ରେଳବାଇ କିପରି ଚାଲିଛି ବୋଲି ନାଗରିକ ମଞ୍ଚ ପ୍ରଶ୍ନ କରିବା ସହିତ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଘୋଷଣା କରିଛି।ବାରମ୍ବାର ଦାବି ପରେ ଗତ ଜାନୁଆରୀ ମାସରୁ ଦଶପଲ୍ଲା-ପୁରୀ ପାସେଞ୍ଜର ଟ୍ରେନକୁ ବଦଳାଇ ମେମୁ ଟ୍ରେନ ପ୍ରଚଳନ କରିବା ପାଇଁ ପୂର୍ବତଟ ରେଳ ପକ୍ଷରୁ ନଭେମ୍ବର ୧୪ ତାରିଖ ୨୦୨୪ ମସିହାରେ ଚିଠି ନଂ-୪୨୫ରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଇତିମଧ୍ୟରେ ୫ ମାସ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ମେମୁ ଟ୍ରେନ ଚାଲିଲା ନାହିଁ। ନୟାଗଡ଼ ଜିଲ୍ଲାରେ ରେଳ ସେବା ଆରମ୍ଭ ହେବାର ଦଶନ୍ଧି ଅତିକ୍ରାନ୍ତ ହୋଇଥିବା ବେଳେ ନୟାଗଡ଼ ଜିଲ୍ଲାବାସୀ ସର୍ବନିମ୍ନ ରେଳ ସୁବିଧା ପାଇ ପାରିଲେ ନାହିଁ। କେବଳ ଦଶପଲ୍ଲାରୁ ଭୁବନେଶ୍ୱର, ପୁରୀ ଏବଂ ଭଦ୍ରକ ମଧ୍ୟରେ ତିନୋଟି ଟ୍ରେନ ଚଳାଚଳ କରୁଛି।ରାଜ୍ୟର ଅନ୍ୟାନ୍ୟ ସ୍ଥାନ ଏବଂ ରାଜ୍ୟ ବାହାରକୁ ଜିଲ୍ଲାରୁ କୌଣସି ଟ୍ରେନ ସୁବିଧା ନାହିଁ। ନୟାଗଡ଼ ଜିଲ୍ଲାରୁ ବ୍ୟବସାୟିକ କାର୍ଯ୍ୟ, ଉଚ୍ଚଶିକ୍ଷା,ପରିଭ୍ରମଣ ପାଇଁ ଜିଲ୍ଲାବାସୀ ରାଜ୍ୟ ବହାରକୁ ମୁଖ୍ୟତଃ କୋଲକତା, ବେଙ୍ଗାଲୁରୁ, ବିଶାଖାପାଟଣା, ମୁମ୍ବାଇ ଆଦି ସ୍ଥାନକୁ ଯାଇଥାନ୍ତି। ସେଥିମଧ୍ୟରୁ ଅଧିକାଂଶ ବ୍ୟବସାୟ ବଣିକ ପାଇଁ କୋଲକତା, ଉଚ୍ଚଶିକ୍ଷା ଓ ଚାକିରୀ ପାଇଁ ବେଙ୍ଗାଲୁରୁ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ନୟାଗଡ଼ରୁ ଏହି ସବୁ ସ୍ଥାନ ସହିତ ସିଧାସଳଖ ରେଳ ସଂଯୋଗ ନଥିବାରୁ ବ୍ୟବସାୟୀ ଏବଂ ଶିକ୍ଷାର୍ଥୀମାନେ ବହୁତ ଭାବରେ ହଇରାଣ ହୋଇଥାନ୍ତି।ନୟାଗଡ଼ରୁ ହାଓଡ଼ା ଏବଂ ବାଙ୍ଗାଲୋରକୁ ଟ୍ରେନର ରେଳ ସଂଯୋଗ କରାଯିବା ପାଇଁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ସେହିପରି ଜିଲ୍ଲାବାସୀ ଉତ୍ତମ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ ଏବଂ ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟ ଉପରେ ନିର୍ଭର କରୁଥିବାରୁ ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ମେମୁ ଟ୍ରେନ(ନଂ ୧୮୪୨୩/୧୮୪୨୪)କୁ କଟକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ଦଶପଲ୍ଲାରୁ ପୁରୀ ଯାଉଥିବା ପାସେଞ୍ଜର ଟ୍ରେନ(ନଂ ୬୮୪୯/୫୦)କୁ ବଦଳାଇ ମେମୁ ଟ୍ରେନ ପ୍ରଚଳନ କରିବା ଦାବି ହୋଇଛି। ଦିନକୁ ଦିନ ରେଳଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଥିବାରୁ ଚଳାଚଳ କରୁଥିବା ଟ୍ରେନ ଗୁଡ଼ିକରେ ବଗି ସଂଖ୍ୟା ବୃଦ୍ଧି କରିବା, ରେଳ ଷ୍ଟେସନରେ ଆଉ ଏକ ଟିକେଟ କାଉଣ୍ଟର ଖୋଲିବା କିମ୍ବା ନୂତନ କରି ସ୍ଥାପିତ ହୋଇଥିବା ଟିକେଟ ଭେଣ୍ଡିଂ ମେସିନରେ କର୍ମଚାରୀ ନିଯୁକ୍ତି କରିବା, ନୟାଗଡ଼ ଭୁବନେଶ୍ୱର ମଧ୍ୟରେ ଅଧିକ ପାସେଞ୍ଜର ଟ୍ରେନ ଚଳାଚଳ କରିବା ତଥା ନୟାଗଡ଼ ଟାଉନ ଷ୍ଟେସନ ପରିସର ଏବଂ ଏହାର ପରିବେଶ ତଥା ସୁରକ୍ଷା ଉଭିବା ଆଦି ବିଷୟରେ ପୂର୍ବତଟ ରେଳପଥ ସାଧାରଣ ପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ପ୍ରଦାନ କରାଯାଇ ଥିଲା। ଇତିମଧ୍ୟରେ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହାର ପ୍ରତିବାଦରେ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ରେଳ ଷ୍ଟେସନ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରାଯାଇଥିଲା। ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ଷ୍ଟେସନ ସମ୍ମୁଖରେ ଧାରଣା ରେ ସଦସ୍ୟ କୁମାର ମିଶ୍ର, ସୁରେନ୍ଦ୍ର ନାଥ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଶତପଥୀ, ତ୍ରିନାଥ ସାହୁ, ଲକ୍ଷ୍ମୀଧର ମହାପାତ୍ର, କୈଳାସ ଚନ୍ଦ୍ର ରଥ, ପ୍ରଦ୍ୟୁମ୍ନ ନନ୍ଦ, ସଂଗ୍ରାମ କେଶରୀ ସାହୁ, ପ୍ରଦୀପ୍ତ କୁମାର ପାତ୍ର, ପ୍ରଦୀପ କୁମାର ଡାକୁଆ, ଭିକାରି ଚରଣ ଦାସ, ଅଜିତ କୁମାର ମିଶ୍ର, ଶେଖ ଅବଦୁଲ ଆହାଦ, ଶିବରଞ୍ଜନ ସାହୁ, ଅଗ୍ନାନ ଅଂଶୁମାନ ସାହୁ, ଏବଂ ଡାକନ ଜ୍ୟୋତିପ୍ରକାଶ ରାଉତ ପ୍ରମୁଖ ଗଣଧାରଣାରେ ସାମିଲ ହୋଇଥିଲେ।

## ସମୟର ପ୍ରଭାବ

# ହଟିଲା ଅବରୋଧ : ରାସ୍ତା କାର୍ଯ୍ୟ ଆରମ୍ଭ

ବାଲିପାଟଣା ,(ସବ୍ୟୁ) :ଗତ ୨୩ ତାରିଖ ସମୟ ରେ ଖବର ପ୍ରସାରଣ ପରେ ରବିବାର ଦିନ ପ୍ରଶାସନ ପକ୍ଷରୁ ରାସ୍ତା ଅବରୋଧ ହଟାଯିବା ପରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି। ଦିର୍ଘ ଦିନ ହେବ ବାଲିପାଟଣା ଜଳସେଚନ ବିଭାଗର ଜଣେ କର୍ମଚାରୀ ଏକ କେନାଲ ବନ୍ଧକୁ ଅବରୋଧ କରି ରଖିଥିଲେ ଅଭିଯୋଗ ହେବାପରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସୁରେଶ ସ୍ୱାଇଁ ଅବରୋଧକୁ ତିନି ଦିନ ମଧ୍ୟରେ ହଟେଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ। ସେହି ଅନୁସାରେ ରବିବାର ଦିନ ବୁଲଡୋଜର ଲଗାଇ ଭାଙ୍ଗି ଦିଆ ଯାଇଛି।ସୂଚନା ଅନୁସାରେ ଗିରିଙ୍ଗ ମାଇନରର ସରଦେଇପୁର- ନିମାପଡା ରାସ୍ତାରୁ ସରିପୁର –ରାଜସ ରାସ୍ତା ପର୍ଯ୍ୟନ୍ତ ପ୍ରାୟ ତିନିଶହ ଶହ ମିଟର ଦକ୍ଷିଣ ପାର୍ଶ୍ୱ ବନ୍ଧର ରାସ୍ତା ନିର୍ମାଣ ପାଇଁ ଗତବର୍ଷରୁ ୧୧ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ବନ୍ଧ ଅବରୋଧରେ ଥିବାରୁ ରାସ୍ତା କାମ ହୋଇପାରୁନଥିଲା। ଠିକାଦାରଙ୍କ ନିବେଦନ ପରେ ବିଭାଗ ପକ୍ଷରୁ ବାଲିପାଟଣା ତହସିଲଦାରଙ୍କୁ ମାପଚୁପ ପାଇଁ ଚିଠି କରିଥିଲେ। ତହସିଲଦାର କଳ୍ପନା ଦାସ ନେତୃତ୍ୱ ରେ ବନ୍ଧ ମାପ କରି ଚିହ୍ନଟ କରାଇଥିଲେ। ଯନ୍ତ୍ରୀ ପ୍ରସନ୍ନ କୁମାର ଭୁକ୍ତଙ୍କ ରବିବାର ସହଯୋଗରେ ରବିବାର ଅବରୋଧ ହଟିଛି।



# ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ ,(ସବ୍ୟୁ) :ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନରେ ସଫଳତା ଅର୍ଜନ କରିଥିବା ବିଜେତା ବିନିତ ରାଣୀ ବେହେରାଙ୍କୁ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସମ୍ବର୍ଦ୍ଧିତ କରିଛନ୍ତି। ସ୍ଥାନୀୟ ଗୋପାଳପୁର ପାଟଣା ଗ୍ରାମର ମାତା ବିନତିରାଣୀ ବେହେରା ଓ ପିତା ଜିତେନ୍ଦ୍ର ବେହେରାଙ୍କ ଘରେ ପହଞ୍ଚିଥିଲେ । ଛାତ୍ରୀ ବିଜେତାଙ୍କ ଘରେ ବିଧାୟକ ଶ୍ରୀଯୁକ୍ତ ମିଶ୍ର ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ବିଜେତା ମୋଟ ୬୦୦ ଶହରୁ ୫୮୦ ନମ୍ବର ରଖି ସତ୍ୟବାଦୀ ପାଇଁ ଗୌରବ ଆଣିଛନ୍ତି ବୋଲି ବିଧାୟକ କହିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମାଟ୍ରିକ ପରୀକ୍ଷାରେ ସପ୍ତମ ସ୍ଥାନରେ ରହିଥିବା ବିଜେତା ଯୁକ୍ତ ୨ ବିଜ୍ଞାନରେ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ସ୍ଥାନୀୟ ଜୟପୁର ପଞ୍ଚାୟତ ସାଇବିହାର ର ମାତା ସୌଦାମିନୀ ସାହୁ ଓ ରମେଶ ଚନ୍ଦ୍ର ସାହୁଙ୍କ କନ୍ୟା ରତ୍ନପର୍ଣ୍ଣା ସାହୁ ଚଳିତ ବର୍ଷ ଯୁକ୍ତ ଦୁଇ ବାଣିଜ୍ୟ ବିଭାଗରେ ୫୬୫ ନମ୍ବର ହାସଲ କରିଛନ୍ତି । ଏହି ଖବରପାଇ ଜୟପୁର ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଦୀପକ କୁମାର ଶତପଥି ରତ୍ନପର୍ଣ୍ଣାଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

# ରାଜନୈତିକି ବିବାଦ : ଉନ୍ନୟମୂଳକ କାର୍ଯ୍ୟ ବାଧାପ୍ରାପ୍ତ

ଖଣ୍ଡପଡା,(ସବ୍ୟୁ) : ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅଧିନ ୨୨ ଗୋଟି ପଞ୍ଚାୟତରେ ରାଜନୈତିକ ବିବାଦକୁ ନେଇ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ବାଧାପ୍ରାପ୍ତ ହୋଇଥିବା ଜଣାଯାଇଛି । ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରାଜ୍ୟରେ ସରକାର ପରିବର୍ତନ ହେବା ସହ ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ବିଜେପି କ୍ଷମତାକୁ ଫେରିଛି । ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ନିର୍ବାଚିତ ହେବା ପରେ ବିଧାୟକଙ୍କ ଖାସ ସମର୍ଥକ ବୋଲାଉଥିବା ବିଭିନ୍ନ ପଞ୍ଚାୟତର କେତେକ ବ୍ୟକ୍ତିବିଶେଷ ଏବେ ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟରେ ହସ୍ତକ୍ଷେପ କରିବା ପାଇଁ ପ୍ରୟାସ ଆରମ୍ଭ କରି ଦେଇଛନ୍ତି । ଏପରିକି ବିଧାୟକଙ୍କ ଆନୁଗତ୍ୟ ଓ ବିରୋଧିଙ୍କୁ ନେଇ ଏବେ ସମସ୍ତ ପଞ୍ଚାୟତରେ ଛକାପଞ୍ଝାଲାଗି ରହିଛି । ଖଣ୍ଡପଡା ବ୍ଲକ ଅଧକ୍ଷା ଓ ଉପାଧକ୍ଷ ବିଜେଡି ଦଳର ହୋଇଥିବା ଯୋଗୁଁ ଦିର୍ଘ ୨୫ ବର୍ଷ ଧରି ବିଜେଡି ଦଳର କର୍ମୀ, ସମର୍ଥକମାନେ ପ୍ରତ୍ୟେକ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ଆସୁଥିଲେ । ଏବେବି ସମସ୍ତ ପଞ୍ଚାୟତରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି । ବିଜେଡି ଦଳର କର୍ମୀ, ସମର୍ଥକ ଓ ପଞ୍ଚାୟତ ଲୋକପ୍ରତିନିଧି ମାନଙ୍କ ଦ୍ୱାରା ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡିକରେ ଅଙ୍କୁଶ ଲଗାଇବାରେ ବର୍ତମାନର ବିଧାୟକ ଓ ତାଙ୍କ ସମର୍ଥକମାନେ ବେଶ ସମର୍ଥ ହୋଇଥିବା ବିଶେଷ ସୁତ୍ରରୁ ଜଣାପଡିଛି । ଏପରିକି ଖୋଦ ବିଧାୟକ ମଧ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ତାଙ୍କର ସମର୍ଥକମାନଙ୍କ ଦ୍ୱାରା କରାଇବା ପାଇଁ ବ୍ଲକ ପ୍ରଶାସନ ଉପରେ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହେଉଛି । ଫଳରେ ସମସ୍ତ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି । ମୋଟାମୋଟି ଭାବେ ବିଧାୟକଙ୍କ ଗୋଷ୍ଠୀ ଓ ବ୍ଲକ ଅଧକ୍ଷା. ଉପାଧକ୍ଷଙ୍କ ଗୋଷ୍ଠୀ ମଧ୍ୟରେ ଦେଖା ଦେଇଥିବା ରାଜନୈତିକ ବିବାଦ ଏବେ ଦାଣ୍ଡରେ ପଡି ହାଟରେ ଗଡୁଥିବା ଘଟଣା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଖଣ୍ଡପଡା ବ୍ଲକ ଅଂଚଳରେ ଦେଖା ଦେଇଥିବା ରାଜନୈତିକ ବିବାଦ ପୂର୍ଣ୍ଣଚ୍ଛେଦ ନପଡିଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବାର ଆଶଙ୍କା ପ୍ରକାଶ ପାଇଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ସୂଚନାଯୋଗ୍ୟ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ଠପ୍ ଯୋଗୁଁ ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟରେ ଏକରକମ ଅଚଳାବସ୍ଥା ସୃଷ୍ଟି ହୋଇଥିବା ଜଣାପଡିଛି ।

# ଗୋପାଳ ସମାଜର ବାର୍ଷିକ ଅଧିବେଶନ



ଖଣ୍ଡପଡା,(ସବ୍ୟୁ) :ଖଣ୍ଡପଡା ରାଜ୍ୟ ଗୋପାଳ ସମାଜର ୪୦ ତମ ବାର୍ଷିକ ଅଧିବେଶନ କେନ୍ଦୁପଲ୍ଲୀ ଗ୍ରାମସ୍ଥିତ ଗୋପାଳ ସମାଜର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଗୋପାଳ ସମାଜର ସଭାପତି ନିରଂଜନ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜର ସଂପାଦକ ଦୁର୍ଯ୍ୟୋଧନ ବେହେରା, ଉପ ସଭାପତି ଗୋକୁଳ ବେହେରା, ସହ ସଂପାଦକ ଦଣ୍ଡପାଣି ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତାମାନେ ଉପସ୍ଥିତ ଥିଲେ । ଗୋପାଳ ସମାଜର ଭବିଷ୍ୟତ କାର୍ଯ୍ୟପନ୍ଥା ଓ ଅଭାବ ଅସୁବିଧା ସଂପର୍କରେ ଆଲୋଚନା କରାଯାଇଥିଲା । ପରିଶେଷରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗତ ୨୦୨୪ରେ ନିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଡ଼ାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇଥିବା । ଅଭିଷେକ ବେହେରାଙ୍କ ଅନୁପସ୍ଥିତିରେ ତାଙ୍କ ପିତା ଶିକ୍ଷକ ସହଦେବ ବେହେରାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ସେହିପରି ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସମାଜର ଛାତ୍ରଛାତ୍ରୀଙ୍କୁ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା । ଏ ଅବସରରେ ଗୋପାଳ ସମାଜ ପକ୍ଷରୁ ଆୟୋଜିତ ଲଉଡି ଖେଳ ଗ୍ରାମ ପରିକ୍ରମା କରିଥିଲା । ଗୋପାଳ ସମାଜର ୩୦୦ରୁ ଉର୍ଦ୍ଧ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ପର୍ଯ୍ୟଟକଙ୍କ ଲାଗି ଖୁବ୍ ସହାୟକ ହେବ ବାଇପାସ ରାସ୍ତା

ଗୋପ,(ସବ୍ୟୁ) : ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ଏବେ ଯୁଦ୍ଧକାଳୀନ ଭିତ୍ତିରେ ଗୋପ ବ୍ରାଞ୍ଚ କେନାଲ ବନ୍ଧ ଉପରେ ବାଇପାସ୍ ରାସ୍ତା ନିର୍ମାଣ ଚାଲିଥିବା ବେଳେ ଆଗାମୀ ଦିନ ମାନଙ୍କରେ ପୁରୀ କୋଣାର୍କ ବୁଲି ଯାଉଥିବା ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ଲାଗି ଓ ଦୀର୍ଘ ଦିନ ଧରି ଗୋପ ବଜାରରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା ଦୂର ହେବ ବୋଲି ନିମାପଡ଼ା ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରତିମ୍ ପୋଥାଳ ବାଇପାସ୍ ରାସ୍ତା ପରିଦର୍ଶନ ସମୟରେ ଏହା କହିଛନ୍ତି। ଅଧିକ୍ଷଣ ଯନ୍ତ୍ରୀଙ୍କ ସହିତ ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି ଓ ସହକାରୀ ଯନ୍ତ୍ରୀ ମହେଶ୍ୱର ବେହେରା ଉପସ୍ଥିତ ଥିଲେ। ପ୍ରକାଶ ଯେ ଦୀର୍ଘ ବର୍ଷ ଧରି ଗୋପ ବଜାର ଦେଇ ଦେଶ ବିଦେଶର ଶହଶହ ପର୍ଯ୍ୟଟକ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ପୁରୀ ବୁଲିବାକୁ ଯାଉଥିବା ବେଳେ ଟ୍ରାଫିକ ସମସ୍ୟାରେ ପଡିଥାନ୍ତି। ଏପରି କି ଘଣ୍ଟାଘଣ୍ଟା ଧରି ଏହି ଟ୍ରାଫିକ ସମସ୍ୟା ଦେଖା ଦେଇଥାଏ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୋପ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଯନ୍ତ୍ରୀମାନେ ଏହି ଗୋପ ବ୍ରାଞ୍ଚ କେନାଲ ବନ୍ଧ ଉପରେ ବାଇପାସ୍ ରାସ୍ତା ନିର୍ମାଣ କରିବା ଲାଗି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ।ରାଜ୍ୟ ସରକାର ଏହି ୫ କିଲୋମିଟର କେନାଲ ବନ୍ଧରେ ବାଇପାସ୍ ରାସ୍ତା ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର କରିବା ପରେ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲା। କିଛି ଦିନ ହେବ ବାଇପାସ୍ ରାସ୍ତା କାର୍ଯ୍ୟ ଓସିସି ଦ୍ୱାରା ଆରମ୍ଭ ହୋଇଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ କାମ କରା ଯାଉଛିଛ ଗୋପ ବ୍ରାଞ୍ଚ କେନାଲ ବନ୍ଧକୁ ଚଉଡା କରିବା ସହିତ ବନ୍ଧ ର ଦୁଇ ପାର୍ଶ୍ୱରେ ଆବଶ୍ୟକତା ପଡୁଥିବା ସ୍ଥାନରେ ଗାର୍ଡ ୱାଲ୍ ମଧ କରାଯିବ । କାର୍ଯ୍ୟ ଏବେ ଜୋର୍ ସୋର୍ ଚାଲିଛି। ଗୋପ – କୋଣାର୍କ ରାସ୍ତାର ବାହାଣିଆ ଛକ ଠାରୁ ପର୍ଯ୍ୟଟକଙ୍କ ଗାଡ଼ି,ଭାରିଜାନ ସହିତ ଅନ୍ୟାନ୍ୟ ଗାଡ଼ିଘୋଡା ଯାଇ ତହସିଲ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ କୋଣାର୍କ, ପୁରୀ ଯାଇ ପାରିବା ସହିତ ଟ୍ରାଫିକ ସମସ୍ୟାରେ ଆଉ କୌଣସି ଅସୁବିଧା ହେବ ନାହିଁ ବୋଲି ବିଭାଗ ପକ୍ଷରୁ ଜଣା ପଡ଼ିଛି।

# ଲିପ୍ତି ରଞ୍ଜନଙ୍କୁ କଂଗ୍ରେସର ସତ୍ୟବାଦୀ ବ୍ଲକ ସୋସିଆଲ ମିଡ଼ିଆ ଦାୟିତ




ସାକ୍ଷୀଗୋପାଳ ,(ସବ୍ୟୁ) : ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ସୋସିଆଲ ମିଡ଼ିଆ ଟିମ୍ ଘୋଷଣା ହୋଇଛି।। ଏହି ଟିମରେ ସତ୍ୟବାଦୀର ଲିପ୍ତି ରଞ୍ଜନ ପ୍ରଧାନ ନାମ ସ୍ଥାନ ପାଇଛି । ଲିପ୍ତି ପ୍ରଥମେ ଜିଲ୍ଲା ଦାୟିତ୍ୱରେ ଥିଲେ । ତାଙ୍କୁ ରାଜ୍ୟ ଷ୍ଟେଟ ଏକଜିକ୍ୟୁଟିଭ ମେମ୍ବର ରୁପେ ଦଳ ନିଯୁକ୍ତି ଦେଇଛି । ତୃଣମୂଳ ସ୍ତରରେ ଡିଜିଟାଲ ପ୍ରସାରକୁ ସୁଦୃଢ଼ କରିବା ସହ ସତ୍ୟବାଦୀର ଯୁବ କଂଗ୍ରେସର ସୋସିଆଲ ମିଡ଼ିଆକୁ ମଜବୁତ କରିବା ସହ ପ୍ରତ୍ୟେକି ଖବର ଜନସାଧାରଣଙ୍କ ନିକଟରେ ପହଞ୍ଚେଇବେ ବୋଲି ସେ ପ୍ରକାଶ କରିଛନ୍ତି । ଏଥିପାଇଁ ସେ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ, ସୋନିଆ ଗାନ୍ଧୀ, ମାଲିକାର୍ଜୁନ ଖଡଗେ, ସତ୍ୟବାଦୀ ନେତା ପ୍ରସାଦ ହରିଚନ୍ଦନ, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁଚିବ୍, ରାଷ୍ଟ୍ରୀୟ ସୋସିଆଲ ମିଡ଼ିଆ ଅଧକ୍ଷ ମନୁ ଜୈନ ,ଓଡିଶା ସୋସିଆଲ ମେଡ଼ିଆ ପ୍ରଭାରି ଦୁଲାଲ ଶର୍ମା, ଓଡିଶା ଯୁବ କଂଗ୍ରେସ କାଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତି, ରବେଲ୍ ସୁରୀୟା , ମନୋଜ ବେହେରା ଓ ହାପୀ ରଥଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

# ପର୍ଶୁରାମପୁର: ଲୋକଙ୍କୁ ମିଳିନି ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାଡ

ବୋଲଗଡ,(ସବ୍ୟୁ) : ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଡିଙ୍ଗର ଗ୍ରାମପଞ୍ଚାୟତ ଅଧିନସ୍ଥ ରାଜସ୍ୱ ଗ୍ରାମ ପର୍ଶୁରାମପୁର ୫ ନଂ ଓ ୬ ନଂ ଦୁଇଟି ୱାର୍ଡକୁ ନେଇ ଗଠିତ କିନ୍ତୁ ପ୍ରଶାସନର ଦାୟିତ୍ୱ ହୀନତା କାରଣରୁ ଆଜି ସରକାରଙ୍କ ତରଫରୁ ବାଣ୍ଟିବାକୁ ଥିବା ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ଲୋକମାନଙ୍କ ପାଖେ ପହଞ୍ଚି ପାରି ନାହିଁ। ଯାହା ଏକ ଅବହେଳିତ ପ୍ରସଙ୍ଗ ଅଟେ ।ସୂଚନା ଥାଉକି ସମସ୍ତ ଗ୍ରାମପଞ୍ଚାୟତ ଗୁଡିକରେ ଅଳ୍ପ ବହୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ସରିଥିବା ବେଳେ ପର୍ଶୁରାମପୁରରେ ଏହାର ବ୍ୟତିକ୍ରମ କାହିଁକି? କିନ୍ତୁ ଏ ବିଷୟରେ ସ୍ଥାନୀୟ ଆଶା କର୍ମୀ ଶ୍ରୀମତୀ ସଂଯୁକ୍ତା ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ ସ୍ୱାସ୍ଥ୍ୟ କାର୍ଡ ଆସି ଯାଇଛିକିନ୍ତୁ (ଇ– କେ.ୱାଇ.ସି) ନ ହେବାରୁ ବଣ୍ଟା ହୋଇପାରୁ ନାହିଁ । ଅନଲାଇନ ଇ–କେୱାଇସି କରିବାକୁ ଦାୟିତ୍ୱ ଦିଆଯାଇଥିବା ସିଏସସି ସେଣ୍ଟରମାନେ ଆସୁନାହାନ୍ତି । ଏବେ ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ଏବେ ଦେଖିବାକୁ ବାକି ରହିଲା ଯେ ପ୍ରଶାସନର କେବେ ଏହା ଉପରେ ନଜର ପଡୁଛି।

# ଜାତୀୟ ମେଧା ବୃତ୍ତି ପାଇବେ ଓଡିଶୀ କଣ୍ଠଶିଳ୍ପୀ ଇନ୍ଦିରା ପ୍ରିୟଦର୍ଶିନୀ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗ୍ରାମର ବାସିନ୍ଦା ବୈନେତେୟନାରାୟଣ ଦାଶ ଏବଂ ତେଜସ୍ୱିନୀ ଦାଶଙ୍କ ସୁପୁତ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ ସାଇଶ୍ୱରୀ ଦାଶ, କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ, ଓଡିଶୀ ସଂଗୀତ ବିଭାଗରେ କନିଷ୍ଠ ଜାତୀୟ ମେଧା ବୃତ୍ତି ପାଇବାକୁ ମନୋନୀତ ହୋଇଛନ୍ତି ।ଇନ୍ଦିରା, ଉତ୍କଳ ସଂଗୀତ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ ଗୁରୁ ପ୍ରଦୀପ କୁମାର ଦାସଙ୍କ ନିକଟରୁ ଓଡିଶୀ ସଂଗୀତ ଶିକ୍ଷାରେ ଅଧୟନରତ। ଇନ୍ଦିରା ନିରାକାରପୁର ଅଞ୍ଚଳ ପାଇଁ ଜାତୀୟ ସ୍ତରରେ ଗୌରବ ଆଣିଥିବାରୁ ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାର ଜଣେ ଜଣାଶୁଣା ସ୍ତମ୍ଭକାର ତଥା ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ ପୂର୍ଣ୍ଣ ଚନ୍ଦ୍ର ଦାଶଙ୍କ ସେ ନାତୁଣୀ ।ତାଙ୍କର ଏହି ସଫଳତା ପାଇଁ ସହଯୋଗ ପରିବାର ତରଫରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।



## ଆମ୍ବ ଡ଼ାଳ ପଡି ଭାଙ୍ଗିଲା ପାଚେରୀ

ଖଣ୍ଡପଡା,(ସବ୍ୟୁ) :ଖଣ୍ଡପଡା ଉଦ୍ୟାନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ବାହ୍ୟ ପ୍ରାଚୀର ଉପରେ ଆମ୍ବଡାଳ ଭାଙ୍ଗି ପଡିବାରୁ ପ୍ରାଚୀରର କିଛି ଅଂଶ ଭାଙ୍ଗିଯାଇଛି । କାଳବୈଶାଖୀ ବର୍ଷା ଓ ପବନ ଯୋଗୁଁ ଏକ ବିରାଟକାୟ ଶୁଖିଲା ଆମ୍ବଗଛର ଡ଼ାଳ ଭାଙ୍ଗି ପଡିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି । ଏଥିପ୍ରତି ଉଦ୍ୟାନ ବିଭାଗ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ହୋଇଥିବା ବାହ୍ୟ ପ୍ରାଚୀରର ଆନୁସଙ୍ଗିକ ମରାମତି କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହେଉଛି ।

# ଶହୀଦ ବୀର ଯବାନଙ୍କ ଲାଗି ଓଡ଼ିଶା ପ୍ରଗତି ଦଳର ଦୀପଦାନ




ଭୁବନେଶ୍ୱର, (ସବ୍ୟୁ): 'ଅପରେସନ୍ ସିନ୍ଦୁର'ର ସଫଳତା ପାଇଁ ସୋମବାର ସନ୍ଧ୍ୟାରେ ୟୁନିଟ୍–୩ସ୍ଥିତ ଶ୍ରୀରାମ ମନ୍ଦିର ସମ୍ମୁଖରେ ଅପରେସନ 'ସିନ୍ଦୁର'ରେ ଶହୀଦ ହୋଇଯାଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ବୀରତ୍ୱ ଓ ବଳିଦାନକୁ ସମ୍ମାନ ଜଣାଇ ଓଡ଼ିଶା ପ୍ରଗତି ଦଳର ଦୀପଦାନ କରାଯାଇଛି। ଏହି ଅବସରରେ ଦଳର ରାଜ୍ୟ ସଭାପତି ଜନ୍ମେଜୟ ରୋହିଦାସଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।ପ୍ରଥମେ ଶହୀଦ ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଦୀପଦାନ କରି ଶହୀଦ ବୀର ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିସହ 'ଅପରେସନ୍ ସିନ୍ଦୁର' 'ଭାରତ ମାତା'ର ସମ୍ମାନ ଦେଶର ସମ୍ମାନ' ସମସ୍ତ ମାତୃଜାତିଙ୍କୁ ମାନ ସମ୍ମାନ ଓ ଅସ୍ତିତ୍ୱର ରକ୍ଷା ସହିତ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ମଙ୍ଗଳ କାମନା କରାଯାଇଥିଲା। ସାଧାରଣତଃ ଆତଙ୍କବାଦୀ, ସନ୍ତ୍ରାସବାଦୀ, ଉଗ୍ରବାଦୀ, ମାଓବାଦୀଙ୍କ ଦ୍ୱାରା ନିଶା ଓ ପାଶ୍ଚାତ୍ୟ ଅପସଂସ୍କୃତିରେ ଯୁବବର୍ଗଙ୍କୁ କବଳିତ କରିବା ଦ୍ୱାରା ସେମାନେ ପଥଭ୍ରଷ୍ଟ ହୋଇଯାଉଛନ୍ତି। ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ, ନିଶାଦ୍ରବ୍ୟ ଚୋରା ଚାଲାଣ କାରବାରରେ ଏମାନଙ୍କର ମୁଣ୍ଡକୁ ୱାସ୍ କରି ଭାରତ ବିରୁଦ୍ଧରେ ହିଂସାତ୍ମକ, ଦଙ୍ଗା, ହତ୍ୟା, ମହିଳା ହିଂସା ଓ ଚୋରି ଇତ୍ୟାଦି କାର୍ଯ୍ୟରେ ଲଗାଉଛନ୍ତି। ତେଣୁ ଲିପ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଓଡ଼ିଶା ପ୍ରଗତି ଦଳର ରାଜ୍ୟ ସଭାପତି ଜନ୍ମେଜୟ ରୋହିଦାସ ମତ ପ୍ରକାଶ କରିଥିଲେ।ଦଳର ସାଧାରଣ ସମ୍ପାଦକ ଲିଙ୍ଗରାଜ ଦାସ, ଗଣମାଧ୍ୟମ ସଂଯୋଜକ ସୌମ୍ୟରଞ୍ଜନ ଜେନା, ସମାଜସେବୀ ସରୋଜିନୀ ମହାନ୍ତି, ହୃଷୀକେଶ ଷଡ଼ଙ୍ଗୀ ଓ ଦଳର କର୍ମକର୍ତ୍ତାମାନେ ଅଂଶ ଗ୍ରହଣ କରି ମଙ୍ଗଳ କାମନା କରିଥିଲେ।

# ଦିଗହରା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା

## ଅବଧି ସରିଲାଣି ରାସ୍ତା କାର୍ଯ୍ୟ ସରୁନି

କାକଟପୁର (ସବ୍ୟୁ) :ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଗମନା ଗମନକୁ ଦୃଷ୍ଟିରେ ରଖି ଗ୍ରାମ ରାସ୍ତାକୁ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ , ଜିଲ୍ଲା ସଦର ମହକୁମା ଓ ସହରାଞ୍ଚଳ ସହିତ ସଂଯୋଗୀ କରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପ୍ରଣୟନ କରାଯାଇଥିଲା । ଏହି ଯୋଜନାରେ ଗ୍ରାମାଞ୍ଚଳ ରାସ୍ତାର ଉନ୍ନତି କରଣ ପାଇଁ ବାର୍ଷିକ କୋଟି କୋଟି ଟଙ୍କାର ଅନୁଦାନ ରାଶି ମିଳୁଥିବା ବେଳେ ଅଧିକାଂଶ ସ୍ଥାନରେ ଏହି ଯୋଜନାର ସୁଫଳ ଲୋକଙ୍କୁ ବର୍ଷ ବର୍ଷ ଧରି ମିଳୁନଥିବା ଅଭିଯୋଗ ହେଉଛି । କେତେକ ସ୍ଥାନରେ ବିଭାଗୀୟ ଯନ୍ତ୍ରୀଙ୍କ ଅପାରଗତା ଓ ଠିକାଦାର ପ୍ରୀତି ଯୋଗୁଁ ସରକାରୀ ଅର୍ଥ ବାଟମାରଣା ସାଙ୍ଗକୁ ବର୍ଷ ବର୍ଷ ରାସ୍ତା କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁନଥିବା କୁହାଯାଉଛି ।ଯାହାରକି (ଜ୍ୱଳନ୍ତ ) ଉଦାହରଣ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ସବଡ଼ିଭିଜନ ପକ୍ଷରୁ ନିର୍ମାଣ ହେଉଥିବା ମୁଖ୍ୟମନ୍ତ୍ରୀ ସଡ଼କ କାର୍ଯ୍ୟ ମାନଙ୍କରେ ଦେଖିବାକୁ ମିଳୁଛି । ଏହି ସବଡ଼ିଭିଜନରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଦିଗହରା ହୋଇ ପଡ଼ିଥିବା ବେଳେ ଅଧିକାଂଶ ରାସ୍ତାର ଅବଧି ଶେଷ ହୋଇଯାଇଥିଲେ ମଧ ଏଯାବତ ପୂର୍ଣ୍ଣାଙ୍ଗ ହୋଇ ପାରୁନଥିବା ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି । ଅଭିଯୋଗରୁ ଆହୁରି ପ୍ରକାଶଯେ ଠିକାଦାର ରାସ୍ତା କାର୍ଯ୍ୟ ଶେଷ କରୁନଥିବା ବେଳେ ରାସ୍ତାରେ ବିଛାଯାଇଥିବା ଗୋଡି ଯାନବାହାନ ଚଳାଚଳ ବେଳେ ଛିଟିକି ପଥଚାରୀଙ୍କ ଦେହରେ ମାଡ଼ ହେଉଛି । ସେହିଭଳି ରାସ୍ତାରେ ପଡ଼ିଥିବା ଡ୍ରଷ୍ଟ ଗୁଣ୍ଡ ଉଡି ଲୋକଙ୍କ ଘର (ଦ୍ୱାର)ରେ ପସୁଛି । ରାସ୍ତା କାର୍ଯ୍ୟରେ ନିମ୍ନ ମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ବେଳେ କେତେକ ସ୍ଥାନରେ ଦଦରା ପୋଲ ଉପରେ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ହେଉଛି ।କେଉଁଠି ନିର୍ମାଣ ହୋଇଥିବା ଗାର୍ଡ ( ୱାଲ )ରୁ ସିମେଣ୍ଟ ବାଲି ଛାଡିଲାଣିତ ଆଉ କେଉଁଠି ରାସ୍ତାରେ ବିଛା ଯାଇଥିବା ନିମ୍ନମାନର ଓ କମ ଉଚ୍ଚତାର ଫେବେର ବ୍ଲକ ପଥଚାରୀଙ୍କ ପାଇଁ ଘାତକ ସାଜିଛି । କାକଟପୁର ଗ୍ରାମ୍ୟଉନ୍ନୟନ ବିଭାଗ ସବଡ଼ିଭିଜନ ଅଧିନରେ କାକଟପୁର ନଂ ୧ କାକଟପୁର ନଂ ୨ ଅସ୍ତରଙ୍ଗ ନଂ ୧ ଅସ୍ତରଙ୍ଗ ନଂ ୨ ମୋଟ ୪ ଗୋଟି ସେକ୍ସନ ଥିବା ବେଳେ ଏହି ସବୁ ସେକ୍ସନ ଅଧିନରେ ୧୫ ରୁ ଉର୍ଦ୍ଧ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା କାର୍ଯ୍ୟ ଚାଲିଛି ।ଏଥି ମଧ୍ୟରୁ ୨ (କିମ୍ବା) ୩ ଟି ରାସ୍ତା କାର୍ଯ୍ୟକୁ ଛାଡି ଦେଲେ ଅବଶିଷ୍ଟ ରାସ୍ତା କାର୍ଯ୍ୟର ଅବଧି ଶେଷ ହୋଇ ଯାଇଥିଲେ ମଧ ରାସ୍ତା କାର୍ଯ୍ୟ ବିଭିନ୍ନ କାରଣରୁ ଶେଷ ହୋଇ ପାରୁନଥିବା କୁହାଯାଉଛି । ଏଥିପାଇଁ ବିଭାଗ ପକ୍ଷରୁ ଠିକାଦାରକୁ କାରଣ ଦର୍ଶାଅ ନୋଟିସ ( କିମ୍ବା ) ଠିକାଦାର ଉପରେ ପେନାଲିଟି କରିବାର କ୍ଷମତା ବିଭାଗର ରହିଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ଅସଂପୂର୍ଣ୍ଣ ଭାବେ ପଡିରହିଥିବା ଏବଂ ସଂପୃକ୍ତ କାର୍ଯ୍ୟକୁ ଠିକାନେଇଥିବା ଏଠାକାର ଠିକାଦାରମାନେ ଓଲଟି ପ୍ରତିମାସରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି କରୁଛନ୍ତି ଆମ୍ଭକୁ ରାସ୍ତାର ସୀମା ନିର୍ଦ୍ଧାରଣ କରି ଯାଗା ଦେଖାଅ ଆମ୍ଭେ ରାସ୍ତା କାର୍ଯ୍ୟ ଶେଷ କରିବୁ । ଠିକାଦାର ଠାରୁ ଚିଠି ପାଇ ବିଭାଗ ନିରବ ଦ୍ରଷ୍ଟା ସାଜିଛି ୯ କାରଣ ଏକାଧିକ ନିର୍ମାଣଧୀନ ମୁଖ୍ୟମନ୍ତ୍ରୀ ସଡ଼କ ପ୍ରକଳ୍ପରେ ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟ , ଜଙ୍ଗଲ କିସମ ଜମି ଓ ଲୋକଙ୍କ ବ୍ୟକ୍ତିଗତ ସମ୍ପତ୍ତି ସାଙ୍ଗକୁ ଜଳ ସେଚନ ବିଭାଗ ଠାରୁ ଅନୁମତି ନଆଣି ଏକାଧିକ କେନାଲ ବନ୍ଧକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ନିର୍ମାଣ ହେଉଥିବାରୁ କେନାଲଗୁଡିକ ସଂକୁଚିତ ହେବା କାରଣରୁ ସ୍ଥାନୀୟ ଚାଷୀ ମଧ ବିରୋଧ କରୁଛନ୍ତି । ରାସ୍ତା କାର୍ଯ୍ୟରେ ନାନାଦି ପ୍ରତିବନ୍ଧକ ଥିବାରୁ ଠିକାଦାର କାର୍ଯ୍ୟ ଆଗେଇ ପାରୁନଥିବା କୁହାଯାଉଛି ୯ ଗ୍ରାମ୍ୟଉନ୍ନୟନ ବିଭାଗ ରାସ୍ତାର ଏଷ୍ଟିମେଣ୍ଟ ପ୍ରସ୍ତୁତି ପୂର୍ବରୁ ରାସ୍ତାର ସ୍ଥିତି ଆଉ ଅବସ୍ଥିତି କଣ ରହିଛି ତାହାକୁ ଅନୁଧ୍ୟାନ କରିବା ସହିତ ସ୍ଥାନୀୟ ଲୋକଙ୍କ ମତାମତ ନେଇ ଯଦି ଠିକ ଭାବେ ସର୍ଭେ କରି ପ୍ରକଳ୍ପ ଅନୁମୋଦନ ପରେ ଟେଣ୍ଡର ଡାକନ୍ତା। ତେବେ ଠିକାଦାରଙ୍କୁ ରାସ୍ତା କାର୍ଯ୍ୟରେ ନାନାଦି ପ୍ରତିବନ୍ଧକର ସାମ୍ନା କରିବାକୁ ପଡନ୍ତାନାହିଁ ବୋଲି ଅଞ୍ଚଳର ବହୁ ନିର୍ବାଚିତ ଓ ପୂର୍ବତନ ଲୋକ ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ମତଦେବା ସହ ବିଗତ ୨ ବର୍ଷ ମଧ୍ୟରେ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ସବଡ଼ିଭିଜନର କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କାର ଅନୁଦାନ ରାଶି ମିଳିଛି ଏବଂ ତାହା କିପରି କେଉଁ ସ୍ଥାନରେ ବ୍ୟୟ କରାଯାଇଛି ଏହାର ଏକ ଭିଜିଲାନ୍ସ ତଦନ୍ତ ପାଇଁ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ, ସୁରକ୍ଷା ମଞ୍ଚ, ବରିଷ୍ଠ ନାଗରିକ ମଞ୍ଚ ସମେତ ସ୍ଥାନୀୟ ଜନ ସାଧାରଣ ଦାବୀ କରିଛନ୍ତି ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୫/୧୯)
-ପୁରୁଷୋତ୍ତମଯୋଗଃ-
(ଶ୍ରୀଭଗବାନୁବାଚ )

**ଯୋ ମାମେବମସଂମୂଢୋ ଜାନାତି ପୁରୁଷୋତ୍ତମମ୍ ।**
**ସ ସର୍ବବିଭଜତି ମାଂ ସର୍ବଭାବେନ ଭାରତ ।।୧୯।।**

ହେ ଭାରତ ! ଯେ ଏହିପରି ମୋହଶୂନ୍ୟ ହୋଇ ମୋତେ ପୁରୁଷୋତ୍ତମ ବୋଲି ଜାଣନ୍ତି, ସେ ସବୁପ୍ରକାରେ ମୋରି ଭଜନା କରନ୍ତି ଏବଂ ତା'ପରେ ସର୍ବବିତ୍ (ସର୍ବଜ୍ଞ) ହୁଅନ୍ତି ।।୧୯।।

# 'କୋଟିଆ'ର ଦୁଃଖ ଶେଷ ହେଉ

## ସମ୍ପାଦକୀୟ

କୋରାପୁଟ ଅଞ୍ଚଳର ଏକ ପାର୍ବତ୍ୟ ଗ୍ରାମ 'କୋଟିଆ' ଓଡ଼ିଶାରେ ଥିଲେ ମଧ୍ୟ ଆନ୍ଧ୍ର ପ୍ରଦେଶ ଦାବି କରୁଛି ଯେ ସେହି ଗ୍ରାମଟି ତାଙ୍କର ବୋଲି । ଏ ବିବାଦ ଅନେକ ଦିନରୁ ରହିଛି । ମଝିରେ ମଝିରେ ବିଭିନ୍ନ ଓଡ଼ିଆ ସଂଗଠନ ସେଠିକୁ ଯାଇ ଓଡ଼ିଆ ଲୋକଙ୍କ ସହ ସେମାନଙ୍କ ସମସ୍ୟା ବିଷୟରେ କଥାବାର୍ତ୍ତା କରି ଫେରି ଆସିଛନ୍ତି । ବିଗତ ସରକାର ସେହି ଗ୍ରାମବାସୀଙ୍କ ଲାଗି କିଛି ସୁବିଧା କରିଥିଲେ । କୋଟିଆ ନିଜ ରାଜ୍ୟର ବୋଲି ରାଜ୍ୟ ସରକାର କହି ଆସୁଥିଲେ ମଧ୍ୟ ବିଜେଡି ସରକାର ଏହି ବିବାଦର ସମାଧାନ ପାଇଁ ବିଶେଷ ଆଗ୍ରହ ପ୍ରକାଶ କରି ନ ଥିଲେ । ସେ ଦୃଷ୍ଟିରୁ 'କୋଟିଆ' ସମସ୍ୟା ଏବେ ଜଟିଳ ହେବାରେ ଲାଗିଛି । କୁହାଯାଏ ଯେ ବିଗତ ସରକାରଙ୍କ ଅମଳରେ କେତେକ ଦଳୀୟ ନେତା ଉପରକୁ ନବୀନ ସରକାରଙ୍କୁ ସମର୍ଥନ ଦେଖାଉଥିଲେ ମଧ୍ୟ ଭିତରେ କୁଆଡ଼େ ଆନ୍ଧ୍ର ସରକାରଙ୍କ ସହିତ ଗୋପନ ସଂପର୍କ ରଖି ସେମାନଙ୍କୁ ସମର୍ଥନ କରି ଆସୁଥିଲେ । ଫଳରେ କୋଟିଆ ସମସ୍ୟାର ସମାଧାନ ସହଜରେ ହୋଇ ପାରୁ ନ ଥିଲା । ଏହା ବ୍ୟତୀତ ବିଗତ ସରକାରଙ୍କ ଅମଳରେ ସୀମାନ୍ତବର୍ତ୍ତୀ ଜିଲ୍ଲାମାନଙ୍କରେ ଅଣ-ଓଡ଼ିଆ ଜିଲ୍ଲାପାଳ ଓ ଏସ୍.ପି. ପ୍ରଭୃତିଙ୍କୁ ନିଯୁକ୍ତି ଦିଆଯାଇଥିଲା ଏବଂ ସେମାନେ ଏହି ସମସ୍ୟାର ସମାଧାନ ଲାଗି ଆଗ୍ରହୀ ନ ଥିଲେ ବୋଲି ବିଭିନ୍ନ ଦିଗରୁ ଅଭିଯୋଗ ମାନ ମଧ୍ୟ ଶୁଣିବାକୁ ମିଳୁଥିଲା ।

ଉଲ୍ଲେଖନୀୟ ଯେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଯେଉଁ ବିଚ୍ଛିନ୍ନାଞ୍ଚଳ ପାଣି ଭିତରେ ଅବସ୍ଥିତ, ସେଠି ମଧ୍ୟ ପ୍ରଶାସନ ପହଞ୍ଚି ପାରୁ ନ ଥିଲା । ବହୁ କଷ୍ଟରେ ଲୋକେ ଡଙ୍ଗାରେ ଡାକ୍ତରଖାନା, ଦୋକାନ ବଜାର ଓ ହାଟକୁ ଆସି ଔଷଧ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ସଂଗ୍ରହ କରି ଆସୁଥିଲେ । ମାତ୍ର ଏବର ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ବିଶିଷ୍ଟ କବି ଡକ୍ଟର ରବିନାରାୟଣ ସେନାପତି କୋରାପୁଟ ଜିଲ୍ଲାପାଳ ଥିବାବେଳେ ସର୍ବପ୍ରଥମେ ବିଚ୍ଛିନ୍ନାଞ୍ଚଳବାସୀଙ୍କ ନିକଟରେ ପ୍ରଶାସନକୁ ପହଞ୍ଚାଇ ଥିଲେ । ଏହା ପରେ ସେ ଅଞ୍ଚଳର ଉନ୍ନତି ହୋଇଥିଲା । ସେହିପରି ଏବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ପରାମର୍ଶଦାତା ଶ୍ରୀ ପ୍ରକାଶ ଚନ୍ଦ୍ର ମିଶ୍ର ଓଡ଼ିଶା ପୋଲିସ ବିଭାଗର ମହାନିର୍ଦ୍ଦେଶକ ପଦବୀରେ ଥିଲାବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ମାଓବାଦୀମାନଙ୍କୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ଲାଗି ନଚେତ୍ ସେମାନଙ୍କୁ ସମୂଳେ ନିପାତ କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ତତ୍କାଳୀନ ରାଜ୍ୟ ସରକାର ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି ଦେଇଥିଲେ । ଫଳରେ ଏବେ ବି ଅଭିଭକ୍ତ କୋରାପୁଟ ବା ସୀମାନ୍ତ ଅଞ୍ଚଳ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ରେ ମାଓବାଦୀଙ୍କ ଉପଦ୍ରବ ହ୍ରାସ ପାଇ ପାରି ନାହିଁ । ଉଗ୍ରପନ୍ଥୀ ମାଓବାଦୀମାନେ ଅତୀତରେ ମାଲକାନଗିରିର ଜିଲ୍ଲାପାଳ ଭିନିଲ କ୍ରିଷ୍ଣାଙ୍କୁ ଅପହରଣ କରି ନିଜ କବଳରେ କିଛି ଦିନ ପାଇଁ ରଖିଥିଲେ । ଅନେକ ରାଜନୀତିକ ବ୍ୟକ୍ତି ଓ ଅଣ ରାଜନୀତିକ ସାଧାରଣ ବ୍ୟକ୍ତି ମଧ୍ୟ ମାଓବାଦୀଙ୍କ ଆକ୍ରମଣରେ ଆହତ ଓ ନିହତ ହୋଇଥିଲେ ।

ସେ ଯାହା ହେଉ, ଏବର ମୋହନ ମାଝୀଙ୍କ ସରକାର 'କୋଟିଆ' ସମସ୍ୟାର ସମାଧାନ ସକାଶେ ଆଗ୍ରହ ପ୍ରକାଶ କରି ଦୃଢ଼ ପଦକ୍ଷେପ ନେଉଥିବା ଏକ ଶୁଭ ସୂଚନା । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସମସ୍ୟାର ସମାଧାନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ୧୬ ଜଣିଆ କମିଟି ନିଜ ଅଧ୍ୟକ୍ଷତାରେ ଗଠନ କରିଛନ୍ତି । ଆନ୍ତଃ ବିଭାଗୀୟ ଏହି କମିଟିରେ କେଉଁମାନେ ସଦସ୍ୟ ରହିଛନ୍ତି, ତାହା ଜଣାପଡ଼ିନାହିଁ । ଏହି କମିଟି ଆସନ୍ତା ଜୁନ୍ ୩ ତାରିଖରେ ପ୍ରଥମ ଥର ଲାଗି ବସିବ । କୋଟିଆ ଅଞ୍ଚଳରେ ବିକାଶ ପ୍ରକ୍ରିୟା ଜାରି ରଖି ଏହି କମିଟି ଓଡ଼ିଆ ଅସ୍ମିତା ପ୍ରତି ଦୃଷ୍ଟି ଦେବ । ସେଠାରେ ସମ୍ଭବତଃ ଓଡ଼ିଶାର ପ୍ରାଦେଶିକ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଉ ନାହିଁ । ସେହି ଗୀତର ମଧ୍ୟ ପ୍ରଭାବ ରହିଛି । ଓଡ଼ିଶାର ଭାଷା ଓ ସାହିତ୍ୟକୁ ସେଠାରେ ପହଞ୍ଚାଇବାକୁ ହେବ । ଅବିଭକ୍ତ କୋରାପୁଟ ଜିଲ୍ଲାର ଶହୀଦ, ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ ଓ ବିଧାୟକ ବା ଅଫିସର କିମ୍ବା ସେମାନଙ୍କ ପରିବାର ସହିତ ଓଡ଼ିଶାର ପ୍ରଶାସନ ସଂପର୍କ ସ୍ଥାପନ କରିବା ଆବଶ୍ୟକ । ଅତୀତରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଥରେ କୋଟିଆ ଗସ୍ତରେ ଯାଇଥିଲେ । ମାତ୍ର ତାହାର ପ୍ରଭାବ ବିଶେଷ ଭାବେ ଅନୁଭୂତ ହୋଇ ନଥିଲା । ନୂତନ କମିଟି ସକ୍ରିୟ ହେଉ, ଏହା ହିଁ କାମନା ।

# ସାବିତ୍ରୀ ବ୍ରତ ଓ ବଟବୃକ୍ଷ ମାହାତ୍ମ୍ୟ



ଡକ୍ଟର ଲକ୍ଷ୍ମଣ ସାହୁ

ଭାରତୀୟ ହିନ୍ଦୁ ସଂସ୍କୃତିରେ ନାରୀମାନଙ୍କର ବ୍ରତ ପାଳନରେ ଏକ ସ୍ୱତନ୍ତ୍ର ରୁଚି ରହିଛି । ପ୍ରତ୍ୟେକଟି ବ୍ରତ ତା'ର ସ୍ୱାମୀ ବା ପୁତ୍ର/ କନ୍ୟା ପାଇଁ ଉଦ୍ଦିଷ୍ଟ ଥାଏ । ସେଭଳି ସାବିତ୍ରୀ ବ୍ରତ ପାଳନ ନାରୀ ପାଇଁ ଅନ୍ୟ ବ୍ରତ ଠାରୁ ସଂପୂର୍ଣ୍ଣ ନିଆରା ତଥା ଶ୍ରେଷ୍ଠ ବ୍ରତ ପାଳନ ଅଟେ । ଅନ୍ୟପକ୍ଷରେ ହିନ୍ଦୁ ଧର୍ମରେ ସ୍ୱାମୀ ସୁହାଗିନୀ ନାରୀର ସାବିତ୍ରୀ ବ୍ରତ ପାଳନ ଏକ ଲୋକପ୍ରିୟ ବ୍ରତ ଅଟେ । ଏହା ଏକ ପ୍ରମୁଖ ଉପବାସ । ଏହି ବ୍ରତ ଜ୍ୟେଷ୍ଠ ଅମାବାସ୍ୟାରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାକର୍ମ ଆରମ୍ଭ କରାଯାଏ । ଗୋଟିଏ ଶିଳପୁଆକୁ ପଞ୍ଚାମୃତ ଜଳରେ ସ୍ନାନ କରାଯାଏ । ପରେ ସେହି ଶିଳପୁଆକୁ ନୂତନ ବସ୍ତ୍ର ଓ ଅଳଙ୍କାର ଦ୍ୱାରା ଅତି ଯତ୍ନ ସହକାରେ ସଜାଇ ସାବିତ୍ରୀ ଦେବୀ ରୂପେ ସ୍ଥାପନା କରି ଧୂପ, ଦୀପ, ପୁଷ୍ପ ଅର୍ପଣ କରାଯାଏ । ବିଭିନ୍ନ ପ୍ରକାରର ଫଳରେ ପାଚିଲା ଆମ୍ବ, ପଣସ, ସପୁରି, ତାଳସଜ, ନଡ଼ିଆ, କଦଳୀ ପ୍ରଭୃତି ନାନା ଜାତିର ପକ୍ୱଫଳ ଓ ଧୂଆମୁଗ ନୈବେଦ୍ୟ ରୂପେ ବଢ଼ାଯାଏ । ସାବିତ୍ରୀ ବ୍ରତରେ ଦେବୀ ସାବିତ୍ରୀ, ଯମଦେବତା ଓ ସତ୍ୟବାନଙ୍କୁ ପୂଜା କରାଯାଏ । ପୁରାଣ କାହାଣୀ ଅନୁସାରେ ଯମରାଜା ଆସି ସତ୍ୟବାନଙ୍କ ପ୍ରାଣ ନେବା ସମୟରେ ସାବିତ୍ରୀ ନିଜ ବୁଦ୍ଧି ଓ ସତୀତ୍ୱ ବଳରେ ଯମରାଜଙ୍କ ଠାରୁ ନିଜ ସ୍ୱାମୀଙ୍କ ପ୍ରାଣ ଫେରି ପାଇଥିଲେ । ଏହି ଉପବାସ ଭାରତୀୟ ସଂସ୍କୃତିର ଜଣେ ମହାନ ମହିଳା ଚରିତ୍ର ସତୀ ସାବିତ୍ରୀଙ୍କ ଭକ୍ତିର ପ୍ରତୀକ, ଅନନ୍ୟ ବୁଦ୍ଧି ଦକ୍ଷତା ଓ ସ୍ୱାମୀ ଧର୍ମର ଚମତ୍କାର ଶକ୍ତି । ଉପବାସ ସହ ଜଡିତ ସାବିତ୍ରୀ ସତ୍ୟବାନଙ୍କ କାହାଣୀ ବିଷୟରେ ଊଣା ଅଧିକେ ସମସ୍ତେ ଭଲ ଭାବରେ ଜାଣିଛନ୍ତି ।

ମହାଭାରତ ମତେ ମଦ୍ର ଦେଶରେ ଅଶ୍ୱପତି ରାଜା ରାଜତ୍ୱ କରୁଥିଲେ । ସେ ସାବିତ୍ରୀଦେବୀଙ୍କୁ କନ୍ୟା ରୂପେ ପାଇବା ପାଇଁ ଯଜ୍ଞର ଆୟୋଜନ କଲେ । ଦେବୀ ଅଶ୍ୱପତିଙ୍କୁ ଦର୍ଶନ ଦେଇ ଇପ୍ସିତ ବର ମାଗିବାକୁ କହିବାରୁ ରାଜା ପୁତ୍ରସନ୍ତାନ ପାଇଁ ଦେବୀଙ୍କୁ ପ୍ରାର୍ଥନା କଲେ । ଦେବୀ ରାଜାଙ୍କୁ ପୁତ୍ରସନ୍ତାନ ଯୋଗ ନ'ଥିବା ସୂଚାଇ ଉତ୍ତମ କନ୍ୟା ହେବାର ଆଶୀର୍ବାଦ ଦେଇ ଅନ୍ତର୍ଦ୍ଧାନ ହେଲେ । ଦେବୀଙ୍କ କୃପାରୁ ଅଶ୍ୱପତିଙ୍କ ପତ୍ନୀଙ୍କ କୋଳରେ କନ୍ୟାଟିଏ ଜାତ ହେଲା । ସାବିତ୍ରୀ (ଗାୟତ୍ରୀ)ଙ୍କ ଆଶୀର୍ବାଦରୁ କନ୍ୟା ସନ୍ତାନଟିଏ ଲାଭ କରିବାରୁ ତା'ର ନାମ ସାବିତ୍ରୀ ରଖିଥିଲେ । ଗାୟତ୍ରୀ ଯୌବନରେ ପାଦ ଦେବାପରେ ପିତା ଅଶ୍ୱପତିଙ୍କ ଆଦେଶମତେ ସ୍ୱଇଚ୍ଛାରେ ବର ଖୋଜିବାକୁ ସହଚରୀମାନଙ୍କ ସହ ଭ୍ରମଣରେ ବାହାରିଲେ ।

ତେଣେ ଶାଲ୍ୱଦେଶର ରାଜା ଦ୍ୟୁମତସେନଙ୍କ ଔରସରେ ଶୈବ୍ୟାଙ୍କ ଗର୍ଭରୁ ସତ୍ୟବାନ ଜନ୍ମଗ୍ରହଣ କରିଥିଲେ । ଦୈବୀ ଦୁର୍ବିପାକରୁ ସତ୍ୟବାନଙ୍କ ଶୈଶବାସ୍ଥାରେ ଦ୍ୟୁମତସେନ ଅନ୍ଧ ଓ ରାଜ୍ୟହରା ହୋଇ ବନବାସୀ ଥିଲେ । ସତ୍ୟବାନ ବଣରେ ଫଳମୂଳ ଖାଇ ମୁନିବୃତ୍ତି ଅବଲମ୍ବନ କରି ଭକ୍ତି ସହକାରେ ପିତାମାତାଙ୍କର ସେବା କରୁଥିଲେ । ସାବିତ୍ରୀ ଭ୍ରମଣ କରୁ କରୁ ସେହି ବଣରେ ପହଞ୍ଚି ସତ୍ୟବାନଙ୍କ ଅସୀମ ପିତୃଭକ୍ତି, ଧର୍ମପରାୟଣାତା ଓ ରୂପରେ ମୁଗ୍ଧା ହୋଇ ଐଶ୍ୱର୍ଯ୍ୟ ଭୋଗଲାଳସା ତ୍ୟାଗ କରି ତାଙ୍କ ସହିତ ଜୀବନଯାପନ ପାଇଁ ସଂକଳ୍ପ କରି ସତ୍ୟବାନଙ୍କୁ ପତିରୂପେ ମନୋନୀତ କରି, ଫେରି ଆସି ପିତାଙ୍କୁ ଜଣାଇଲେ । ସେଠାରେ ନାରଦ ଉପସ୍ଥିତ ହୋଇ ସତ୍ୟବାନଙ୍କ ପରମାୟୁ ଆଉ ମାତ୍ର ଏକ ବର୍ଷ ଥିବା ଜଣାଇ, ମତ ବଦଳାଇବାକୁ ସାବିତ୍ରୀଙ୍କୁ ଅନୁରୋଧ କଲେ । ମାତ୍ର ସାବିତ୍ରୀ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ନିଜ ନିଷ୍ପତ୍ତିରେ ଅଟଳ ରହିଲେ । ପିତାମାତାଙ୍କ ଅନୁମତି କ୍ରମେ ସାବିତ୍ରୀଙ୍କର ସତ୍ୟବାନଙ୍କ ସହିତ ଯଥାରୀତି ବିବାହ ସମ୍ପନ୍ନ ହେଲା ।

ବିବାହ ପରେ ସାବିତ୍ରୀ ପିତୃଗୃହର ରାଜ ସମ୍ପଦ, ବିଳାସ ଓ ଦାସଦାସୀ ବର୍ଗଙ୍କୁ ତ୍ୟାଗ କରି ସ୍ୱାମୀଙ୍କ ସହିତ ତପୋବନର କୁଟୀରରେ ରହି ଶାଶୁ ଓ ଶ୍ୱଶୁରଙ୍କ ସେବାରେ ଲାଗିଲେ । ବିବାହର ଏକ ବର୍ଷ ପୂରିବାକୁ ତିନି ଦିନ ପୂର୍ବରୁ ସାବିତ୍ରୀ ତ୍ରିରାତ୍ର-ବ୍ରତ ଅବଲମ୍ବନ କଲେ । ଯେଉଁଦିନ ଏକ ବର୍ଷ ପୂର୍ଣ୍ଣ ହେଲା ଓ ସତ୍ୟବାନଙ୍କର ପରମାୟୁ ଶେଷ ହେବାକୁ ଗଲା, ସେଦିନ ସତ୍ୟବାନ ଫଳମୂଳ ଓ ସମିଧ ସଂଗ୍ରହ କରିବାକୁ ବଣକୁ ଯିବାବେଳେ ସାବିତ୍ରୀ ତାଙ୍କ ସହ ଗଲେ । ବଣରେ ସତ୍ୟବାନ ଅଶ୍ୱସ୍ତି ବୋଧ କରିବାରୁ ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖି ନିଦ୍ରା ଗଲେ ଓ ତାହାହିଁ ତାଙ୍କର ମହାନିଦ୍ରା (ମୃତ୍ୟୁ) ହେଲା । କିନ୍ତୁ ସାବିତ୍ରୀ ନିଜ ମୃତ ସ୍ୱାମୀଙ୍କ ମସ୍ତକକୁ ନିଜ କୋଳରେ ରଖି ସେଠାରେ ବସି ରହିଲେ । ସତ୍ୟବାନଙ୍କ ଜୀବ ନେବା ପାଇଁ ଯମଦୂତମାନେ ଆସି ସାଧ୍ୱୀ ସାବିତ୍ରୀଙ୍କ ନିକଟରୁ ଛଡ଼ାଇ ନେଇ ନପାରି ଫେରିଗଲେ । ବିଫଳ ଯମଦୂତଙ୍କଠାରୁ ଖବର ପାଇ ନିଜେ ଯମ ଆସି ସେଠାରେ ପହଞ୍ଚି ସତ୍ୟବାନଙ୍କ ଜୀବ ଧରି ବାହାରିଲେ । ସାବିତ୍ରୀ ମଧ୍ୟ ଯମଙ୍କୁ ଅନୁଗମନ କଲେ । ଯମରାଜା ତାଙ୍କର ପତିଭକ୍ତି ଓ ସ୍ତୁତିପାଠରେ ତୁଷ୍ଟ ହୋଇ ସତ୍ୟବାନଙ୍କ ବଦଳରେ ତିନୋଟି ବର ଦେବାକୁ ସତ୍ୟକଲେ ସର୍ତ୍ତ ରଖିଲେ । ସାବିତ୍ରୀ ପ୍ରଥମ ବରରେ ଶ୍ୱଶୁରଙ୍କ ନଷ୍ଟ ଚକ୍ଷୁ ଓ ହୃତ ରାଜ୍ୟ ପୁନଃ ପ୍ରାପ୍ତି, ଦ୍ୱିତୀୟ ବରରେ ନିଜ ପିତାଙ୍କ ପାଇଁ ଏକ ପୁତ୍ର ସନ୍ତାନ ଓ ତୃତୀୟ ବରରେ ନିଜ ଗର୍ଭରୁ ଶତପୁତ୍ର କାମନା କଲେ । ଯମ ତଥାସ୍ତୁ କହି ଫେରିଯିବାକୁ କହିବାରୁ, ସାବିତ୍ରୀ ବିନମ୍ର ସ୍ୱରରେ ସ୍ୱାମୀଙ୍କ ବିନା କିପରି ଶତପୁତ୍ର ପାଇବେ ପଚାରିଲେ । ଶେଷରେ ନିରୁପାୟ ହୋଇ ସତ୍ୟବାନଙ୍କୁ ପୁନଃ ଜୀବିତ କରାଇ ଆୟୁଦାନ କଲେ । ବାସ୍ତବରେ ପ୍ରାଚୀନ କାଳରୁ ସାବିତ୍ରୀଙ୍କ ଏହି ବିଜୟକୁ ଭାରତୀୟ ବିବାହିତ ନାରୀମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବର୍ଷର ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଦିନରେ ଏହି ବ୍ରତ ପାଳନ କରି ସାବିତ୍ରୀଙ୍କୁ ପୂଜା କରି ଆସୁଛନ୍ତି । ଏହି ବ୍ରତ ପାଳନରେ କୁହାଯାଇଛି, ଏକ ବଟ ବୃକ୍ଷ ତଳେ ମହାସତୀ ସାବିତ୍ରୀ ତାଙ୍କ ମୃତ ସ୍ୱାମୀ ସତ୍ୟବାନଙ୍କ ଜୀବନ ଯମରାଜଙ୍କଠାରୁ ଫେରାଇ ଆଣିଥିଲେ । ସେହି ଦିନ ଠାରୁ ହିନ୍ଦୁ ସମାଜରେ ଏହି ବଟ ବୃକ୍ଷକୁ ମଧ୍ୟ ପୂଜା କରାଯାଇଥାଏ । ଯଦି ଏହାକୁ ଏକ ମୌଳିକ ଦୃଷ୍ଟିକୋଣରୁ ବିଚାର କରାଯାଏ, ବ୍ରତ ଧାରଣ ଓ ଉପାସନାର ବହୁ ମହନୀୟତା ଲୁଚି ରହିଛି । ମହାଭାରତୀୟ ସଂସ୍କୃତିରେ ଲୁକ୍କାୟିତ ମହିଳାମାନଙ୍କର ଜୀବନଶକ୍ତିର ବିଜୟର ମହାନ ଆତ୍ମା ସହିତ, ଆମ ଜୀବନରେ ବୃକ୍ଷର ମହତ୍ତ୍ୱ ଯେମିତି ପରିବେଶ ସଂରକ୍ଷଣର ପବିତ୍ର ବାର୍ତ୍ତା ଏଥିରେ ଲୁଚି ରହିଛି ।

କେଉଁ ଅନାଦି କାଳରୁ ବୃକ୍ଷ ପୂଜା ରହିଆସିଛି । ଏପରିକି ବୃକ୍ଷମାନଙ୍କୁ ଜୀବନ୍ତ ଦେବତାମାନଙ୍କର ନାମରେ ମଧ୍ୟ ନାମିତ କରାଯାଇଛି । ବୈଦିକ ସାଧୁ ସନ୍ଥମାନେ କୁହନ୍ତି ଯେ ଘନ ଛାୟା ଗଛଗୁଡ଼ିକ ପବନର ପ୍ରବାହିତ ହୋଇ ସେମାନଙ୍କୁ ଆଲିଙ୍ଗନ କରିଥାନ୍ତି । ସୃଷ୍ଟିକର୍ତ୍ତାମାନେ କେବଳ ପ୍ରକୃତିର ଏହା ଶୃଙ୍ଗାର ଭାବରେ କେବଳ ନୁହେଁ, ବରଂ ଜୀବନର ଉତ୍ସାହ, ଉଲ୍ଲାସ ଏଥିରେ ଭରି ରହିଥିବା ଦର୍ଶାଇଛନ୍ତି । ମତ୍ସ୍ୟ ପୁରାଣରେ ଜଙ୍ଗଲର ମହତ୍ତ୍ୱ ବର୍ଣ୍ଣନା କରି କୁହାଯାଇଛି ଯେ -

*'ଦଶକୂପ ସମାବାପୀ, ଦଶବାପୀସମୌହ୍ରଦ/*
*ଦଶହ୍ରଦ ସମଃ ପୁତ୍ରୋ ଦଶପୁତ୍ରାସମୋଦ୍ରୁମ ।'*

ଏହାର ଅର୍ଥ ହେଉଛି ଦଶଟି କୂଅ ଖୋଳିବାର ପୁଣ୍ୟ ଏକ ପୋଖରୀ ନିର୍ମାଣ ସହିତ ସମାନ, ଦଶଟି ପୋଖରୀ ନିର୍ମାଣ କରିବାର ପୁଣ୍ୟ ଏକ ହ୍ରଦ ସହିତ ସମାନ ଅଟେ । ସେଭଳି ଗୋଟିଏ ଭଲ ପୁତ୍ର/କନ୍ୟା ପାଇବାର ପୁଣ୍ୟ ଗୋଟିଏ ଗଛ ଲଗାଇବା ସହିତ ସମାନ ।

ଏପରି ଜଙ୍ଗଲ ଅଛି, ଯାହା ଆମକୁ ସବୁଜ ଫଳ ଏବଂ ଫୁଲ ଦେବା ସହିତ, ଆମର ଉତ୍ତମ ସ୍ୱାସ୍ଥ୍ୟରକ୍ଷାରେ ମଧ୍ୟ ସାହାଯ୍ୟ କରେ, ସ୍ୱଚ୍ଛ ଅମ୍ଳଜାନ ଯୋଗାଇ ଦିଏ । ପରିବେଶ ସୁରକ୍ଷା କ୍ଷେତ୍ରରେ ବୃକ୍ଷମାନଙ୍କର କେବଳ ଅମୂଲ୍ୟ ଅବଦାନ ନାହିଁ, ଏପରିକି ଗ୍ରହ ଏବଂ ବାସ୍ତୁଦୋଷ ମଧ୍ୟ ଦୂର ହୁଏ । ଗଛ ଓ ଉଦ୍ଭିଦ ପ୍ରତି ଗଭୀର ଶ୍ରଦ୍ଧା ଭାରତୀୟ ସଂସ୍କୃତିର ଏକ ପ୍ରାଚୀନ ଏବଂ ସମ୍ବେଦନଶୀଳ ପରମ୍ପରା । ବିଶ୍ୱର ସର୍ବ ପୁରାତନ ବୈଦିକ ଋକ୍ ବେଦରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ ଶାସ୍ତ୍ର, ପୁରାଣ, ଉପନିଷଦ, ରାମାୟଣ ଇତ୍ୟାଦିର ରଚୟିତା ସାଧୁ, ସନ୍ଥ ଋଷିମାନେ ଦେବ ଦୁର୍ଲ୍ଲଭ ଅମୂଲ୍ୟ ଜ୍ଞାନକୁ ଅରଣ୍ୟର ବିଶାଳ ବୃକ୍ଷର ସୁଶୀତଳ ଛାୟା ତଳେ ନିଜ ଆଶ୍ରମ ତିଆରି କରୁଥିଲେ । ବୈଦିକ ଭାରତରେ ଲୋକମାନେ ନିୟମିତ ଭାବରେ ବଣଦେବୀଙ୍କୁ ପୂଜା କରି ଆସୁଥିଲେ । ଋଷିମାନଙ୍କର ସ୍ମୃତି ଗ୍ରନ୍ଥରେ ଉଲ୍ଲେଖ ଅଛି ଯେଉଁମାନେ ବଣକୁ ନଷ୍ଟ କରନ୍ତି ସେମାନଙ୍କ ପାଇଁ କଠୋର ଦଣ୍ଡ ଦିଆଯାଏ । ଭାରତୀୟ ଆରଣ୍ୟକ ସଂସ୍କୃତିରେ, ଅରଣ୍ୟ ସମସ୍ତଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ।

**ଗୋଟିଏ ଶିଳପୁଆକୁ ପଞ୍ଚାମୃତ ଜଳରେ ସ୍ନାନ କରାଯାଏ । ପରେ ସେହି ଶିଳପୁଆକୁ ନୂତନ ବସ୍ତ୍ର ଓ ଅଳଙ୍କାର ଦ୍ୱାରା ଅତି ଯତ୍ନ ସହକାରେ ସଜାଇ ସାବିତ୍ରୀ ଦେବୀ ରୂପେ ସ୍ଥାପନା କରି ଧୂପ, ଦୀପ, ପୁଷ୍ପ ଅର୍ପଣ କରାଯାଏ ।**

ସବୁଜ ଅରଣ୍ୟହିଁ ଆମ ସମସ୍ତଙ୍କ ଜୀବନଦାତା । ଅମରତ୍ୱ ପ୍ରଦାନକାରୀ, ଦୀର୍ଘାୟୁତା ଓ ଅନନ୍ତ ଜୀବନର ଚରମ ପ୍ରତୀକ ଭାବରେ ସ୍ୱୀକୃତି ପାଇଛି । ବହୁ ପ୍ରାଚୀନ କାଳରେ, ଆମର ସାଧୁ, ସନ୍ଥ ଋଷିମାନେ ବଟ ବୃକ୍ଷ (ବରଗଛ) ଛାୟାରେ ଦୀର୍ଘ ସମୟ ଦିନ, ମାସ, ବର୍ଷ ଧରି ତପସ୍ୟା କରୁଥିଲେ । ବିଭିନ୍ନ ଅନୁସନ୍ଧାନ ଦ୍ୱାରା ସିଦ୍ଧପ୍ରାପ୍ତ ହୋଇଛନ୍ତି । ପ୍ରଚୁର ଜୀବନ୍ୟାସ ପ୍ରଦାନ କରୁଥିବା ଏହି ବୃକ୍ଷ ମଣିଷର ମସ୍ତିଷ୍କକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ଏବଂ ଧ୍ୟାନରେ ସ୍ଥିରତା ଆଣିଥାଏ । ପରାଶର ମୁନି ଏହି ବୃକ୍ଷ ମୂଳରେ ତପସ୍ୟା କରି ବଟବୃକ୍ଷର ମହନୀୟ ଉପଯୋଗିତାକୁ ପ୍ରତିପାଦିତ କରିଛନ୍ତି । ସେ କହିଛନ୍ତି ଯେ ସମଗ୍ର ବ୍ରହ୍ମାଣ୍ଡରେ ସୃଷ୍ଟି ସର୍ଜନା ଭିତରେ ଥିବା ଏକମାତ୍ର ବଟବୃକ୍ଷ (ତ୍ୱଚା) ଯେଉଁଠିରେ ତ୍ରିଶକ୍ତି ଦେବ (ବ୍ରହ୍ମା, ବିଷ୍ଣୁ ଓ ମହେଶ)ଙ୍କ ସମନ୍ୱିତ ଶକ୍ତି ନିହିତ ଅଛି । ବଟବୃକ୍ଷ ଦୀର୍ଘ ବିଶାଳ ବିସ୍ତାର ପାଇଁ ପ୍ରସିଦ୍ଧ । ତେଣୁ ହିନ୍ଦୁ ଦର୍ଶନରେ ବଟ ବୃକ୍ଷକୁ ଦୀର୍ଘାୟୁତା ଓ ଅମରତ୍ୱ'ର ପ୍ରତୀକ ଭାବରେ ବିବେଚନା କରାଯାଏ ।

ଭଗବାନ ବୁଦ୍ଧ 'ଦିବ୍ୟ ଜ୍ଞାନ ପ୍ରାପ୍ତ' ଅର୍ଥାତ୍ ଏହି ଗଛ ତଳେ ସେ ଚରମ ସତ୍ୟକୁ ଅନୁଭବ କରିଥିଲେ । ସେଥିପାଇଁ ଏହାକୁ 'ବୋଧିଦ୍ରୁମ' କୁହାଯାଏ । ଯଦିଓ ବୌଦ୍ଧଧର୍ମୀମାନେ ଏକ ବଡ଼ ବିଶ୍ୱାସ କରନ୍ତି ଯେ, ଏହି ବଟବୃକ୍ଷର ଛାୟାରେ ତାଙ୍କୁ ପରମ ସତ୍ୟର ସନ୍ଧାନ ମିଳିଥିଲା । ସୂକ୍ଷ୍ମ ଦୃଷ୍ଟିରେ ଚିନ୍ତା କଲେ ବୁଝି ହୁଏ ପ୍ରାଚୀନ କାଳରେ ମୁନି, ଋଷିମାନେ ଜ୍ୟେଷ୍ଠ ମାସର ମୁଣ୍ଡ ଫଟା ସୂର୍ଯ୍ୟକିରଣରୁ ରକ୍ଷା ପାଇବା ପାଇଁ ଏହି ବିଶାଳ ଗଛକୁ ପୂଜା କରି ତା'ର ସୁଶୀତଳ ଛାୟାରେ ଆଶ୍ରୟ ନେଉଥିଲେ । ସମୟ କ୍ରମେ ବୃକ୍ଷ ପୂଜାର୍ଚ୍ଚନା କରିବାର ପରମ୍ପରା ଆରମ୍ଭ ହୋଇଆସୁଛି । କେଉଁ ଆଦିମ କାଳରୁ ମଣିଷ କରୁଛି ପ୍ରକୃତିର ଉପାସନା । ସେ ମାଟି, ପାଣି, ପବନ ଓ ବୃକ୍ଷଲତାକୁ ଈଶ୍ୱର ଭାବେ ପୂଜା କରିଆସିଛି । ପର୍ବ ପର୍ବାଣୀରେ ହିନ୍ଦୁମାନେ ସ୍ୱତନ୍ତ୍ର ବୃକ୍ଷ ମୂଳେ ପୂଜା କରିଥାନ୍ତି । ଯେପରି ନିମ୍ବ ବୃକ୍ଷକୁ ଦାରୁବ୍ରହ୍ମ ରୂପରେ ପୂଜା କରୁଛି । ସେଭଳି ଅଁଳା ନବମୀରେ ଅଁଳା ଗଛ ମୂଳେ ପୂଜାର ସ୍ୱାତନ୍ତ୍ରତା ରହିଛି । ସେଭଳି ବେଲଗଛ, ବଟବୃକ୍ଷ ଓ ଅଶ୍ୱତ୍ଥ ଗଛକୁ ମଧ୍ୟ ପୂଜା କଲେ ପୁଣ୍ୟ ମିଳିଥାଏ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି । ତେଣୁ ବର ଓ ପିପଳ ଗଛକୁ କଟା ଯାଏ ନାହିଁ । ଶ୍ରୀମନ୍ଦିର ପରିସରରେ ଥିବା ପୁଣ୍ୟ କଳ୍ପବଟ ଅଛି । କିନ୍ତୁ ଦୁର୍ଭାଗ୍ୟବଶତଃ ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ବିପରୀତ ହୋଇଛି ।

ବିଜ୍ଞାନର ବିଜୟ ଯାତ୍ରାରେ ଚନ୍ଦ୍ର ପୃଷ୍ଠରେ ଜାଗା କିଣି ନୂତନ ସ୍ୱପ୍ନ ଦେଖୁଥିବା ମଣିଷ ଆପଣା ପଣକୁ ଭୁଲି ଯାଇଛି । ଅରଣ୍ୟ ପ୍ରତି ଆକୃଷ୍ଟ ହେବା, ଶ୍ରଦ୍ଧା କରିବା ଓ ନଷ୍ଟ ନକରିବା ବଦଳରେ କେବଳ ଚିତ୍ର ପୂଜା କରୁଛି । ନିଜର କ୍ଷୁଦ୍ର ସ୍ୱାର୍ଥ ପାଇଁ କେବଳ ଜଙ୍ଗଲକୁ ନଷ୍ଟ କରୁଛି । ପୃଥିବୀ ମା'କୁ କ୍ଷତାକ୍ତ କରି ତା' କୋଳରେ ପ୍ରବାହିତ ଜଳଧାରା ସ୍ରୋତକୁ ମଧ୍ୟ ଶୁଖାଇ ଦେଉଛି । ମଣିଷର ଏହି ଭୟଙ୍କର ସ୍ୱାର୍ଥପରତା ହେତୁ, ପ୍ରକୃତିର କରାଳ ରୂପକୁ ଭୋଗ କରୁଛି । ବୁଝି ପାରୁନି ପ୍ରକୃତିର ଅବଦାନକୁ । ଏ ମଣିଷ ଯେଉଁ ଦିନ ନିଜ କର୍ମ କଲା ଭୁଲକୁ ସଂଶୋଧନ କରି ଜଙ୍ଗଲର ଗୁରୁତ୍ୱକୁ ଠିକ୍ ଭାବରେ ଚିହ୍ନି ସୁରକ୍ଷା ଦେବ, ସେହି ଦିନ ତା'ର ଦୁର୍ଯୋଗ ଅପସରି ଯିବ ବୋଲି ମନେ ହୋଇଥାଏ ।

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪**
**ମୋ-୯୦୪୦୧୫୧୪୭୫**

# ତ୍ରିରଙ୍ଗା ଅଭିଯାନ ଏକ ପ୍ରେରଣା



ଡଃ ତପନ କୁମାର ଚାନ୍ଦ

ସମଗ୍ର ଭାରତରେ ସାଧାରଣ ଲୋକଙ୍କ ଦ୍ୱାରା କରାଯାଇଥିବା ତ୍ରିରଙ୍ଗା ଅଭିଯାନ ଏବେ ଆତଙ୍କବାଦ ବିରୋଧରେ ଅର୍ଥାତ୍ ଆମେ ଭାରତୀୟମାନେ, ଅପରେସନ ସିନ୍ଦୂରର ଚମତ୍କାର ସଫଳତାକୁ ପାଳନ କରି ଏବଂ ଆତଙ୍କବାଦ ବିରୁଦ୍ଧରେ ଲଢ଼େଇରେ ଆମର ସଶସ୍ତ୍ର ବାହିନୀକୁ ସମର୍ଥନ କରି ଏକତା ପ୍ରଦର୍ଶନ କରିଛୁ । ସମାଜର ସମସ୍ତ ବର୍ଗର ଲୋକମାନେ, ପିଲାଠାରୁ ବୟସ୍କ, ଝିଅଠାରୁ ମହିଳା, କୃଷକଠାରୁ ବୃତ୍ତିଗତ ପର୍ଯ୍ୟନ୍ତ, ସମସ୍ତେ ଉତ୍ସାହର ସହିତ ଆଗକୁ ଆସୁଛନ୍ତି ଏବଂ ଗୋଟିଏ ତିରଙ୍ଗା ଏବଂ ଗୋଟିଏ ରାଷ୍ଟ୍ର ଅଧୀନରେ ଚାଲିଛନ୍ତି । ସମଗ୍ର ବିଶ୍ୱ ପାଇଁ ଏହା ନୂତନ ଭାରତ - ସେମାନଙ୍କର ମର୍ଯ୍ୟାଦା, ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ଉପରେ ଯେକୌଣସି ପ୍ରକାରର ଆକ୍ରମଣ ବିରୋଧରେ ନୂତନ ଅଭିଯାନ ସହିତ ଏକତ୍ର ହେବାର ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ । ଆତଙ୍କବାଦୀ ଆକ୍ରମଣ ଆଉ ପୀଡିତଙ୍କ ମନରେ ଭୟ, ମନୋବଳ ହ୍ରାସ ଏବଂ ଅପମାନ ସୃଷ୍ଟି କରିବ ନାହିଁ ।

*'...ମିଟି ମେ ମିଲା ଦୁଙ୍ଗା...ଘର ମେ ଘୁସ୍ କେ ମାରୁଙ୍ଗା'*

ଭଳି ଶବ୍ଦରେ ଆକ୍ରମଣାତ୍ମକ ପ୍ରତିଶୋଧର ଏକ ନୂତନ ପ୍ରେରଣା ପ୍ରଦାନ କରେ । ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମର୍ଥନ ନ କରିବା ପାଇଁ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବା ଏକ ମାଷ୍ଟରଷ୍ଟ୍ରୋକ୍ ଯାହା ପାକିସ୍ତାନ ପାଇଁ ସୁଦୂରପ୍ରସାରୀ ପରିଣାମ ଆଣିବ । ଏହି ଦେଶ ସିନ୍ଧୁ ଜଳ ଉପରେ ୧୬ ନିୟୁତ ହେକ୍ଟର କୃଷି ଜମିର ୮୦ ପ୍ରତିଶତ ଏବଂ ମୋଟ ଜଳ ବ୍ୟବହାରର ୯୩ ପ୍ରତିଶତ ପାଇଁ ନିର୍ଭରଶୀଳ । ସିନ୍ଧୁ ଜଳ ସମର୍ଥନ କରେ ତେଣୁ ଜାତୀୟ ସିଦ୍ଧାନ୍ତ ହେଉଛି ଆତଙ୍କବାଦର ଏକ କାର୍ଯ୍ୟ ଯାହାକୁ ଯୁଦ୍ଧ କାର୍ଯ୍ୟ ଭାବରେ ବିବେଚନା କରାଯାଏ ।

ଆମର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷାରେ, ଆତଙ୍କବାଦ ଏବଂ କଥାବାର୍ତ୍ତା ଏକାଠି କରାଯାଇପାରିବ ନାହିଁ, ଆତଙ୍କବାଦ ଏବଂ ବାଣିଜ୍ୟ ଏକାଠି ଯାଇପାରିବ ନାହିଁ । ପାଣି ଏବଂ ରକ୍ତ ଏକାଠି ପ୍ରବାହିତ ହୋଇପାରିବ ନାହିଁ । ୨୩୭ ନିୟୁତ ଲୋକ ଗହମ, ଚାଉଳ ଏବଂ କପା ପରି ଫସଲ ମାଧ୍ୟମରେ ପାକିସ୍ତାନର ଜିଡିପିର ୧/୪ ଅଂଶ ଯୋଗଦାନ କରନ୍ତି । ସିନ୍ଧୁ ଚୁକ୍ତିନାମାକୁ ସ୍ଥଗିତ କରି, ଭାରତ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ ରକ୍ତ ଏବଂ ପାଣି ଏକାଠି ପ୍ରବାହିତ ହୋଇପାରିବେ ନାହିଁ । ଏହି ସିଦ୍ଧାନ୍ତ ଆତଙ୍କବାଦକୁ ମୁକାବିଲା କରିବାର ଏକ ଦୃଢ଼ ମାର୍ଗ ପ୍ରଦାନ କରିଛି ଏବଂ ଏହା ତାଙ୍କୁ ବିଶ୍ୱରେ ଆତଙ୍କବାଦ ବିରୁଦ୍ଧରେ ଲଢ଼େଇର ଏକ ପ୍ରତୀକାତ୍ମକ ଅଭିଯାନରେ ପରିଣତ କରାଇପାରିଛି ।

ଅପରେସନ୍ ସିନ୍ଦୂରକୁ ଲୋକଙ୍କ ପ୍ରଚୁର ସମର୍ଥନରୁ ଜଣାଯାଉଛି ଯେ ଏହା ଦେଶର ଲକ୍ଷ ଲକ୍ଷ ଏବଂ କୋଟି ଲୋକଙ୍କର ଭୟ ବିନା ବଞ୍ଚିବା ଏବଂ ମୁଣ୍ଡ ଉଚ୍ଚ ରଖିବାର ଆଶା ଏବଂ ଆକାଂକ୍ଷାକୁ ପ୍ରତିଫଳିତ କରୁଛି । ଏପ୍ରିଲ୍ ୨୨, (୨୦୨୫)ରେ ପହଲଗାମ ଆକ୍ରମଣରେ ଯେଉଁଥିରେ ୨୬ ଜଣ ନିର୍ଦ୍ଦୋଷ ନାଗରିକଙ୍କ ଜୀବନ ଯାଇଥିଲା । ଏହାର ସାମରିକ ଜବାବ ସ୍ୱରୂପ ଆମର ସଶସ୍ତ୍ର ବାହିନୀ ଦ୍ୱାରା ମେ ୦୭, ୨୦୨୫ରେ ପାକିସ୍ତାନର କିଛି ଅଂଶରେ ପିଓକେରେ ଅପରେସନ୍ ସିନ୍ଦୂର ଆରମ୍ଭ କରାଯାଇଥିଲା ।

ଅପରେସନ ସିନ୍ଦୂରର କିଛି ପ୍ରମୁଖ ସଫଳତା ନିମ୍ନରେ ଦିଆଗଲା:

୧) ୯ଟି ପ୍ରମୁଖ ଆତଙ୍କବାଦୀ ଶିବିର ଧ୍ୱଂସ ପାଇଛି



୨) ୧୧ଟି ପାକିସ୍ତାନୀ ବାୟୁସେନା ଘାଟି ଉପରେ ଆକ୍ରମଣ ହୋଇଛି

୩) ଉଚ୍ଚ ପ୍ରୋଫାଇଲ୍ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି (କାର୍ଯ୍ୟରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଛନ୍ତି)

୪) ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଠିକ୍ ଆକ୍ରମଣ କରାଯାଇଛି

୫) ଏକ ନୂତନ ରଣନୈତିକ ଲାଲ ରେଖା: ପ୍ରତିରୋଧରୁ ସିଧାସଳଖ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ କରାଯାଇଛି !

୬) ଆତଙ୍କବାଦୀ ଏବଂ ସେମାନଙ୍କର ପ୍ରାୟୋଜକଙ୍କ ପାଇଁ ସମାନ ଦଣ୍ଡ ବିଧାନ କରାଯାଇଛି ।

୭) ଚୀନ୍ ଦ୍ୱାରା ଯୋଗାଇ ଦିଆଯାଇଥିବା ପାକିସ୍ତାନର ବାୟୁ ପ୍ରତିରକ୍ଷା ଦୁର୍ବଳ ବୋଲି ପ୍ରମାଣ ହୋଇଛି ।

୮) ଭାରତର ବାୟୁ ପ୍ରତିରକ୍ଷାର ଶ୍ରେଷ୍ଠତା: ବୃଦ୍ଧି ପାଇଛି ।

୯) ଆତଙ୍କ ସହିତ ଜଡିତ ଭୟ ମାନସିକତାକୁ ନଷ୍ଟ କରାଯାଇଛି

୧୦) ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ରଣନୈତିକ ସଂଯମ ମଧ୍ୟ ରକ୍ଷା କରାଯାଇଛି ।

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅପରେସନ ସିନ୍ଦୂର ଏବଂ ରଣନୈତିକ କାର୍ଯ୍ୟାନୁଷ୍ଠାନ ସବୁ ମହଲରୁ ପ୍ରଶଂସା ପାଇଛି । ଏପରିକି ବିରୋଧୀ ନେତା ପି. ଚିଦାମ୍ବରମଙ୍କ ଭଳି କଟୁ ସମାଲୋଚକଙ୍କଠାରୁ ମଧ୍ୟ । ଏବେ ତ୍ରିରଙ୍ଗା ଯାତ୍ରା ଦେଶ, ଜାତି ଓ ମାତୃଭୂମି ପ୍ରତି ଲୋକଙ୍କୁ ପ୍ରେରଣା ଦେଉଛି ।

**ବିଶିଷ୍ଟ ଶିଳ୍ପ ବିଷାରଦ ଏବଂ**
**ରାଜ୍ୟ ବିଜେପି ମୁଖପାତ୍ର**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

**ସଙ୍କଳ୍ପ**

**ମିଶୁ ମୋର ଦେହ ଏ ଦେଶ ମାଟିରେ,**
**ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି ,ମୋର ମାଂସ ହାଡ଼ ।**

**ଗୋପବନ୍ଧୁ ଦାସ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିସ୍ଫୋରଣରେ...

ସେନାର ଦୁର୍ବଳ ସୁରକ୍ଷା ବ୍ୟବସ୍ଥା ଏବଂ ବାଲୁଚ୍ ବିଦ୍ରୋହୀଙ୍କ ବଢୁଥିବା ଶକ୍ତିର ଏକ ସଙ୍କେତ । ଆକ୍ରମଣ ପରେ, ସମଗ୍ର ଅଞ୍ଚଳରେ ହାଇ ଆଲର୍ଟ ଘୋଷଣା କରାଯାଇଛି ଏବଂ ସୁରକ୍ଷା ବାହିନୀ ଏକ ବଡ଼ ଧରଣର ତଲାସୀ ଅଭିଯାନ ଆରମ୍ଭ କରିଛନ୍ତି । ଏହି ଘଟଣା ପାକିସ୍ତାନର ଆଭ୍ୟନ୍ତରୀଣ ସୁରକ୍ଷା ସମସ୍ୟାକୁ ସାମ୍ନାକୁ ଆଣିଛି, ବିଶେଷକରି ବେଲୁଚିସ୍ତାନ ଭଳି ସମ୍ବେଦନଶୀଳ ଅଞ୍ଚଳରେ, ଯାହା ଦୀର୍ଘ ଦିନ ଧରି ଅସ୍ଥିରତାରେ ଜର୍ଜରିତ ହେଉଛି ।

ମେ' ୨୧ ତାରିଖରେ କରାଚୀ-କ୍ୱେଟା ରାଜପଥରେ ଆଉ ଏକ ଆକ୍ରମଣ ହୋଇଥିଲା । ବାଲୁଚିସ୍ତାନର ଖୁଜଦାର ଅଞ୍ଚଳ ନିକଟରେ କ୍ୱେଟା-କରାଚୀ ରାଜପଥରେ ଆତଙ୍କବାଦୀମାନେ ଏକ ଆର୍ମି ପବ୍ଲିକ୍ ସ୍କୁଲ ବସ୍ ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ଡ୍ରାଇଭର ସମେତ ପାଞ୍ଚ ଜଣ ପିଲାଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣାଗୁଡ଼ିକ ଯୋଗୁ ପାକିସ୍ତାନର ସାଧାରଣ ଜନତାଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି ।

### ସାମୁଦ୍ରିକ...

ନିଯୁକ୍ତି ପାଇଛନ୍ତି। ୪୩୨ କନେଷ୍ଟବଳ ପଦବୀ ଥିବା ବେଳେ ୧୧୩ ଟି ପଦବୀ ପୂରଣ ହୋଇଛି। ୩୬ ଜଣ ଡ୍ରାଇଭର ରହିବା କଥା, ଅଛନ୍ତି ମାତ୍ର ୫ ଜଣ। ୨୭୦ ଗୃହରକ୍ଷୀ ପଦବୀ ଥିବା ବେଳେ ୧୨୮ ଜଣ କାମ କରୁଛନ୍ତି। ୨୮୦ ଜଣ ବୈଷୟିକ ପଦପଦବୀ ଥିବା ବେଳେ କାର୍ଯ୍ୟ କରୁଛନ୍ତି ମାତ୍ର ୯୦ଜଣ।

୧୮ ଟି ଚାରିଚକିଆ ଓ ୩୬ ଟି ଗାଡି ସମେତ ୧୨ ଟନ୍ କ୍ଷମତା ବିଶିଷ୍ଟ ୧୦ ଟି ବୋଟ୍ ଓ ୫ ଟନ୍ କ୍ଷମତା ବିଶିଷ୍ଟ ୫ ଟି ବୋଟ୍ ଯୋଗାଇ ଦିଆଯାଇଛି। ଏଥିସହିତ ସାମୁଦ୍ରିକ ଥାନାଗୁଡିକୁ ନାଇଟ୍ ଭିଜନ୍ ଡିଭାଇସ୍, ଡିଜିଟାଲ୍ କ୍ୟାମେରା, ଏଲଇଡି ଟର୍ଚ୍ଚ ଲାଇଟ୍, ଡିଜିଟାଲ୍ ଫଟୋ କପିଅର, କ୍ୟାମ୍ପସ୍ ଭୟସ୍ ରେକର୍ଡର୍, ବୋଟ୍ ପାଇଁ ଏଚ୍ଏମ୍ଏମ୍ ସହିତ ଦୂରବିକ୍ଷଣ ଯନ୍ତ୍ର ଆଦି ଯୋଗାଇ ଦିଆଯାଇଛି। ହେଲେ ଦକ୍ଷ କର୍ମଚାରୀ ନଥିବାରୁ ତଟ ସୁରକ୍ଷା ପଇଁତରା କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ। ଗାଡି ଓ ବୋଟ୍ ଚଳାଇବାକୁ ଚାଳକ ନଥିବା ବେଳେ ଅନ୍ୟାନ୍ୟ ସଂରଞ୍ଜାମ ବ୍ୟବହାର କଥା ପଚାରେ କିଏ । ଯେଉଁ ଉଦ୍ଦେଶ୍ୟ ନେଇ ଉପକୂଳ ଥାନା ଗଠନ ହୋଇଥିଲା ତାହା ଏବେ ସଫଳ ହୋଇପାରୁନାହିଁ। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଜଗିବା ପାଇଁ କଡା ସାମୁଦ୍ରିକ ପାଟ୍ରୋଲିଂ ଆବଶ୍ୟକ ଥିବା ବେଳେ ତାହା ହୋଇପାରୁ ନାହିଁ। ଯାହା ଫଳରେ ସେମାନେ ଅନୁପ୍ରବେଶ କରିବା ସହଜ ହେଉଛି।

### ଜାପାନକୁ ...

ଏହା ପଛକୁ ରହିଥିବା ଚୀନର ଜିଡିପି ଆକାର ୧୯,୨୩୧.୭୦୫ ଅରବ ଡଲାର ରହିଛି । ଆଇଏମ୍ଏଫର ରିପୋର୍ଟ ଅନୁସାରେ ଆମେରିକାର ଜିଡିପି ବୃଦ୍ଧି ଚଳିତ ବର୍ଷ ୧.୮% ପର୍ଯ୍ୟନ୍ତ ଧିମା ରହିପାରେ ।

ଚଳିତ ବର୍ଷ ୟୁରୋପର ଜିଡିପି ବୃଦ୍ଧି ହାର ମାତ୍ର ୦.୮ ପ୍ରତିଶତ ରହିପାରେ ବୋଲି ଅନୁମାନ କରିଛି ଆଇଏମ୍ଏଫ୍ । ତେବେ ୨୦୨୬ରେ ଏଥିରେ ଉନ୍ନତି ହେବ ଓ ଏହା ପ୍ରାୟ ୧.୨ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯିବ । ୨୦୨୫ ଓ ୨୦୨୬ରେ ଫ୍ରାନ୍ସର ଜିଡିପି ବୃଦ୍ଧି ହାର ଯଥାକ୍ରମେ ୦.୬ ଓ ୧ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଇଛି । ୨୦୨୫ରେ ଅନ୍ୟ ଦେଶଗୁଡ଼ିକ ତୁଳନାରେ ସ୍ପେନ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି ।

### ତେଜ...

ତା'ର କୌଣସି ପ୍ରକାର ଭୂମିକା ରହିବ ନାହିଁ । ତାଙ୍କୁ ଦଳରୁ ୬ ବର୍ଷ ପାଇଁ ବହିଷ୍କାର କରାଯାଉଛି ।

ନିଜ ଜୀବନର ଭଲ-ଖରାପ ଓ ଗୁଣ-ଦୋଷ ଆଦି ପରଖିବା ପାଇଁ ସେ ନିଜେ ସକ୍ଷମ । ତାଙ୍କ ସହିତ ଯେଉଁମାନେ ସଂପର୍କ ରଖିବେ, ସେମାନେ ସେମାନଙ୍କ ବିବେକକୁ ପଚାରି ନିଷ୍ପତ୍ତି ନେବେ । ସାର୍ବଜନୀନ ଜୀବନରେ ମୁଁ ସର୍ବଦା ପାରିବାରିକ ମର୍ଯ୍ୟାଦାକୁ ଗୁରୁତ୍ୱ ଦେଇ ଆସିଛି । ପରିବାରର ଆଜ୍ଞାକାରୀ ସଦସ୍ୟମାନେ ସାର୍ବଜନୀନ ଜୀବନରେ ଏହି ବିଚାରକୁ ଅନୁସରଣ କରିଛନ୍ତି ବୋଲି ଲାଲୁ ପ୍ରସାଦ ଯାଦବ ତାଙ୍କ ଏକ୍ସରେ ଲେଖିଛନ୍ତି ।

ତେଜ ପ୍ରତାପ ଯାଦବ ତାଙ୍କ ଫେସ୍‌ବୁକରେ ଗତକାଲି ଗୋଟିଏ ଫଟୋ ପୋଷ୍ଟ କରିଥିଲେ । ଏହି ଫଟୋରେ ସେ ଓ ଜଣେ ମହିଳା ଥିଲେ । ଉକ୍ତ ମହିଳାଙ୍କ ନାଁ ଅନୁଷ୍କା ଯାଦବ । ଏହି ପୋଷ୍ଟରେ ତେଜ ପ୍ରତାପ ଲେଖିଥିଲେ, ମୁଁ ତେଜ ପ୍ରତାପ ଯାଦବ ଓ ଏହି ଫଟୋରେ ମୋ ସହିତ ଥିବା ଝିଅ ଜଣଙ୍କ ହେଉଛନ୍ତି ଅନୁଷ୍କା ଯାଦବଛ ଆମେ ପରସ୍ପରକୁ ଗତ ୧୨ ବର୍ଷ ହେଲା ଜାଣିଛୁ ଓ ପରସ୍ପରକୁ ଗଭୀର ଭାବେ ଭଲ ପାଉଛ ଏହି ବର୍ଷଗୁଡ଼ିକରେ ଆମେ ରିଲେସନଶିପରେ ଅଛୁ । ଦୀର୍ଘ ସମୟ ହେଲା ମୁଁ ଏହି କଥାକୁ ସମସ୍ତଙ୍କୁ ଜଣାଇଦେବାକୁ ଚାହୁଁଥିଲୁ । କିନ୍ତୁ ଏଥିପାଇଁ ଉପଯୁକ୍ତ ଶବ୍ଦ ପାଉ ନଥିଲି । ଆଜି ଏହି ପୋଷ୍ଟ ମାଧ୍ୟମରେ ମୁଁ ମୋ ହୃଦୟ ଆପଣମାନଙ୍କ ସମ୍ମୁଖରେ ଖୋଲି ଦେଉଛି । ମୁଁ ଆଶା କରୁଛି ଯେ ଆପଣମାନେ ସମସ୍ତେ ବୁଝିପାରିବେ ।

ତେଜ ପ୍ରତାପଙ୍କ ଏହି ଫେସବୁକ୍ ପୋଷ୍ଟରୁ ବିବାଦ ଉପୁଜିଥିଲା । ଏହି ପୋଷ୍ଟ ଦେଖିବା ପରେ ଅନେକେ ପଚାରିଥିଲେ ଯେ ଯଦି ସେ (ତେଜ ପ୍ରତାପ) ଏତେ ବର୍ଷ ହେଲାଣି ଜଣେ ମହିଳାଙ୍କ ସହିତ ରିଲେସନଶିପରେ ଥିଲେ, ତା'ହେଲେ ୨୦୧୮ରେ ବିହାରର ପୂର୍ବତନ ମନ୍ତ୍ରୀ ଚନ୍ଦ୍ରିକା ରାଏଙ୍କ ଝିଅ ଐଶ୍ୱର୍ଯ୍ୟାଙ୍କୁ କାହିଁକି ବାହା ହୋଇଥିଲେ । ସୂଚନାଯୋଗ୍ୟ, ବାହାଘରର କିଛି ମାସ ପରେ ତେଜ ପ୍ରତାପ ଓ ଐଶ୍ୱର୍ଯ୍ୟା ଅଲଗା ହୋଇଯାଇଥିଲେ । ତେବେ ଏବେବି ସେମାନଙ୍କ ବିବାହ ବିଚ୍ଛେଦ ମାମଲା କୋର୍ଟରେ ଅଟକି ରହିଛି । ତେଜ ପ୍ରତାପ ଓ ଶାଶୁ ଘରର ଅନ୍ୟ ଲୋକମାନେ ତାଙ୍କୁ ଘରୁ ତଡ଼ି ଦେଇଥିଲେ ବୋଲି ଐଶ୍ୱର୍ଯ୍ୟା ଅଭିଯୋଗ କରିଥିଲେ ।

ନକାରାତ୍ମକ ପ୍ରତିକ୍ରିୟା ଆସିବା ପରେ ତେଜ ପ୍ରତାପ ଉକ୍ତ ପୋଷ୍ଟକୁ ଫେସବୁକ୍‌ରେ ଉଡ଼ାଇ ଦେଇଥିଲେ ଓ 'ଏକ୍ସ'ରେ ଦାବି କରିଥିଲେ ଯେ ତାଙ୍କ ଫେସବୁକ୍ ଆକାଉଣ୍ଟ ହ୍ୟାକ୍ ହୋଇଯାଇଥିଲା ଓ ତାଙ୍କର ଉକ୍ତ ଫଟୋକୁ ଭୁଲ ଢଙ୍ଗରେ କେହି ଏଡିଟ୍ କରିଥିଲେ ।

ତେଜ ପ୍ରତାପଙ୍କ ସାନ ଭାଇ ତଥା ବିହାରର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କହିଛନ୍ତି, ଏଭଳି ଜିନିଷକୁ କେବେ ବି ଗ୍ରହଣ କରାଯିବ ନାହିଁ । ଆମେ ଆମ କାର୍ଯ୍ୟ କରୁଛୁ । ଆମେ ବିହାର ପାଇଁ ସମର୍ପିତ । ଆମେ ଲୋକଙ୍କ ପ୍ରସଙ୍ଗ ଉଠାଉଛୁ । ଯେତେଦୂର ମୋ ବଡ଼ ଭାଇଙ୍କ କଥା ଉଠୁଛି, ରାଜନୀତିକ ଓ ବ୍ୟକ୍ତିଗତ ଜୀବନ ଅଲଗା ଅଲଗା । ସେ ତାଙ୍କ ବ୍ୟକ୍ତିଗତ ଜୀବନ ସଂପର୍କରେ ନିଷ୍ପତ୍ତି ନେବା ପାଇଁ ସ୍ୱାଧୀନ । ସେ ଜଣେ ସାବାଳକ ଓ ସ୍ୱାଧୀନ ଭାବେ ନିଷ୍ପତ୍ତି ନେଇପାରିବେ । ଆମ ଦଳର ମୁଖ୍ୟ ତାହା ସ୍ପଷ୍ଟ କରି ସାରିଛନ୍ତି ।

### ୨୧ବର୍ଷ ...

ବିଶ୍ୱବିଦ୍ୟାଳୟର ଶ୍ରୀରାମ କଲେଜ ଅଫ୍ କମର୍ସରୁ ଅର୍ଥନୀତିରେ ଡିଗ୍ରୀ ହାସଲ କରିଥିଲେ । ତା'ପରେ ୨୦୨୪ମସିହାରେ, ସେ ଏଚପିଏସସି ଏଚପିଏସ ପରୀକ୍ଷାରେ ୩୧ତମ ସ୍ଥାନ ହାସଲ କରିଥିଲେ । ଆସ୍ଥା ସିଂହ ପିଲାଦିନରୁ ହିଁ ପାଠପଢ଼ାରେ ବହୁତ ଭଲ ଥିଲେ । ତାଙ୍କ ଜେଜେବାପା ସବୁବେଳେ କହୁଥିଲେ ମୋ ନାତୁଣୀ ଆସ୍ଥା ଦିନେ କଲେକ୍ଟର ହେବ । ଆସ୍ଥାଙ୍କ କହିବା ମୁତାବକ, ଜେଜେବାପାଙ୍କ ପାଇଁ ମୁଁ ଆଇଏଏସ୍ ହେବାର ସ୍ୱପ୍ନ ଦେଖିଥିଲି । ଦ୍ୱାଦଶ ବୋର୍ଡ ପରୀକ୍ଷା ଶେଷ ହେବା ମାତ୍ରେ ମୁଁ ୟୁପିଏସସି ପରୀକ୍ଷା ଦେବାକୁ ନିଷ୍ପତ୍ତି ନେଇଥିଲି । ୟୁପିଏସସି ପାଇଁ ପ୍ରସ୍ତୁତ ହେବାକୁ ମୁଁ ଜିରକପୁରକୁ ଚାଲି ଆସିଥିଲି । ୟୁପିଏସ୍ସି ପରୀକ୍ଷା ଦେବା ପାଇଁ ମୋ ପାଖରେ ଗୋଟିଏ ବର୍ଷରୁ କମ୍ ସମୟ ବାକି ଥିଲା । ଏପରି ପରିସ୍ଥିତିରେ, କୌଣସି କୋଚିଂ ସେଣ୍ଟର ଯିବା ସମ୍ଭବ ନଥିବାରୁ ମୁଁ ନିଜେ ନିଜ ହିସାବରେ ପ୍ରସ୍ତୁତ ହୋଇଥିଲି ।

### ଦାନା...

ଗରମ ଗୁଲୁଗୁଳିରୁ ଲୋକଙ୍କୁ ଟିକେ ଆଶ୍ୱସ୍ତି ମିଳିଛି । ଆସନ୍ତା ୨୪ ଘଣ୍ଟାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ନେଇ ଅନେକ ଜିଲ୍ଲା ପାଇଁ ସତର୍କତା ଜାରି କରିଛି ପାଣିପାଗ କେନ୍ଦ୍ର । ଆସନ୍ତା ୨୭ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ଓ ଏହାର ପାଶ୍ୱର୍ବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଲଘୁଚାପ ଘନୀଭୂତ ହୋଇ ରାଜ୍ୟରେ ପ୍ରବଳ ବର୍ଷା କରାଇବା ନେଇ ପୂର୍ବାନୁମାନ କରାଯାଇଛି ।

ଆସନ୍ତା ୨୪ ଘଣ୍ଟାରେ କୋରାପୁଟ, ରାୟଗଡା, ଗଜପତି, କଳାହାଣ୍ଡି, କନ୍ଧମାଳ, ନୂଆପଡା, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ବାଲେଶ୍ୱର କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଅବଶିଷ୍ଟ ୧୪ ଜିଲ୍ଲାକୁ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ୨୭ରୁ ୩୦ ତାରିଖ ଯାଏଁ ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ସେପଟେ ଆସନ୍ତା ଦୁଇଦିନରେ ମୌସୁମୀ ଓଡ଼ିଶା ଛୁଇଁବା ନେଇ ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ । ମୌସୁମୀ ଆଗମନ ନେଇ ପାଗ ଅନୁକୂଳ ଥିବା ବେଳେ ମାସ ଶେଷ ବେଳକୁ ଓଡିଶାକୁ ମୌସୁମୀ ପ୍ରବେଶ କରିସାରିଥିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର ।

## ସମନ୍ୱୟ ରକ୍ଷା କରି ଶୃଙ୍ଖଳିତ ଭାବେ ହେବ ଶ୍ରୀବଳଦେବ ଜୀଉଙ୍କ ରଥଯାତ୍ରା



କେନ୍ଦୁଝର (ରବିରାଜ): କେନ୍ଦୁଝରର ଆରାଧ ଦେବତା ମହାପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଦିନ ଦରବାର ହଲରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଉଦବୋଧନ ଦେଇ ସମସ୍ତେ ଆଗାମୀ ରଥଯାତ୍ରାକୁ ଆନନ୍ଦ ଉଲ୍ଲାସର ସହ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ। ରଥ ନିର୍ମାଣ ସହିତ ରଥଯାତ୍ରା ସହିତ ଜଡ଼ିତ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଯେପରି ସଠିକ୍ ଭାବେ ପରିଚାଳିତ ହେବ ସେଥିପାଇଁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସହଯୋଗ କାମନା କରିଥିଲେ।ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଆରାଧ ପ୍ରଭୁ ଶ୍ରୀବଳଦେବଙ୍କ ପବିତ୍ର ରଥଯାତ୍ରା ଜିଲ୍ଲାବାସୀଙ୍କର ଏକ ପ୍ରମୁଖ ପର୍ବ ବୋଲି କହିବା ସହିତ ଏହାର ସୁପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ସେଥିପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।ବିଶେଷ କରି ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା, ଶୃଙ୍ଖଳିତ ଭାବେ ରଥଟଣା ପାଇଁ ସୁବ୍ୟବସ୍ଥିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କେନ୍ଦୁଝର ରାଜା ଧନଞ୍ଜୟ ନାରାୟଣ ଭଞ୍ଜଦେଓ, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ଡି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ବୈଠକରେ ଉପସ୍ଥିତ ଥିଲେ। ବୈଠକର ଆବାହକ କେନ୍ଦୁଝର ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ଦେବୋତ୍ତର ଉମାଶଙ୍କର ଦଳାଇକାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରି ଚଳିତ ବର୍ଷର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ୧୧ ଜୁନରେ ଦେବସ୍ନାନ ପୂର୍ଣ୍ଣିମା, ୨୬ ଜନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥ ଆଜ୍ଞାମାଳ ବିଜେ, ୨୭ ଜୁନ୍ ଶ୍ରୀଗୁଣ୍ଡିଚା ଯାତ୍ରା, ୨୮ ଜୁନ୍ ଦିନ ଗୁଣ୍ଡିଚା ମନ୍ଦିରକୁ ରଥରୁ ଧାଡି ପହଣ୍ଡିରେ ବିଜେ, ୧ ଜୁଲାଇରେ ହେରା ପଞ୍ଚମୀ, ୪ ଜୁଲାଇରେ ନବମୀର ସନ୍ଧ୍ୟା ଦର୍ଶନ, ୫ ଜୁଲାଇରେ ବାହୁଡା ଯାତ୍ରା, ୬ ଜୁଲାଇରେ ଠାକୁରଙ୍କ ସୁନାବେଶ, ୭ ଜୁଲାଇରେ ଶ୍ରୀମନ୍ଦିର ବିଜେ ସଂପର୍କରେ ସୂଚନା ଦେବା ସହ ବିଭିନ୍ନ ଦିବସରେ ଶ୍ରୀଶ୍ରୀ ବଳଦେବଜୀଉଙ୍କର ବିଭିନ୍ନ ବେଶ ଆଦି କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ କମିଟି ଗଠନ, ରଥ ନିର୍ମାଣ, ରଥ ଦରକି ଯୋଗାଣ, ପୂଜା ବ୍ୟବସ୍ଥା ଓ ପହଣ୍ଡି ସେବା, ଆଇନଶୃଙ୍ଖଳା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ଓ ପରିମଳ ସେବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ସରବରାହ, ଅବକାରୀ ପଦକ୍ଷେପ, ଅଗ୍ନିଶମ ବ୍ୟବସ୍ଥା, ଉଠାଦୋକାନ ଓ ସରକାରୀ ଷ୍ଟଲ୍ ନିମତେ ଭୂମି ଚିହ୍ନଟ ଓ ଆବଣ୍ଟନ, ବଡଦାଣ୍ଡର ପରିଷ୍କାର ଓ ପରିଚ୍ଛନ୍ନତା, ସାଜସଜ୍ଜା ଓ ଆଲୋକ ବ୍ୟବସ୍ଥା, ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରୀମାନଙ୍କର ଗମନାଗମନ ବ୍ୟବସ୍ଥା, ପ୍ରସାଦ ବଣ୍ଟନ, ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତାର ମରାମତି ଓ ଉନ୍ନତିକରଣ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ମହାପ୍ରଭୁଙ୍କର ରଥଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଅର୍ଥ କମିଟି, ରଥନିର୍ମାଣ ଓ ରଥ ସରଞ୍ଜାମ ତଦାରଖ କମିଟି, ସ୍ୱାସ୍ଥ୍ୟ ଓ ପରିମଳ କମିଟି, ପାନୀୟ ଜଳ ଯୋଗାଣ କମିଟି, ଆଇନଶୃଙ୍ଖଳା ପାସ୍ ପ୍ରଦାନ କମିଟି, ପୂଜା ନୀତି ତଥା ପହଣ୍ଡିସେବା କମିଟି, ଆଲୋକ ଓ ସାଜସଜ୍ଜା କମିଟି, ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି, ସୁନାବେଶ କମିଟି ଏବଂ ଶାନ୍ତିଶୃଙ୍ଖଳା କମିଟି ଗଠନ ପ୍ରସ୍ତାବ ଗୃହୀତ ହୋଇଥିଲା। ଶ୍ରୀଜୀଉମାନଙ୍କର ସୁନାବେଶ ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରଯିବାକୁ ନିଷ୍ପରି ନିଆଯାଇଥିଲା ।

## ବିଡିଓ , ପୌରଅଧିକାରୀଙ୍କୁ ଭେଟିଲେ ପୂର୍ବତନ ବିଧାୟକ

ବାସୁଦେବପୁର,(ସବ୍ୟୁ): ବାସୁଦେବପୁରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ପାତରଅନ୍ତର ହେଉଥିବାର ଅଭିଯୋଗରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଆଜି ବାସୁଦେବପୁର ବ୍ଲକର ବିଡିଓ ତନ୍ମିତା କର ଓ ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସ୍ୱାଇଁଙ୍କୁ ଭେଟି ଆଲୋଚନା କରିଛନ୍ତି। ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିବାବେଳେ ବାସୁଦେବପୁର ନିର୍ବାଚନମଣ୍ଡଳୀର ଦୀର୍ଘ ବର୍ଷ ପରେ ବିଧାୟକ ପରିବର୍ତ୍ତନ ହୋଇଛି। ନିର୍ବାଚନ ଏଗାର ମାସ ଅତିକ୍ରମ କରୁଛି। ହେଲେ ବାସୁଦେବପୁର ବିକାଶ ରାସ୍ତାର ନା ମାଟି ମୁଠେ ପଡିଛି ନା ଇଟା ଖଣ୍ଡେ ଯୋଡି ଘରଟିଏ ନିର୍ମାଣ ହୋଇଛି। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ କରୋନାର କରାଳ ପରେ ଅବଶିଷ୍ଟ ଅଢେଇ ବର୍ଷରେ ରାସ୍ତା ଠାରୁ ଆରମ୍ଭ କରି ସ୍କୁଲ, କଲେଜ, ମେଡିକାଲ, ମଠ, ମନ୍ଦିର, ବସଷ୍ଟାଣ୍ଡ ଓ ଇଣ୍ଡୋର ଷ୍ଟାଡିୟମ ଆଦି ବହୁ ପ୍ରକଳ୍ପ ହାତକୁ ନେଇ ବିକାଶର ପାହାଡ ଠିଆ କରାଇଥିଲେ। ରାଜ୍ୟରେ ବିଜେପିର ସରକାର। ବାସୁଦେବପୁର କଂଗ୍ରେସର ବିଧାୟକ ବିଜୟ ଲାଭକଲେ। ବ୍ଲକ ଓ ପୌରପାଳିକାରେ ବିଜେଡିର ଚେୟାରମ୍ୟାନ ଅଛନ୍ତି। ତ୍ରିଶଙ୍କୁ ଅବସ୍ଥାରେ ବାସୁଦେବପୁର ନିର୍ବାଚନମଣ୍ଡଳୀ । ଉନ୍ନୟନମୂଳକ କାମକୁ ନେଇ ମାରପିଟ ଲାଗୁଛନ୍ତି। ବ୍ଲକ ପରିସର ଉତ୍ତେଜନାପୂର୍ଣ୍ଣ ରହୁଛି। ନିର୍ବାଚନରେ ନିର୍ବାଚିତ ଲୋକପ୍ରତିନିଧିମାନଙ୍କ କଥାକୁ ଗୁରୁତ୍ୱ ଦେଇ କାମ କରିବାକୁ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପରାମର୍ଶ ପ୍ରଦାନ କରିଥିଲେ। ତାଙ୍କ ସହିତ ବିଜେଡିର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ,ପ୍ରଫୁଲ୍ଲ କୁମାର ବିଶ୍ୱାଳ,ଅଗଣି ପ୍ରସାଦ ଜେନା,ପୌରପାଳିକାର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ,ମାନସ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଟିଏ ପରିବାର ଥିବା ଗାଁକୁ ମିଳିଛି ରାଜସ୍ୱ ଗାଁ ମାନ୍ୟତା

ଆନନ୍ଦପୁର (ସବ୍ୟୁ) :ଗୋଟିଏ ପରିବାର ଥିବା କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଗେଡ଼ମା ପଞ୍ଚାୟତ ଟଙ୍କାଗଡ଼ିଆ ଗାଁକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି।ଯାହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ହେଲେ ଗାଁରେ ନାହିଁ ବିଦ୍ୟୁତ, ଶିକ୍ଷା, ରାସ୍ତା, ପାନୀୟ ଜଳ ଭଳି ମୌଳିକ ସୁବିଧା ସୁଯୋଗ । ଫଳରେ ଆଗରୁ ଥିବା ଏକାଧିକ ପରିବାର ଗୋଟିଏ ପରେ ଗୋଟିଏ ଅନ୍ୟତ୍ର ଚାଲିଯାଇଛନ୍ତି । କୃଷ୍ଣ ଦାସଙ୍କ ପରଲୋକ ପରେ ତାଙ୍କ ୪ ପୁଅ ଦୀନବନ୍ଧୁ ଦାସ, ଜଗବନ୍ଧୁ ଦାସ, କୃପାସିନ୍ଧୁ ଦାସ, ସୁକାନ୍ତ ଦାସ ଏହି ଗାଁରେ ରହୁଛନ୍ତି।୨୫ ବର୍ଷ ତଳେ ଟଙ୍କାଗଡ଼ିଆ ଗାଁରେ ୧୦ରୁ ୧୨ ପରିବାର ବସବାସ କରୁଥିଲେ । ୨୦୦୭-୦୮ରେ ଏହି ଗାଁକୁ ରାଜସ୍ୱ ଗ୍ରାମ ଘୋଷଣା କରାଗଲା । ଗାଁରେ ମୌଳିକ ସମସ୍ୟା ପ୍ରତି କେହି ଦୃଷ୍ଟି ଦେଲେନି ।ବାରମ୍ବାର ଏନେଇ ଅଭିଯୋଗ କରିବା ପରେ ୨୦୧୨ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗାଁକୁ ଆଦର୍ଶ ଗ୍ରାମ ଘୋଷଣା କରାଯାଇଛି ।ମୌଳିକ ସୁବିଧା ପାଇଁ କରାଯାଇଥିବା ନଳକୂଅଟି ଅଚଳ । ହାଟଡିହି ବିଡିଓଙ୍କ କହିବା କଥା, ତଦନ୍ତ ପରେ ପଦକ୍ଷେପ ନିଆଯିବ । ପ୍ରଶ୍ନ ଉଠୁଛି, ଯଦି ଗାଁକୁ ରାସ୍ତା ନଥିଲା ତେବେ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଥିଲା କିପରି ? ଯେତେବେଳେ ଆଦର୍ଶ ଗାଁର ମାନ୍ୟତା ମିଳିଛି ସେଠି ମୌଳିକ ସୁବିଧା ଉପଲବ୍ଧ ହେଉନାହିଁ କାହିଁକି ?

## ବାବା ସର୍ବେଶ୍ୱର କବିତା ସଙ୍କଳନ ଉନ୍ମୋଚନ

ନୀଳଗିରି, (ସବ୍ୟୁ) : ଶନିବାର ସନ୍ଧ୍ୟାରେ ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ଡାଳିମ୍ବପାଳ ଗ୍ରାମର ବାବା ସର୍ବେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପ୍ଲାନେଟ ଆର୍ଟସିପ୍ (ମୁମ୍ବାଇ) ଆନୁକୂଲ୍ୟରେ ଏକ କବିତା ସଙ୍କଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗ୍ରାମର ପ୍ରତିଷ୍ଠିତ କବି କ୍ଷେତ୍ରମୋହନ ବିଶୋଇଙ୍କ ରଚିତ ବାବା ସର୍ବେଶ୍ୱର କବିତା ସଂକଳନ ଉନ୍ମୋଚିତ ହୋଇଯାଇଛି।ପ୍ଲାନେଟ ଆର୍ଟସିପର ପ୍ରତିଷ୍ଠାତା ସତ୍ୟରଞ୍ଜନ ବିଶୋଇଙ୍କ ଦ୍ୱାରା ଆୟୋଜିତ ଏହି ସଭାରେ ସମାଜସେବୀ କରୁଣାକର ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେବା ସହ ଇତିହାସରେ ଲୁଚିଥିବା ମନ୍ଦିରର ଗାଥାକୁ ଏହି ପୁସ୍ତକ ଲୋକଙ୍କ ପାଖରେ ପହଞ୍ଚାଇବ ବୋଲି କହିଥିଲେ।ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ଅମରେନ୍ଦ୍ର ନାୟକ ,ପୂଜକ ବଂଶୀଧର ପଣ୍ଡା,ଅବସାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବ୍ୟଲୋଚନ ପଣ୍ଡା,ମନମୋହନ ମହାପାତ୍ର,ମାଧବାନନ୍ଦ ଦାସ,ଶିକ୍ଷାବିତ ଜିତେନ୍ଦ୍ର କୁମାର ଉପାଧ୍ୟାୟ,କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।ଏହି ପୁସ୍ତକ ଆଗାମୀ ଦିନରେ ବାବା ସର୍ବେଶ୍ୱର ମହାଦେବ ଓ ଡାଳିମପାଳ ଗ୍ରାମ ବାବଦରେ ପରପିଢୀଙ୍କୁ ଅବଗତ କରାଇବ ବୋଲି ଅତିଥି ମାନେ ମତ ପୋଷଣ କରିଥିଲେ ।

## ଚୋରା ମଦ କାରବାର: ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ତିହିଡି,(ସବ୍ୟୁ):ତିହିଡି ଓ ପୀରହାଟ ଥାନା ଇଲାକାରେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ବ୍ୟାପକ ଭାବେ ଚାଲିଛି । ତେବେ ଏଥିନେଇ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ ବି କାର୍ଯ୍ୟାନୁଷ୍ଠାନ ଶୂନ । ଯାହାକୁ ନେଇ ଜନ ଅସନ୍ତୋଷ ତେଜିବାରେ ଲାଗିଛି । ଚୋରା ମଦର ବ୍ୟାପକ କାରବାର ହେତୁ ସ୍ଥାନୀୟ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ସାଙ୍ଗକୁ ସାମାଜିକ ପରିବେଶ ନଷ୍ଟ ହେବାରେ ଲାଗିଛି । ଅନ୍ୟପକ୍ଷେ ବିଗତ ଦିନରେ ଘଟି ଯାଇଥିବା ମଦ ମୃତ୍ୟୁର ପୁନରାବୃତ୍ତି ଘଟିବାର ସମ୍ଭାବନା ବି ସୃଷ୍ଟି ହୋଇଛି । ସୂଚନା ଅନୁସାରେ ତିହିଡି ଓ ପୀରହାଟ ଥାନା ଇଲାକାରେ ବିଭିନ୍ନ ସ୍ଥାନରେ ଚାହା ଓ ପାନ ଦୋକାନ ମାନଙ୍କରେ ଖୋଲା ଖୋଲି ଭାବେ ଚୋରା ମଦ କାରବାର ବଳବତ୍ତର ରହିଛି । ତେବେ ଏଭଳି ଚୋରା ମଦ କାରବାରକୁ ରୋକିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ସେବା ସଙ୍ଗଠନ, ମହିଳା ଗୋଷ୍ଠୀ ଓ ବୁଦ୍ଧିଜୀବୀ ମାନେ ପ୍ରଶାସନକୁ ନିବେଦନ କରିଥିଲେ ବି ପ୍ରଶାସନ ଚୋରା ମଦ କ୍ଷେତ୍ରରେ ସ୍ଥାଣୁ ଅବସ୍ଥାରେ ଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି । ସେହିପରି ଚୋରା ମଦ କାରବାର ଉପରେ ରୋକ ଲଗାଇବା ପାଇଁ ବରିଷ୍ଠ ସମାଜସେବୀ ତଥା ସୂଚନା କର୍ମୀ ନିର୍ମଳ ସେନାପତିଙ୍କ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର ପ୍ରତିନିଧି ଗତ ୨୭-୦୮-୨୪ରେ ତିହିଡିରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣିରେ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଏଥିନେଇ ଜିଲ୍ଲା ଅବକାରୀ ଅଧିକାରୀଙ୍କ ସହ ଦୁଇ ଥାନା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଲାଗି ଆଦେଶ ଦେଇଥିଲେ । ମାତ୍ର ଏଥିରୁ କୌଣସି ସୁଫଳ ନ ମିଳିବାରୁ ପୁନଶ୍ଚ ଶ୍ରୀ ସେନାପତି ଗତ ୩୦-୧୨-୨୪ରେ ଅନୁଷ୍ଠିତ ଯୁଗ୍ମ ଜନ ଶୁଣାଣିରେ ତିହିଡି ଓ ପୀରହାଟ ଥାନା ଅଧିକାରୀ ଓ ତିହିଡି ଅବକାରୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଗତ କରିଥିଲେ । ଦରଖାସ୍ତ ସଂଖ୍ୟା ୭୨/୪୩୮୯ ମୂଳେ ନିଜେ ଆରକ୍ଷୀ ଅଧିକ୍ଷକ ଏହାର ତଦନ୍ତ ଭାର ହାତକୁ ନେଇଥିଲେ । ମାତ୍ର ବିଡମ୍ବନା ଏହିକି ଯଥା ସମୟରେ ଦରଖାସ୍ତ ଜିଲ୍ଲାପାଳଙ୍କ ଅଫିସରୁ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ପହଞ୍ଚି ଥିଲେ ବି ଦୀର୍ଘ ପାଞ୍ଚ ମାସ ମଧ୍ୟରେ ଦରଖାସ୍ତ ଏସପିଙ୍କ ଟେବୁଲ ଉପରକୁ ଆସିପାରିଲା ନାହିଁ । ତେଣୁ କାର୍ଯ୍ୟାନୁଷ୍ଠାନକୁ କିଏ ପଚାରେ । ଯାହା ଫଳରେ ଚୋରା ମଦ କାରବାର ପୂର୍ବବତ୍ ଚାଲୁରହିଛି । ସବୁଠୁ ବଡକଥା ହେଉଛି ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନରେ ଯେତିକି ମଦ ବିକ୍ରି ହେଉଛି ତା'ର ଚାରି ଗୁଣା ମଦ ଗାଁ ଠାରୁ ପୁଣି ସହର ବଜାରରେ ଚୋରାରେ ବିକ୍ରି ହେଉଛି । ପୋଲିସ ଓ ଅବକାରୀ ବିଭାଗର ପ୍ରତ୍ୟକ୍ଷ ସହଯୋଗରେ ମଦ ମାଫିଆ ମାଲେମାଲ ହେଉଥିବା ବେଳେ ସରକାର ବାର୍ଷିକ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ତେଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ଚୋରା ମଦ କାରବାର ରାକିବାକୁ ପଦକ୍ଷେପ ନେବାକୁ ଶ୍ରୀ ସେନାପତି ଦାବି କରିଛନ୍ତି।

## ବାସୁଦେବପୁର ନିର୍ବାଚନମଣ୍ଡଳୀ ବିକାଶ କମିଟିର ବୈଠକ

ବାସୁଦେବପୁର,(ସବ୍ୟୁ): ବାସୁଦେବପୁର ବ୍ଲକ କନଫରେନ୍ସ ହଲ ମଧ୍ୟରେ ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିକାଶ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଆୟୋଜିତ ସଭାର ବିଧାୟକ ଅଶୋକ କୁମାର ଦାସ ସଭାପତିତ୍ୱ କରିଥିଲେ। ବାସୁଦେବପୁର ଓ ତିହିଡି ବ୍ଲକର ବିଡିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏହି ବୈଠକରେ ଯୋଗଦେଇଥିଲେ। ବିଭିନ୍ନ ଉନ୍ନୟନମୂଳକ କାମରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବାସୁଦେବପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନ କାମର ନିର୍ମାଣ ଅବଧି ତିରିଖ ଶେଷ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ କାହିଁକି ସରିନାହିଁ ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ଯେଉଁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପଡି ରହିଛି ତୁରନ୍ତ ଦୁଇ ବିଭାଗର ଅଧିକାରୀ ବସି ସମାଧାନ କରି ବିକାଶମୂଳକ କାମକୁ ଆଗେଇ ନେବାକୁ ପରମର୍ଶ ଦେଇଥିଲେ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ କରି ଜବକାର୍ଡଧାରୀ ଟଙ୍କା ପାଇଥିବାର ବିଳମ୍ବ ହେଉଥିବାରୁ ଗରିବ ଲୋକ ବାରମ୍ବାର ବ୍ଲକକୁ ଦୌଡି ନିରାଶ ହେବାକୁ ପଡୁଛି। ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଭଦ୍ରକ ଜିଲ୍ଲାର ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ,ତିହିଡି ବ୍ଲକର ଅଧକ୍ଷା ଅବନ୍ତୀ ଦାସ,ବାସୁଦେବପୁର ବ୍ଲକ ବିଡିଓ ତନ୍ମିତା କର,ତିହିଡି ବିଡିଓ ନିରଞ୍ଜନ ବାରିକ,ଏପିଡି ଦେବଦତ୍ତ ରଣା,ବାସୁଦେବପୁର ପୌରପାଳିକାର ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସ୍ୱାଇଁ ସମେତ ବହୁ ଅଧିକାରୀ ଯୋଗଦେଇ ଆଲୋଚନାର ଅଂଶ ଗ୍ରହଣ କରିଥିଲେ ।

## ରାତ୍ରୀ ପେଟ୍ରୋଲିଂ ବେଳେ ଧରାପଡ଼ିରେ ୩ ଦୃର୍ବୃତ୍ତ : ମାରଣାସ୍ତ୍ର , ବୋଲେରୋ ଜବତ

ବେତନଟୀ ,(ସବ୍ୟୁ) : ବୈଶିଙ୍ଗା ପୋଲିସ ପକ୍ଷରୁ ରାତ୍ରୀକାଳୀନ ପାଟ୍ରୋଲଂ ସମୟରେ ଜଣେ ନାବାଳକ ସମେତ ୩ଜଣ ଦୁର୍ବୃତ୍ତ ଧରାପଡ଼ିଥିବା ବେଳେ ସେମାନଙ୍କ ନିକଟରୁ ବହୁ ମାରଣାସ୍ତ୍ର ଓ ସେମାନେ ବ୍ୟବହାର କରୁଥିବା ଏକ ବୋଲେରୋ ଗାଡ଼ି ଜବତ କରିଛି। ଥାନାଧିକାରୀ ବାରିଣୀ ଦାସଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ବିଳମ୍ବିତ ରାତି ଦୁଇଟା ସମୟରେ ମୟୂରଭଞ୍ଜ ବାଲେଶ୍ର ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ପୋଲିସ ଟିମ ହାବୁଡ଼ରେ ସନ୍ଦେହଜନକ ଅବସ୍ଥାରେ ପଡିଥିଲା ଏକ ବୋଲେରୋ ନଂ ଓ ଆର ୧୧ଏଚ୍ ୫୨୧୮। ବୋଲେରୋ କୁ ଅଟକାଇ ଯାଞ୍ଚ କରୁଥିବା ବେଳେ ତା ଭିତରେ ଥିବା ଚାରି ଜଣ ହଠାତ ପୋଲିସ ଉପରକୁ ଆକ୍ରମଣ ଉଦ୍ୟମ କରିଥିଲେ।ତେବେ ଖବର ପାଇ ଅନ୍ୟ ଏକ ପୋଲିସ ଟିମ ମଧ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ସେମାନେ ଅନ୍ଧାରରେ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ ।

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ସମ୍ବଲପୁର ଚିଡ଼ିଆଖାନା ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ଚିଡ଼ିଆଖାନା ହେବ ଓଡ଼ିଶାର ଦ୍ୱିତୀୟ ନନ୍ଦନକାନନ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ବଡ଼ି ଭୋରରୁ ସମ୍ବଲପୁର ଚିଡ଼ିଆଖାନା ପରିଦର୍ଶନ କରିବା ସହ ଏହାକୁ ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶାର ଦ୍ୱିତୀୟ ନନ୍ଦନକାନନ କରିବା ପାଇଁ ଯୋଜନା କରାଯିବ ବୋଲି କହିଛନ୍ତି ।



କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ରବିବାର ସମ୍ବଲପୁର ଚିଡିଆଖାନାରେ ଜୀବ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ବୁଲିବା ସହ ସାଧାରଣ ଲୋକଙ୍କ ସହ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ । ସମ୍ବଲପୁର ଚିଡ଼ିଆଖାନାର ବିଭିନ୍ନ ସମସ୍ୟା ଓ ନୂଆ ଜୀବ ଜନ୍ତୁ ଅଣାଯିବା ନେଇ ଚିଡିଆଖାନା ବନ ବିଭାଗ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏ ସମ୍ପର୍କରେ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସମ୍ବଲପୁର ଚିଡିଆଖାନାକୁ ନନ୍ଦନକାନନ ଢଙ୍ଗରେ ନୂଆ ରୂପ ଦେବା ପାଇଁ ଯୋଜନା ପ୍ରସ୍ତୁତ କରାଯିବ । ଏହାକୁ ବଡ କରିବା ସହ ପର୍ଯ୍ୟଟକଙ୍କ ସୁବିଧା ବଢାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ । ସହରରେ ପ୍ରକୃତି ପ୍ରତି ନୂଆପିଢିଙ୍କୁ ଆକୃଷ୍ଟ କରାଇବା ପାଇଁ ଉଦ୍ୟମ କରାଯିବ । ଚିଡିଆଖାନାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ସହ ଚିଡ଼ିଆଖାନାର କର୍ମଚାର ମାନଙ୍କୁ ଭଲ ଭାବେ ତାଲିମ ଦେବା ପାଇଁ ପରାମର୍ଶ ଦେଇଥିଲେ ଶ୍ରୀ ପ୍ରଧାନ । ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ 'ବିଶ୍ୱ ପରିବେଶ ଦିବସ' ଅବସରରେ ମା' ପାଇଁ ଗଛଟିଏ ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିନବ ଅଭିଯାନରେ ସାମିଲ ହେବା ପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସମ୍ବଲପୁରକୁ ସବୁଜ ସହରରେ ପରିଣତ କରାଯିବ । ଏଥିପାଇଁ ୩ ମାସରେ ୧ ଲକ୍ଷରୁ ଅଧିକ ଗଛ ଲାଗିବ । ବିଶ୍ୱ ପରିବେଶ ଦିବସ ଜୁନ ୫ରୁ, ଜୁଲାଇ ଓ ଅଗଷ୍ଟ ମାସ ପର୍ଯ୍ୟନ୍ତ ଗଛ ଲାଗିବ । ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ସହ ଏହି ଅଭିଯାନରେ ବହୁ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ମାତୃଶକ୍ତି, ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ସାମିଲ ହେବେ । ବୃକ୍ଷରୋପଣ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରାଯିବ । ଆମର ପରିବେଶକୁ ଆହୁରି ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇବା ସହ ତାହାର ଯତ୍ନ ନେବା ଦରକାର ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

### ଶ୍ରୀଦୁର୍ଗା ସାହିତ୍ୟ ଉତ୍ସବ ଅନୁଷ୍ଠିତ

# ଆନ୍ତରିକ ଉଦ୍ୟମ କଲେ ସାହିତ୍ୟରାଜ୍ୟରେ ଆଲୋଡ଼ନ ସୃଷ୍ଟି ହେବ

କଟକ, (ସବ୍ୟୁ): ଆନ୍ତରିକ ଉଦ୍ୟମ କଲେ ସାହିତ୍ୟରାଜ୍ୟରେ ଆଲୋଡ଼ନ ସୃଷ୍ଟି ହେବ ବୋଲି ବିଶିଷ୍ଟ ସାହିତ୍ୟିକମାନେ ମତବ୍ୟକ୍ତ କରିଛନ୍ତି । ରବିବାର ପୂର୍ବାହ୍ନରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ 'ଶ୍ରୀଦୁର୍ଗା ସାହିତ୍ୟ ସଂସଦ'ର ୨୭ତମ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ 'ଶ୍ରୀଦୁର୍ଗା ସାହିତ୍ୟର ବିକାଶ ଦିଗରେ ପ୍ରତ୍ୟେକ ସାହିତ୍ୟାନୁଷ୍ଠାନର ଗୁରୁଦାୟିତ୍ୱ ରହିଛି । ହେଲେ ସଂପ୍ରତି ଏହି ଦାୟିତ୍ୱ ନିର୍ବାହ ପାଇଁ ସୁଯୋଗ୍ୟ ସାହିତ୍ୟ-ସେବକଙ୍କ ଅଭାବ ରହିଛି । ଏଭଳି ପରିସ୍ଥିତିରେ 'ଶ୍ରୀଦୁର୍ଗା ସାହିତ୍ୟ ସଂସଦ' ବେଶ୍ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରୁଥିବା ଆଶ୍ୱାସନାର ବିଷୟ । ଏହି ଅବସରରେ ଅନୁଷ୍ଠାନର ସମ୍ମାନ' ପ୍ରଦାନ କରାଯାଇଥିଲା । ସଭାରେ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଗଠନ ସଂପାଦକ ସୁରେନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଧନ୍ୟବାଦ ଦେଇଥିଲେ ଉପଦେଷ୍ଟା ବ୍ରହ୍ମାନନ୍ଦ ବିଶ୍ୱାଳ । ଏଥିପୂର୍ବରୁ ଉପଦେଷ୍ଟା ପଣ୍ଡିତ ଡକ୍ଟର ଅଭୟ କୁମାର ଦାଶଙ୍କ ସଭାପତିତ୍ୱରେ



ସାହିତ୍ୟ ଉତ୍ସବ'ରେ ଉପରୋକ୍ତ ମତ ପ୍ରକାଶ ପାଇଛି । ଅନୁଷ୍ଠାନର ସଭାପତି ପଣ୍ଡିତ ଡକ୍ଟର ଚୈତନ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବର ଆଲୋଚନା ଚକ୍ରକୁ ବିଶିଷ୍ଟ ଶିଶୁ-ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରିଥିଲେ । ସେ କହିଲେ ଯେ, ଦିନକୁଦିନ ପାଠକ ସଂଖ୍ୟା କମୁଥିବାରୁ ସାହିତ୍ୟ ପ୍ରତି ବିପଦ ବି ବି ଚାଲିଛି । ଏଣୁ ପାଠକ ବୃଦ୍ଧି ନିମିତ୍ତ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ଏକାନ୍ତ ଆବଶ୍ୟକ। ମୁଖ୍ୟବକ୍ତା ଭାବରେ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ କହିଲେ ଯେ, ସ୍ମରଣିକା, ପଣ୍ଡିତ ଚୈତନ୍ୟ କୁମାର ସାହୁ ଓ ଡାକ୍ତର ନେତ୍ରାନନ୍ଦ ଭୋଇଙ୍କ ରଚିତ କେତେକ ପୁସ୍ତକ ଉନ୍ମୋଚିତ ହୋଇଥିଲା । ପରେପରେ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକଙ୍କୁ 'ସାହିତ୍ୟ ବିଦ୍ୟାଭାରତୀ ସମ୍ମାନ', ପୀତାମ୍ବର ମହାପାତ୍ରଙ୍କୁ 'ଗୀତିଭାରତୀ ସମ୍ମାନ', ଡକ୍ଟର ସଚ୍ଚିଦାନନ୍ଦ କରଙ୍କୁ 'ଗଳ୍ପସ୍ୱଳ୍ପ ସମ୍ମାନ', ଅଭୟ କୁମାର ଦାସଙ୍କୁ 'ନାଟ୍ୟଭାରତୀ ସମ୍ମାନ', ଡକ୍ଟର ଆର୍ଯ୍ୟକୁମାର ହର୍ଷବର୍ଦ୍ଧନଙ୍କୁ 'ସୃଜନ ବକ୍ତବ୍ୟ ସମ୍ମାନ', ଫ୍ରାନ୍ସିସ୍ ଶତପଥୀଙ୍କୁ 'ପାଣ୍ଡୁଲିପି ସମ୍ମାନ', ସୁରେନ୍ଦ୍ର ମହାପାତ୍ର ଓ ସାଇ ନାରାୟଣ ସାହୁଙ୍କୁ 'ମହାତ୍ମା ନାଥବ୍ରହ୍ମ ସଂଗଠକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବି ରମେଶ ଚନ୍ଦ୍ର ଖାଡ଼ଙ୍ଗା ମୁଖ୍ୟ ଅତିଥି, 'ପଲ୍ଲୀ ପ୍ରତିଭା ସାହିତ୍ୟ ସଂସଦ'ର ସଭାପତି ଚୈତନ୍ୟ ରାଉତ ଓ 'ଆଦର୍ଶ ପ୍ରତିଭା ବିକାଶ ପରିଷଦ'ର ସାଧାରଣ ସଂପାଦକ ଅଶ୍ୱିନୀ କୁମାର ସେଠୀ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଗୀତାଞ୍ଜଳି ପୃଷ୍ଟି, ସୁକାନ୍ତି ମହାନ୍ତି ଓ ମନୋରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିବା ସହିତ ସମ୍ବର୍ଦ୍ଧିତ ହୋଇଥିଲେ ।

### ବଚସାରୁ ଲଙ୍କାକାଣ୍ଡ : ଖଣ୍ଡା ଚୋଟରେ ଜଣେ ମୃତ

# ହତ୍ୟାକାରୀ ପୁଅ ବାପ ବ୍ରହ୍ମଗିରିରୁ ଗିରଫ

ଟାଙ୍ଗୀ,(ସବ୍ୟୁ) : ଶନିବାର ଏକ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରି ହତ୍ୟା କରାଯାଇଛି । ଏଥିରେ ସମ୍ପୃକ୍ତ ପୁଅ ଓ ବାପକୁ ପୁଲିସ ଗିରଫ କରିଥିବା ଜଣାପଡିଛି। ରବିବାର ଟାଙ୍ଗୀ ଆଇଆଇସି ରବିନ୍ଦ୍ର ଭୂଜବଳଙ୍କ ସମେତ ଏକ ଟିମ ଡିଗିରିସାହିର ଗୋପି ବେହେରା ଓ ତାଙ୍କ ବାପ ରଘୁ ବେହେରାଙ୍କୁ ବ୍ରହ୍ମଗିରି ଅଞ୍ଚଳରୁ ଗିରଫ ହୋଇଥିବା ବେଳେ ତାଙ୍କ ବିରୁଦ୍ଧରେ ଥାନା କେସ ନମ୍ବର ୩୭୦/୨୫ ରେ ଏକ ମାମଲା କରାଯାଇଥିବା ବେଳେ ନିଜେ ଆଇଆଇସି ଶ୍ରୀ ଭୂଜବଳ ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ସୂଚନାଯୋଗ୍ୟ ଟାଂଗୀ ଥାନା ଅଧିନସ୍ଥ ଜରିପଡା ପାଣିଦୁଆର ଛକରେ ଥିବା ଏକ ଜଳଖିଆ ଦୋକାନରେ ପଇସା ଦେବା ନଦବା ଘଟଣାକୁ ନେଇ ତୁମୁଳ କାଣ୍ଡ ଯୋଗୁ ୨ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଫଳରେ ଘଟଣା ଉତ୍ତେଜନା ପ୍ରବଣ ହେବାରେ ଡିଗିରିସାହିର ଗୋପି ବେହେରାଙ୍କ ଖଣ୍ଡା ଚୋଟରେ ସେହି ଡିଗିରିସାହିର ରବି ବେହେରାଙ୍କ ପୁଅ ଅରବିନ୍ଦ ବେହେରାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଜରିପଡା ପାଣିଦୁଆର ଛକରେ କୈଳାସ ସାହୁଙ୍କ ଠେଲା ଜଳଖିଆ ଗାଡି ବେପାର କରୁଥିବା ସମୟରେ ଶନିବାର ରାତି ପ୍ରାୟ ୯ ଟା ସମୟରେ ମଦ୍ୟପାନ କରି ଏହି ଥାନା ଅଧିନସ୍ଥ ଡିଗିରି ସାହିର ଗୋପି ବେହେରା ଜଳଖିଆ ଖାଇ ପଇସା ଦେଇନଥିଲା ଏହି ଘଟଣାକୁ ନେଇ ବଚସା ଲାଗିଥିବା ବେଳେ ସେଠାକୁ ସେହି ଡିଗିରିସାହିର ରବି ବେହେରାଙ୍କ ପୁଅ ଅରବିନ୍ଦ ବେହେରା (୩୦) ପହଞ୍ଚି କାହିଁକି ପାଟିତୁଣ୍ଡ କରୁଛ କହି ସମାଧାନ ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଗୋପି ଉତ୍ୟକ୍ତ ହୋଇ ଅରବିନ୍ଦ ସହିତ ଝଗଡା କରିବା ସହ ଗୋପି ନିଜ ଘରକୁ ଯାଇ ଏକ ଖଣ୍ଡା ଆଣି ଅରବିନ୍ଦ ମୁଣ୍ଡଙ୍କୁ ହାଣି ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ଦିନ ଟାଂଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅରବିନ୍ଦଙ୍କ ଶବ ବ୍ୟବଛେଦ କରାଯାଇଥିବା ଜଣାପଡିଛି।

### ତଦନ୍ତ ନ ସରିବା ପର୍ଯ୍ୟନ୍ତ ବିଜେଇଏମ ସ୍କୁଲ

# ୧୦% ଫି ବୃଦ୍ଧି ରୁ ଅଧିକା କରି ପାରିବ ନାହିଁ : ହାଇକୋର୍ଟ

ଭୁବନେଶ୍ୱର (ସବ୍ୟୁ): ଆସିଛି ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ । ଚଳିତ ବର୍ଷ ବିଜେଇଏମ ସ୍କୁଲରେ ଫି ୧୦% ରୁ ଅଧିକା ନେଇ ପାରିବେ ନାହିଁ ବୋଲି ହାଇକୋର୍ଟ ଦେଇଛନ୍ତି କଡ଼ା ନିର୍ଦ୍ଦେଶ । ନିର୍ଦ୍ଦେଶକ, ଗଣଶିକ୍ଷା ବିଭାଗକୁ ଅଭିଭାବକ ସଂଘ ପକ୍ଷରୁ ୧୫/୦୪/୨୫ ରେ ଦିଆଯାଇଥିବା ଅଭିଯୋଗ ତଦନ୍ତ ୬ ସପ୍ତାହ ଭିତରେ ସାରିବା ପାଇଁ ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ସଂଘ ସହ ମିଳିତ ବୈଠକ କରି ରିପୋର୍ଟ ଦେବାକୁ ହାଇକୋର୍ଟ ତାଙ୍କ ନିର୍ଦ୍ଦେଶ ରେ ଉଲ୍ଲେଖ କରିଛନ୍ତି । ଏହାଦ୍ୱାରା ସତ୍ୟ ଧର୍ମ ର ବିଜୟ ହେଲା ବୋଲି କହିଛନ୍ତି ସ୍କୁଲ ଅଭିଭାବକ ସଂଘର ସଭାପତି ରଂଜନ କୁମାର ଦାସ । ବିଶେଷ କରି ବିଧାୟକ ବାବୁ ସିଂ ଙ୍କ ଦୃଢ଼ ସମର୍ଥନ ଓ ସହ ସହ ଅଭିଭାବକ ମାନଂକ ନିଷ୍ପାପର ତ୍ୟାଗ ପାଇଁ ଏ ବିଜୟ ହୋଇଛି ବୋଲି ଏକ ପ୍ରେସ ବିଜ୍ଞପ୍ତି ରେ ପ୍ରକାଶ କରିଛନ୍ତି ସଂଘ ର ସଭାପତି ରଂଜନ କୁମାର ଦାସ । ଆଗମୀ ଦିନରେ ସ୍କୁଲ ଯଦି ୧୦ ବର୍ଷ ର ହିସାବ ନ ଦିଅନ୍ତି, ଅର୍ଥ ନୈତିକ ଅପରାଧ ରେ ଦିଆଯାଇଥିବା ୨୦୦ କୋଟି ଟଙ୍କାର ଅଭିଯୋଗ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି ।

# ମାଙ୍କଡ ଉପଦ୍ରବ : ପ୍ରତିକାର ଦାବି

ଫୁଲନଖରା,(ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ମହିଧରପଡ଼ା ଅରଡି ଆପଦା,ଖଣ୍ଡାଗର,ନଗରୀ, ସନ୍ତୋଳ ଇତ୍ୟାଦି ଗ୍ରାମମାନଙ୍କରେ ମାଙ୍କଡ଼ ଉପଦ୍ରବ ଦେଖାଯାଇଛି। ଶହ ଶହ ମାଙ୍କଡ ବିଭିନ୍ନ ବର,ଆମ୍ବ, ଚାଖୁଣ୍ଡା ଇତ୍ୟାଦି ଗଛ ମାନଙ୍କରେ ରହି ଚାଷୀ ବିଲରେ କରିଥିବା ବାଇଗଣ,କଖାରୁ,କଲରା,ଅମୃତଭଣ୍ଡା ଇତ୍ୟାଦି ପରିବା ଖାଇବା ସହିତ ଗଛ ଡ଼ାଳ ଛିଣ୍ଡାଇ ପକାଉଛନ୍ତି। ଯାହା ଫଳରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷୀ ସର୍ବସାନ୍ତ ହୋଇପଡିଛି । ଯଦି କୌଣସି ଚାଷୀ ଫସଲ ଖାଉଥିବା ଅବସ୍ଥାରେ ମାଙ୍କଡ ଘଉଡ଼ାଇବାକୁ ଯାଉଛି ୨-୩ ଗେଧ ମାଙ୍କଡ ଏକାଠି ହୋଇ ଚାଷୀଙ୍କୁ କାମୁଡ଼ା କାମୁଡି କରି ରକ୍ତାତ କରିପକାଉଛନ୍ତି।ଚିକିତ୍ସା ପାଇଁ ତାଙ୍କୁ ମେଡିକାଲ ଯିବାକୁ ପଡୁଛି ।ଖଣ୍ଡାଗର ଗ୍ରାମରେ ଗେଧ୍ ମାଙ୍କଡ କାମୁଡାରେ ୨-୩ ଜଣ ଚିକିତ୍ସା ଚାଲିଛି । ଚାଳ ଛପର ଘର ଓ ଟିନ ଛପର ଘର ଡିଆଁ ଡେଇଁ କରି ବ୍ୟାପକ କ୍ଷତି କରୁଛନ୍ତି । ଏହାର ପ୍ରତିକାର ଦାବି କରାଯାଇଥିବା ବେଳେ କଟକ ଜିଲ୍ଲାପାଳ ଓ ବନ ଖଣ୍ଡ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ମାଙ୍କଡ ଧରିବାର ବନ୍ଦୋବସ୍ତ କଲେ ଚାଷୀଙ୍କୁ ଆଶ୍ୱସ୍ତ ମିଳନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

### ଭଜନ ସମ୍ରାଟ ଭିକାରୀ ବଳ ଅଖଣ୍ଡ ଭଜନ ମହୋତ୍ସବ

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ସ୍ଥିତ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଠାରେ ଭିକାରୀ ବଳ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଗୀତ ଓ ନୃତ୍ୟରେ ରାଜ୍ୟସ୍ତରୀୟ ଭଜନ ସମ୍ରାଟ ଭିକାରୀ ବଳ ଅଖଣ୍ଡ ଭଜନ ମହୋତ୍ସବ ଅନୁଷ୍ଠିତ ହୋଇଛି । ଓଡ଼ିଶୀ ନୃତ୍ୟ ଅନୁଷ୍ଠାନର ନୃତ୍ୟଶିକ୍ଷୀମାନେ ଭଜନ ସମ୍ରାଟ୍ ଭିକାରୀ ବଳଙ୍କର ଭଜନରେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ । ଗୁରୁ ଡଂ ପ୍ରିୟଙ୍କା ମିଶ୍ରଙ୍କ ପ୍ରଶିକ୍ଷଣରେ ଏବଂ ପ୍ରତିମା ମିଶ୍ରଙ୍କ ସୁପରିଚାଳନା ଦ୍ୱାରା ଅନୁଷ୍ଠାନର ନୃତ୍ୟାଙ୍ଗନାମାନେ ଖୁବ୍ ସୁନ୍ଦର ଭାବରେ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକମାନଙ୍କର କରତାଳି ସାଉଁଟିଥିଲେ । ଶିକ୍ଷୀମାନେ ହେଲେ ଅର୍ଚ୍ଚିତା, ଆଶ୍ରିୟା, ଅଂଶିତା, ବିଦୁସ୍ମିତା, ଅନୁଷ୍କା ଏବଂ ଓଶନି ।

# ନରଣପୁରରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ




ଭୁବନେଶ୍ୱର (ସବ୍ୟୁ): ଜଗତସିଂହପୁର ଜିଲ୍ଲାସ୍ଥିତ ନରଣପୁର ଗ୍ରାମର ବକ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାମରହିମ ସ୍କୁଲର ପ୍ରଧାନ ଶିକ୍ଷକ କୈଳାସଚନ୍ଦ୍ର ସାହୁ, ସହ ପ୍ରଧାନ ଶିକ୍ଷକ ବିଜୟ କୁମାର ବସ୍ତିଆ ଯୋଗଦେଇ ଏହାକୁ ଉଦଘାଟନ କରିବା ସହ ଡ଼ଃ ଅଚ୍ୟୁତ ସାମନ୍ତଙ୍କ ଏଭଳି ପ୍ରଚେଷ୍ଟାକୁ ସାରା ବିଶ୍ୱ ଆଜି ପ୍ରଶଂସା କରୁଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ରମ୍ଭାଦେଇପୁର ଗ୍ରାମର ସରପଞ୍ଚ ଅଞ୍ଜଳି ସାମଲ ଯୋଗଦେଇ ଭାଇଚାରାକୁ ବଞ୍ଚାଇ ରଖିବାର ଏଭଳି ପ୍ରୟାସକୁ ପ୍ରଶଂସା କରିବା ସହ ଡ଼ଃ ସାମନ୍ତଙ୍କ ମାନବ କଲ୍ୟାଣ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ । ଗ୍ରାମରେ ଏଭଳି କାର୍ଯ୍ୟକ୍ରମ ଆୟୋଜିତ କରିଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ତଥା ଗ୍ରାମବାସୀ, କିଟ୍ କିସର ସିନିୟର କମ୍ପ୍ୟୁଟର ଶିକ୍ଷୟତ୍ରୀ ଇତିଶ୍ରୀ ମିଶ୍ରଙ୍କୁ ସାଧୁବାଦ ଜଣାଇଛନ୍ତି । ଏହି ମଞ୍ଚ ଉପରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଆର୍ଟ ଅଫ ଗିଭିଂ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ତୁରନ୍ତ ବକ୍ସାଇଟ୍ ଖଣି ଖନନ ପାଇଁ କଳାହାଣ୍ଡି ସାଂସଦଙ୍କୁ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନିବେଦନ

ଭୁବନେଶ୍ୱର (ସବ୍ୟୁ): ବର୍ତ୍ତମାନ ତୀବ୍ର ହୋଇଥିବା ଏକ ନିରନ୍ତର ଉଦ୍ୟମରେ, ଲାଞ୍ଜିଗଡ଼ ଅଂଚଳର ସ୍ଥାନୀୟ ଜନ ପ୍ରତିନିଧି ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆରଆଇ) ସଦସ୍ୟମାନେ ଲାଞ୍ଜିଗଡ଼ ଆଂଚଳିକ ବିକାଶ ପରିଷଦ(ଏଲଏଭିପି) ମାଧ୍ୟମରେ ଏକାଠି ହୋଇ କଳାହାଣ୍ଡିରେ ବକ୍ସାଇଟ୍ ଖଣି ଖନନ ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କର ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ଗ୍ରାମସଭା କରିବାକୁ ମାନ୍ୟବର ସାଂସଦଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରି ଅନୁରୋଧ କରିଥିଲେ । ଏକ ସ୍ଥାୟୀ କଂଚାମାଲ ଉତ୍ସ ସୁରକ୍ଷିତ କରିବା ସହିତ ଅଂଚଳର ଆର୍ଥିକ ସ୍ଥିରତା ସୁଦୃଢ କରିବା ନିମନ୍ତେ ସେମାନେ ଅନୁରୋଧ କରିଥିଲେ । ଦାବିପତ୍ରରେ ସାଂସଦଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ମାମଲା ଉଠାଇବାକୁ ଅନୁରୋଧ କରାଯାଇଥିଲା ଏବଂ ରାଜ୍ୟ ସରକାରଙ୍କୁ ଆଉ ବିଳମ୍ବ ନକରି ଗ୍ରାମସଭା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା ।

ଏଲଏଭିପି ସଭାପତି ଶ୍ରୀଧର ପେସନିଆଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳରେ ଲାଞ୍ଜିଗଡ଼ ବ୍ଲକର ଯୁବ ନେତା, ଯୁବ କ୍ଲବ ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ପରିବାରଙ୍କ ସମେତ ତୃଣମୂଳ ସ୍ତରର ପ୍ରତିନିଧିମାନେ ସାମିଲ ହୋଇ ଥିଲେ। ଏହି ଗୋଷ୍ଠୀ ଜଣାଇଥିଲା ଯେ ଜିଲ୍ଲାର ପ୍ରଥମ ମେଗା-ଶିଳ୍ପ ହେବା ସତ୍ତ୍ୱେ, ଲାଞ୍ଜିଗଡ଼ ଆଲୁମିନା ରିଫାଇନାରୀ ଏକ କ୍ୟାପ୍ଟିଭ୍ ବକ୍ସାଇଟ୍ ଖଣି ଅଭାବରୁ ଠିକ ଭାବେ କାର୍ଯ୍ୟକ୍ଷମ ହେଉଇ ପାରୁ ନାହିଁ । ସେମାନେ



କହିଛନ୍ତି ଯେ ଏହି କାର୍ଯ୍ୟକ୍ଷମ ଅନିଶ୍ଚିତତା କାରଖାନାକୁ ୨୦ ବର୍ଷରୁ ଅଧିକ ସମୟ ଧରି ପୂର୍ଣ୍ଣ କ୍ଷମତାରେ ଚାଲିବାରୁ ବାଧା ଦେଇଛି, ଯାହା ଫଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭର କରୁଥିବା ଚାକିରି, ଆୟ ଏବଂ ସହାୟକ ବ୍ୟବସାୟଗୁଡ଼ିକ ପ୍ରଭାବିତ ହୋଇଛି। ବିଶେଷକରି ରାୟଗଡ଼ା ଏବଂ କୋରାପୁଟ ଜିଲ୍ଲାରେ ସମାନ ଶିଳ୍ପ ଦ୍ୱାରା ପ୍ରାପ୍ତ ସମର୍ଥନ ତୁଳନାରେ କଳାହାଣ୍ଡି ରିଫାଇନାରୀ ପ୍ରତି ବଢୁଥିବା ଅବହେଳାକୁ ସ୍ମାରକପତ୍ରରେ ସ୍ଥାନିତ କରାଯାଇଛି। ଆବେଦନକୁ ସମର୍ଥନ କରୁଥିବା ବ୍ୟକ୍ତି ମାନଙ୍କ ମଧ୍ୟରେ: ଚନ୍ଦ୍ର ପେସନିଆ, ପୂର୍ବତନ ସରପଂଚ, ଲାଞ୍ଜିଗଡ଼ ବ୍ଲକ, ସାମାଜିକ କର୍ମୀ ସୁରେଶ ଅଗ୍ରୱାଲ, ଲାଞ୍ଜିଗଡ ବ୍ଲକ ଚେୟାରମ୍ୟାନ୍ କମଳା ପାତ୍ର, ଲାଞ୍ଜିଗଡ ବ୍ଲକର ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ଜିଲା ପରିଷଦ ସଦସ୍ୟ ପରିକ୍ଷିତ ନାୟକ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ଲାଞ୍ଜିଗଡ଼ ଆଂଚଳିକ ବିକାଶ ପରିଷଦର ସାଧାରଣ ସଂପାଦକ ନିର୍ମଳ ସାମଲଙ୍କ ସମେତ ରାଜେନ୍ଦ୍ର ସିଂଦେଓ ଓ ଧନ ମାଝୀ ଅନ୍ତର୍ଭୁକ୍ତ ଅଛନ୍ତି ।

ସାଂସଦ ଶ୍ରୀମତି ମାଲବିକା ଦେବୀ ତାଙ୍କ ସମର୍ଥନର ପ୍ରତିଶୃତି ଦେଇ କହିଥିଲେ, 'ଲାଞ୍ଜିଗଡ଼ର ଲୋକମାନେ ତୁରନ୍ତ ଗ୍ରାମସଭା ଆୟୋଜନ କରିବା ଏବଂ କଳାହାଣ୍ଡିରେ ସ୍ଥାନୀୟ ବକ୍ସାଇଟ୍ ଖଣି ଖୋଲିବା ପାଇଁ ଏକ ସ୍ପଷ୍ଟ ଏବଂ ସ୍ଥିର ଦାବି ଆଣିଛନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ ଏହା ସମଗ୍ର ଅଂଚଳ ଏବଂ ପାର୍ଶ୍ୱବର୍ତ୍ତୀ ଅଂଚଳ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ । ସେମାନଙ୍କର ନିର୍ବାଚିତ ପ୍ରତିନିଧି ଭାବରେ, ମୁଁ ଏହି ପ୍ରସଙ୍ଗକୁ ଉପଯୁକ୍ତ ସ୍ତରରେ ଉଠାଇବି । ପୂର୍ବତନ ସାଂସଦ ଶ୍ରୀ ଅର୍କ କେଶରୀ ଦେଓ ମଧ୍ୟ ଏହି ଦାବିକୁ ସମର୍ଥନ କରି କହିଥିଲେ,'ଲାଞ୍ଜିଗଡ଼ ରିଫାଇନାରୀକୁ କଳାହାଣ୍ଡିର ବିକାଶ ପାଇଁ ଏକ ଉତ୍ପ୍ରେରକ ଭାବରେ କଳ୍ପନା କରାଯାଇଥିଲା । କିନ୍ତୁ ଏକ ପ୍ଲାଣ୍ଟର ଉନ୍ନତି ପାଇଁ, ନିରବଚ୍ଛିନ୍ନ କଂଚାମାଲ ଯୋଗାଣରେ ବ୍ୟାଘାତ କରାଯାଇପାରିବ ନାହିଁ । ଲାଞ୍ଜିଗଡ଼ର ଲୋକଙ୍କର ଏହି ଦୀର୍ଘକାଳୀନ ଦାବି ଯଥାର୍ଥ ଏବଂ ଜରୁରୀ ଅଟେ । ଏଲଏଭିପି ଅଂଚଳର ସ୍ୱର ଶୁଣାଯିବା ନିଶ୍ଚିତ କରିବା ପାଇଁ ଶାନ୍ତିପୂର୍ଣ୍ଣ ଏବଂ ଗଠନମୂଳକ ସମର୍ଥନ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି। ପ୍ରତିନିଧି ଦଳ ଗୁରୁତ୍ୱାରୋପ କରିଥିଲେ ଯେ ସମ୍ପ୍ରଦାୟର ସହମତି ଏବଂ ସ୍ଥାୟୀ ଖଣି ଦ୍ୱାରା ପରିଚାଳିତ ସ୍ଥାୟୀ ଶିଳ୍ପ ବିକାଶ, କଳାହାଣ୍ଡିର ଦୀର୍ଘକାଳୀନ ସମୃଦ୍ଧିର ଚାବିକାଠି ଅଟେ ।

# ଉତ୍କଳ ସମ୍ମିଳନୀର ସଭାଗୃହ ପ୍ରବେଶ




ଭୁବନେଶ୍ୱର (ସବ୍ୟୁ): ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟରେ ନବନିର୍ମିତ ସଭାଗୃହକୁ ପୂଜା ଓ ଶାନ୍ତି ହୋମ କରାଯାଇ ପ୍ରତିଷ୍ଠା କରାଗଲା । ଉତ୍କଳ ସମ୍ମିଳନୀକୁ ରାଜ୍ୟ ସରକାର ଏକ ସରକାରୀ ଘର ଦେଇଥିଲେ, ସେଥିରେ ୧୫ ରୁ ୨୦ ଜଣ ମାତ୍ର ଗୋଟିଏ କୋଠରୀରେ ବସି ବୈଠକ କରିବା ପାଇଁ ଜାଗା ଥିଲା । ସଭାଗୃହ ନିର୍ମାଣ ପରେ ଏବେ ୫୦ ରୁ ୭୦ ଜଣ ଏକାଠି ବସି ବୈଠକ କରି ପାରିବେ । ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କର୍ତ୍ତା ଭାବରେ ପ୍ରତିଷ୍ଠା ହୋମରେ ବସିଥିବା ବେଳେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନାଙ୍କ ସହିତ ଗଙ୍ଗାଧର ମେହେର ପ୍ରତିଷ୍ଠାନର ସଭାପତି ମିହିର ମେହେର ଅତିଥୀ ଭାବରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଞ୍ଚେଶ୍ୱର ଶାଖାର ଉପଦେଷ୍ଟା ନିମାଇଁ ଚରଣ ଦାସ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ସମ୍ପାଦକ ଶିବବ୍ରତ ମହାନ୍ତି, ବାସନ୍ତି ତ୍ରିପାଠୀ, ଦିପ୍ତିମୟୀ ନାୟକ, ଅନୁପମା ବେହେରା, ଅମିର ପ୍ରସାଦ ସାହୁ, ଧରଣୀଧର ରାଉତ, ନିତ୍ୟ ରନ ନନ୍ଦ, ପ୍ରକାଶ ସାମଲ, ରଜନିକାନ୍ତ ଆଚାର୍ଯ୍ୟ, ନାରାୟଣ ସୁତାର, ଭଗବାନ ପ୍ରଧାନ ଓ ଶିବାନୀ ବେହେରା ପ୍ରମୁଖ ଉପସ୍ଥିତ ରହି ଗୃହ ପ୍ରବେଶରେ ସହଯୋଗ କରିଥିଲେଲ ।

### ଡର୍ମିକୁଲ ପ୍ରିକ୍ଲି ହିଟ୍ ଟ୍ୟାଲ୍କ ଭୁବନେଶ୍ୱର

# ଯାତ୍ରୀଙ୍କ ପାଇଁ ଆଣିଲା ଓଭରହେଡ୍ ଟ୍ରାଫିକ ସିଗ୍ନାଲ ସେଡସ୍

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅନ୍ୟତମ ପ୍ରିକ୍ଲି ହିଟ୍ ପାଉଡର ଡର୍ମିକୁଲ, ଇମାମି ଲିମିଟେଡ୍ ପରିବାର ପକ୍ଷରୁ ଘିମିରି ପାଇଁ ଡର୍ମାଟୋଲଜିଷ୍ଟ ଦ୍ୱାରା ଅନୁମୋଦିତ ଗୋଟିଏ ସମାଧାନ ଏବଂ ଏଥିରେ ନିମ୍ବ ଓ ତୁଳସୀର ପ୍ରଭାବ ରହିଛି । ଏବର୍ଷର ଗ୍ରୀଷ୍ମ କାଳ ପାଇଁ ଡର୍ମିକୁଲ ଭୁବନେଶ୍ୱରରେ ଏକ ସୁଚିନ୍ତିତ ଉଦ୍ୟୋଗ ଆରମ୍ଭ କରିଛି । ଏହି ଉଦ୍ୟୋଗ ମାଧ୍ୟମରେ ସହରର କିଛି କିଛି ପ୍ରମୁଖ ଟ୍ରାଫିକ ପୋଷ୍ଟରେ ଅସ୍ଥାୟୀ ସେଡସ ଲଗାଯାଇଛି । ଏହା ଫଳରେ ବଜାର କରିବାକୁ ବାହାରିବା ବା ଅଫିସ ଅଥବା ସ୍କୁଲ କଲେଜ ଯିବା ପାଇଁ ବିଭିନ୍ନ ପଦଯାତ୍ରୀ, ସାଇକେଲ, ଟୁ-ହୁଇଲର ଓ ଗାଡ଼ିର ଯାତ୍ରୀମାନେ ଗରମ ହେଲେ ମଧ୍ୟ ଆରାମ ପାଇବେ । ଏକ ମାସ ପାଇଁ ଲଗା ଯାଇଥିବା ଏହି ଅସ୍ଥାୟୀ ସେଡସ ସାହାଯ୍ୟରେ ଲୋକମାନେ କିଛିଦିନ ପାଇଁ ହେଲେ ମଧ୍ୟ ଭୀଷଣ ଓ ଅସହନୀୟ ଗରମ ଠାରୁ ଅଳ୍ପ ହେଲେ ମଧ୍ୟ ଆରାମ ପାଇବେ । ଏହି ଶେଡସ କାରଣରୁ ଖରା ସିଧାସଳଖ ଆଖିରେ ପଡ଼େ ନାହିଁ ଏବଂ ଡ୍ରାଇଭରମାନେ ଆହୁରି ସ୍ପଷ୍ଟ ଭାବରେ ଦେଖି ପାରନ୍ତି, ଯାହା ଫଳରେ ଗୋଟିଏ ସୁରକ୍ଷିତ ଟ୍ରାଫିକ ପରିସ୍ଥିତି ମଧ୍ୟ ତିଆରି ହୁଏ । ଏହି ଉଦ୍ୟୋଗ ଅଧୀନରେ ଭୁବନେଶ୍ୱରର ଜଗନ୍ନାଥପୁରରେ ଡର୍ମିକୁଲ ଓଭରହେଡ୍ ଟ୍ରାଫିକ ସିଗ୍ନାଲ ଶେଡସ ସ୍ଥାପନ କରାଯାଇଛି। ପୂର୍ବାଭାସ ଅନୁଯାୟୀ ୨୦୨୫ର ଗ୍ରୀଷ୍ମରେ, ଗତବର୍ଷର ତୁଳନାରେ ଆହୁରି ବେଶି ଗରମ ପଡ଼ିବାର ସମ୍ଭାବନା ଅଛି । ଏହି ଗ୍ରୀଷ୍ମ କାଳରେ ଭାରତର ଅନେକ ଗୁଡ଼ିଏ ରାଜ୍ୟ ମଧ୍ୟରେ ୩୫ଟି ସ୍ଥାନରେ ଏକାଧିକ ପର୍ଯ୍ୟାୟରେ ଏଭଳି ଉଦ୍ୟୋଗ ଆରମ୍ଭ କରା ହୋଇଛି । ଏହି ରାଜ୍ୟ ମଧ୍ୟରେ ରହିଛି ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଉତର ପ୍ରଦେଶ, ରାଜସ୍ଥାନ, ପଞ୍ଜାବ ଓ ଦିଲ୍ଲୀ ଯେଉଁଠି ଗରମର ତାପମାତ୍ରା ନିରନ୍ତର ୩୫ ଡିଗ୍ରି ସେଲସିୟସରୁ ଉପରେ ରୁହେ ।

# ଥ୍ରେଟସିସ ଟେକ୍ନୋଲୋଜିସ୍‌ର ନୂତନ ମୁଖ୍ୟାଳୟ ଉଦଘାଟିତ

ଭୁବନେଶ୍ୱର, (ସବ୍ୟୁ) : ଥ୍ରେଟସିସ ଟେକ୍ନୋଲୋଜିସ୍ ପ୍ରାଇଭେଟ ଲିମିଟେଡ଼ ନାମକ ନୂତନ କର୍ପୋରେଟ୍ ମୁଖ୍ୟାଳୟ ଏବଂ ସାଇବର ସୁରକ୍ଷା କେନ୍ଦ୍ରର କାର୍ଯ୍ୟାଳୟ ମହା ସମାରୋହରେ ଉଦଘାଟନ ହୋଇଯାଇଛି । ଥ୍ରେଟସିସ୍ ଟେକ୍ନୋଲୋଜିସ୍ ଭାରତର ଏକ ଅଗ୍ରଣୀ ସାଇବର ସୁରକ୍ଷା କମ୍ପାନୀ ଭାବରେ ଉଭା ହୋଇଛି, ଯାହା ପ୍ରଯୁକ୍ତିବିଦ୍ୟା, ଶାସନ ଏବଂ ଜାତୀୟ ସ୍ଥିରତାର ସନ୍ଧିକ୍ଷଣରେ କାର୍ଯ୍ୟ କରୁଛି । ଗତ କିଛି ବର୍ଷ ଧରି କମ୍ପାନୀ, ଆର୍ଥିକ ପ୍ରତିଷ୍ଠାନ, ଭାରତ ଏବଂ ବାହାରେ ଉଦ୍ୟୋଗଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ଭିତ୍ତିଭୂମି ସୁରକ୍ଷିତ କରିଛି । ଫ୍ଲାଗସିପ୍ ଅଧୀନରେ ୪ କୋଟିରୁ ଅଧିକ ନାଗରିକ ରେକର୍ଡକୁ ସୁରକ୍ଷା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସୁଭଦ୍ରା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ-ମୁଖ୍ୟମନ୍ତ୍ରୀ କିଷାନ, ଶାମ୍ସ, ଓଏସଏସପି, ଓଡବ୍ଲୁଡି, ଭୁବନେଶ୍ୱର ସ୍ମାର୍ଟସିଟି, ଜିଓସୁଗମ, ଆଇଥ୍ରୀ ଏମଏସ, ଇଡେସ୍ପାଚ, ଓଏଏଫ ଏବଂ



ଅନେକ ଅନ୍ୟାନ୍ୟ ଓଡ଼ିଶାରେ ସରକାରଙ୍କ ପ୍ରମୁଖ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସ୍ୱଦେଶୀ ସାଇବର ସୁରକ୍ଷା ଉତ୍ପାଦ ଏବଂ ଫ୍ରେମୱାର୍କ ନିର୍ମାଣ କରିଛି । ଆତ୍ମନିର୍ଭର ଭାରତ ଏବଂ ଡିଜିଟାଲ୍ ଇଣ୍ଡିଆ ମିଶନରେ ଯୋଗଦାନ ଦେଇଛି ଓଡ଼ିଶାର ହୃଦୟରୁ ବିଶ୍ୱ ବ୍ୟାଙ୍କ ଏବଂ ଫିନଟେକ୍ ଜାଏଣ୍ଟ ଯେପରିକି ପ୍ରଥମ ବ୍ୟାଙ୍କ ନାଇଜେରିଆ, ୟୁନିଅନ୍ ବ୍ୟାଙ୍କ କେନିଆ, ଜେନିଥ୍ ବ୍ୟାଙ୍କ, ଆକ୍ସେସ୍ ବ୍ୟାଙ୍କ, ପେଟିମ୍, ଏବଂ ଅଧିକ ଥ୍ରେଟସିସ୍ ପ୍ରତିବର୍ଷ ଆଇଟି ଏବଂ ଆଇଟିଇଏସ ଇକୋସିଷ୍ଟମରେ ୧ ବିଲିୟନ ଡଲାରରୁ ଅଧିକ ଡିଜିଟାଲ୍ କାରବାରକୁ ସୁରକ୍ଷା ପ୍ରଦାନ କରିଛି ଥ୍ରେଟସିସ ଟେକ୍ନୋଲୋଜିସ୍ ପ୍ରାଇଭେଟ ଲିମିଟେଡ଼ ।

# ଭାରତୀୟ ସେନାକୁ ମିଳିବ 'ପ୍ରଚଣ୍ଡ'




ନୂଆଦିଲ୍ଲୀ: କିଛିଦିନ ତଳେ ଭାରତ ୧୫୬ଟି ମେଡ ଇନ୍ ଇଣ୍ଡିଆ ଏଲସିଏଚ ପ୍ରଚଣ୍ଡ ହେଲିକପ୍ଟର କ୍ରୟ ପାଇଁ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଥିଲା । ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ଓଅକ)କୁ ୧୫୬ଟି ହାଲୁକା ଯୁଦ୍ଧ ହେଲିକପ୍ଟର ପ୍ରଚଣ୍ଡ ନିର୍ମାଣ ପାଇଁ ୬୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନୁମୋଦନ କରାଯାଇଥିଲା । ଏହି ହେଲିକପ୍ଟରଗୁଡ଼ିକ କର୍ଣ୍ଣାଟକର ବେଙ୍ଗାଲୁରୁ ଏବଂ ତୁମକୁରରେ ନିର୍ମିତ ହେବ । ଏହି ଚୁକ୍ତି ଚୀନ୍ ଏବଂ ପାକିସ୍ତାନ ସୀମାରେ ଅପରେସନକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ ।

ଆସନ୍ତୁ ଜାଣିବା ଯେ ଏହି ଶକ୍ତିଶାଳୀ ହେଲିକପ୍ଟର କ'ଣ ଏବଂ ଏହା ଭାରତୀୟ ସେନା ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ? ସରକାର ଆତ୍ମନିର୍ଭରଶୀଳ ଭାରତ ପଦକ୍ଷେପ ଅଧୀନରେ ମେକ୍ ଇନ୍ ଇଣ୍ଡିଆ ମାଧ୍ୟମରେ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଆଡକୁ ଅଗ୍ରସର ହେବା ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ଏହା ଅଧୀନରେ, ଏହି ଶକ୍ତିଶାଳୀ ହେଲିକପ୍ଟରଗୁଡ଼ିକ ନିର୍ମାଣ କରାଯିବ । ଏହାକୁ ହାଲ ଦ୍ୱାରା ଭାରତରେ ଡିଜାଇନ୍ କରାଯାଇଛି ।

୧୯୯୯ ମସିହାରେ କାର୍ଗିଲ ଯୁଦ୍ଧ ସମୟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରଥମେ ଉଚ୍ଚ ସ୍ଥାନରେ କାର୍ଯ୍ୟ କରିବା ପାଇଁ ଷ୍ଟିଲଥ୍ ହେଲିକପ୍ଟରର ଆବଶ୍ୟକତା ଅନୁଭବ କରିଥିଲା । ଏହା ପରେ, ଏପରି ହେଲିକପ୍ଟର ଉପରେ କାମ ଆରମ୍ଭ ହୋଇଥିଲା ।

ଏହା ୧୫ ହଜାର ଫୁଟରୁ ଅଧିକ ଉଚ୍ଚତାରେ ମଧ୍ୟ ସହଜରେ କାମ କରିପାରିବ । ଏଥିରେ ଆକାଶରୁ ଆକାଶ କ୍ଷେପଣାସ୍ତ୍ର, ଆଣ୍ଟି-ଟ୍ୟାଙ୍କ ଗାଇଡେଡ୍ କ୍ଷେପଣାସ୍ତ୍ର ଏବଂ ରକେଟ୍ ସ୍ଥାପନ କରାଯାଇପାରିବ ।

ଏଥିରେ ଶତ୍ରୁର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଧ୍ୱଂସ କରିବାର କ୍ଷମତା ମଧ୍ୟ ଅଛି । ଏହା ବିଶ୍ୱର ଏକମାତ୍ର ହେଲିକପ୍ଟର ଯାହା ୧୬,୪୦୦ ଫୁଟ ଉଚ୍ଚତାରେ ଅବତରଣ ଏବଂ ଉଡ଼ିପାରିବ । ଏହା ନାଇଟ୍ ଭିଜନ୍ ଏବଂ ଇନଫ୍ରାରେଡ୍ ସିଷ୍ଟମ ସହିତ ସଜ୍ଜିତ, ଯାହା ଏହାକୁ ଅନ୍ଧାରରେ ମଧ୍ୟ ସଠିକ୍ ଭାବରେ ଆକ୍ରମଣ କରିବାକୁ ସକ୍ଷମ କରିଥାଏ । ପରିବର୍ତ୍ତିତ ପ୍ରଯୁକ୍ତିବିଦ୍ୟାକୁ ଧ୍ୟାନରେ ରଖି, ଏଥିରେ ରାଡାର ୱାର୍ଣ୍ଣିଙ୍ଗ ରିସିଭର, ମିସାଇଲ ଆପ୍ରୋଚ୍ ୱାର୍ଣ୍ଣିଙ୍ଗ ପ୍ରଣାଳୀ ଏବଂ ଲେଜର ୱାର୍ଣ୍ଣିଙ୍ଗ ସିଷ୍ଟମ ଭଳି ଉନ୍ନତ ପ୍ରତିରକ୍ଷା ପ୍ରଣାଳୀ ସଜ୍ଜିତ କରାଯାଇଛି । ଏହାର ସର୍ବାଧିକ ଗତି ଘଣ୍ଟା ପ୍ରତି ୨୮୮ ମାଇଲ ଅର୍ଥାତ୍ ପ୍ରାୟ ୪୬୩ କିଲୋମିଟର ହେବ । ହାଲୁକା ଯୁଦ୍ଧ ହେଲିକପ୍ଟରର ପ୍ରଥମ ପ୍ରୋଟୋଟାଇପ୍ ମାର୍ଚ୍ଚ ୨୦୧୦ ରେ ପ୍ରଥମ ଥର ପାଇଁ ଉଡ଼ିଥିଲା ଏବଂ ସିଆଚେନ୍ ଗ୍ଲେସିୟର ସମେତ ଅନ୍ୟ ଉଚ୍ଚତା ଅଞ୍ଚଳରେ ସଫଳତାର ସହ ଅବତରଣ ଏବଂ ଉଡ଼ାଣ କରିବାର କ୍ଷମତା ପ୍ରଦର୍ଶନ କରିଥିଲା । ହାଲ ନିଶ୍ଚିତ କରିଛି ଯେ ଏହାର ପ୍ରଥମ ବ୍ୟାଚ୍ ମାର୍ଚ୍ଚ ୨୦୨୮ରୁ ବିତରଣ ଆରମ୍ଭ ହେବ । ମୋଟ ୧୫୬ଟି ହେଲିକପ୍ଟର ତିଆରି କରାଯିବ, ଯେଉଁଥିରୁ ୬୬ଟି ଭାରତୀୟ ବାୟୁସେନାକୁ ଏବଂ ୯୦ଟି ସେନାକୁ ଦିଆଯିବ ।




ଜାମ୍‌ସେଦପୁରଠାରେ ଆୟୋଜିତ ସିଂହଭୂମ ବାଣିଜ୍ୟ ଓ ଶିଳ୍ପ ବଣିକ ସଂଘର ପ୍ଲାଟିନମ୍ ଜୁବୁଲି ସମାରୋହରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ବୋଧନ ଦେଉଛନ୍ତି ।

## ହସପିଟାଲରେ ଗ୍ୟାସ ଲିକ୍ ଦଳାଚକଟାରେ ଜଣେ ମୃତ

ନୂଆଦିଲ୍ଲୀ : ଉତ୍ତର ପ୍ରଦେଶର ଶାହଜାହାନପୁର ଜିଲ୍ଲା ହସ୍ପିଟାଲରେ ଗ୍ୟାସ ଲିକ୍ ହୋଇଥିବା ଖବର ଆସିଛି । ଅକ୍ସିଜେନ ପ୍ଲାଣ୍ଟରେ ଗ୍ୟାସ ଲିକ୍ ହେବା ପରେ ହସ୍ପିଟାଲରେ ଦଳାଚକଟା ହୋଇଛି । ଏହି ସମୟରେ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିବା ଜଣାଯାଇଛି । ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ପୋଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ଦଳାଚକଟାରେ ମୃତ୍ୟୁ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା ।

ଏହି ଘଟଣାର ଅନେକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ କିଛି ଲୋକ ତଳେ ପଡ଼ିଛନ୍ତି ଏବଂ ସେମାନଙ୍କ ପରିବାର ସଦସ୍ୟ ସେମାନଙ୍କ ସହିତ ବସିଛନ୍ତି । ଏ ସମ୍ପର୍କରେ, ଶାହଜାହାନପୁର ପୋଲିସ 'ଏକ୍ସ'ରେ ପୋଷ୍ଟ କରି ଲେଖିଛନ୍ତି –



ଉପରୋକ୍ତ ଘଟଣାରେ କୌଣସି ଜୀବନହାନି ହୋଇନାହିଁ, ଅଗ୍ନିଶମ ବାହିନୀ ଦଳ ଉଦ୍ଧାର କାର୍ଯ୍ୟ କରିଛନ୍ତି ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ପୋଲିସ ଅଧୀକ୍ଷକ ଶାହଜାହାନପୁର ତୁରନ୍ତ ଘଟଣାସ୍ଥଳ ଯାଞ୍ଚ କରିଛନ୍ତି । ଘଟଣାସ୍ଥଳରେ ଶାନ୍ତି ଏବଂ ଶୃଙ୍ଖଳା ବଜାୟ ରହିଛି ଏବଂ ଅଧିକ ତଦନ୍ତ କରାଯାଉଛି ।

ଏହି ଘଟଣା ସମ୍ପର୍କରେ ଜରୁରୀକାଳୀନ ଚିକିତ୍ସା ଅଧିକାରୀ ଡାକ୍ତର ମେରାଜ ଆଲମ କହିଛନ୍ତି, ଲୋକମାନେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ପରେ ଆମେ ଟ୍ରମା ସେଣ୍ଟର (ଶାହାଜାହାନପୁର ମେଡିକାଲ କଲେଜ)କୁ ଖାଲି କରିଦେଇଛୁ । ଆମେ ଭାବୁଛୁ ଯେ ଏହା ଏକ ସନ୍ଦେହଜନକ ଗ୍ୟାସ ଲିକ୍, ଆମେ ଆମର ଉଚ୍ଚ ଅଧିକାରୀମାନଙ୍କୁ ଜଣାଇଛୁ । ଅଗ୍ନିଶମ ଗାଡ଼ି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି, ତଦନ୍ତ ଚାଲିଛି ।

## ଦେଶ ଦେଶ ମଧ୍ୟରେ ଯୁଦ୍ଧ ଲଗାଇ ଆମେରିକା ଅର୍ଥ କମାଉଛି: ଖ୍ୱାଜା

ନୂଆଦିଲ୍ଲୀ: ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଆମେରିକା ବିରୋଧରେ ସଙ୍ଗୀନ ଅଭିଯୋଗ ଲଗାଇଛନ୍ତି । ଆମେରିକା ଅସ୍ତ୍ରଶସ୍ତ୍ର ବିକ୍ରୟ କରି ଟଙ୍କା ରୋଜଗାର କରିବା ପାଇଁ ବିଶ୍ୱର ବିଭିନ୍ନ ଦେଶ ମଧ୍ୟରେ ଯୁଦ୍ଧକୁ ପ୍ରୋତ୍ସାହିତ କରୁଛି ।

ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫଙ୍କ ଏକ ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ଆମେରିକା ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ଏଥିରେ ସେ ସିଧାସଳଖ ଅଭିଯୋଗ କରିଛନ୍ତି ଯେ ଆମେରିକା ଗତ ୧୦୦ ବର୍ଷ ଧରି ସାରା ବିଶ୍ୱରେ ଯୁଦ୍ଧ ସୃଷ୍ଟି କରି ନିଜେ ଅସ୍ତ୍ରଶସ୍ତ୍ର ବାଣିଜ୍ୟକୁ ପ୍ରୋତ୍ସାହିତ କରୁଛି । ଭିଡିଓରେ ସେ ଆହୁରି ମଧ୍ୟ କହିଛନ୍ତି, ଆମେରିକା ଗତ ୧୦୦ ବର୍ଷ ମଧ୍ୟରେ ୨୬୦ଟି ଯୁଦ୍ଧ ଲଢ଼ିଛି । ଯେତେବେଳେ କି ଚୀନ୍ କେବଳ ତିନୋଟିରେ ସାମିଲ ଥିଲା। ଯୁଦ୍ଧରୁ ଆମେରିକା ଟଙ୍କା ରୋଜଗାର କରିଚାଲିଛି । ସେମାନଙ୍କର ଅସ୍ତ୍ରଶସ୍ତ୍ର ଶିଳ୍ପ ବିଶାଳ ଏବଂ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ସେଥିପାଇଁ ସେମାନେ ଦୁନିଆରେ ଦେଶ ଦେଶ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଚାଲିଛନ୍ତି । ଆଫଗାନିସ୍ତାନ, ସିରିଆ, ମିଶର, ଲିବିଆ ଭଳି ଦେଶ, ଯେଉଁମାନେ ଏକଦା ଧନୀ ଥିଲେ ହେଲେ ଯୁଦ୍ଧ ପାଇଁ ଏବେ ଗରିବ ହୋଇଗଲେଣି । ଖ୍ୱାଜା ଆସିଫଙ୍କ ଏହି ବୟାନକୁ ନେଇ ସୋସିଆଲ ମିଡିଆରେ ଭିନ୍ନଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ସିବିଏସଇର ନୂଆ ଗାଇଡ୍‌ଲାଇନ ୫ମ ଶ୍ରେଣୀ ଯାଏଁ ପିଲା ମାତୃଭାଷାରେ ପଢ଼ିବେ ପାଠ

ନୂଆଦିଲ୍ଲୀ: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଜାତୀୟ ପାଠ୍ୟକ୍ରମ ଢାଞ୍ଚା (ଏନସିଏଫ୍) ଅଧୀନରେ ସମସ୍ତ ସ୍କୁଲ ପାଇଁ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛି । ୩ରୁ ୧୧ ବର୍ଷ ବୟସର ପିଲାମାନଙ୍କ ପାଇଁ ପାଠପଢ଼ା ସମ୍ପର୍କରେ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି ।

ସୂଚନା ଅନୁସାରେ, ୩ରୁ ୧୧ବର୍ଷ ବୟସର ପିଲାମାନଙ୍କୁ ପ୍ରାଥମିକ ଶିକ୍ଷା ସେମାନଙ୍କ ମାତୃଭାଷାରେ ଦିଆଯିବ । ଏନେଇ ମେ ଶେଷ ସୁଦ୍ଧା ସ୍କୁଲରେ ଏକ କମିଟି ଗଠନ କରିବାକୁ ସିବିଏସଇ ସମସ୍ତ ସ୍କୁଲକୁ ନିର୍ଦ୍ଦେଶ ଦେଇଛି । ଯେଉଁମାନେ ଏନସିଏଫ୍ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ପାଇଁ କାମ କରିବେ । ଏହି କମିଟି ଛାତ୍ରଛାତ୍ରୀଙ୍କ ମାତୃଭାଷା ଏବଂ ପାଠ୍ୟକ୍ରମ ଉପରେ କାର୍ଯ୍ୟ କରିବ । ତେବେ ଜୁଲାଇ ଶେଷ ସୁଦ୍ଧା ସମସ୍ତ ସିବିଏସଇ ସ୍କୁଲରେ ନୂତନ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି ।

ସିବିଏସଇ ଅନୁଯାୟୀ, ଗ୍ରୀଷ୍ମ ଛୁଟି ସୁଦ୍ଧା ସମସ୍ତ ସ୍କୁଲକୁ ନୂଆ ଭାଷାରେ ପଢ଼ାଇବା ପାଇଁ ପାଠ୍ୟକ୍ରମ ଏବଂ ଶିକ୍ଷା ସାମଗ୍ରୀ ପ୍ରସ୍ତୁତ କରିବାକୁ ପଡିବ । ସେହିପରି ସ୍କୁଲଗୁଡ଼ିକରେ ନୂତନ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବା ପୂର୍ବରୁ ଶିକ୍ଷକମାନଙ୍କୁ ଟ୍ରେନିଂ ଏବଂ ୱାର୍କସପ୍ ସମାପ୍ତ କରିବାକୁ ପଡିବ ।

## 'ଆମେରିକାକୁ ବାଂଲାଦେଶ ବିକି ଦେଇଛନ୍ତି ୟୁନୁସ': ହସିନା



ନୂଆଦିଲ୍ଲୀ: ଆମେରିକାକୁ ବାଂଲାଦେଶ ବିକ୍ରି କରିଦେଇଛନ୍ତି ୟୁନୁସ । ବାଂଲାଦେଶରେ ରାଜନୈତିକ ଅସ୍ଥିରତା ମଧ୍ୟରେ, ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ମଧ୍ୟବର୍ତ୍ତୀକାଳୀନ ସରକାର ମୁଖ୍ୟ ମହମ୍ମଦ ୟୁନୁସଙ୍କ ବିରୋଧରେ ଏଭଳି କିଛି ଗମ୍ଭୀର ଅଭିଯୋଗ ଆଣି ବର୍ଷିଛନ୍ତି । ୟୁନୁସ୍ ଆତଙ୍କବାଦୀଙ୍କ ସହାୟତାରେ ବାଂଲାଦେଶରେ କ୍ଷମତା ଦଖଲ କରିଛନ୍ତି ଏବଂ ଏହି ଆତଙ୍କବାଦୀ ସଂଗଠନଗୁଡ଼ିକ ମଧ୍ୟରୁ ଅନେକ ଅନ୍ତର୍ଜାତୀୟ ସ୍ତରରେ ନିଷିଦ୍ଧ ବୋଲି କହି ୟୁନୁସଙ୍କ ଉପରେ ବଡ ଅଭିଯୋଗ ଲଗାଇଛନ୍ତି ହସିନା ।

ଏନେଇ ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ତାଙ୍କ ଫେସବୁକ୍ ପୋଷ୍ଟରେ କହିଛନ୍ତି, ୟୁନୁସ୍ କ୍ଷମତା ଦଖଲ କରିବା ପାଇଁ ନିଷିଦ୍ଧ ଲୋକଙ୍କ ସାହାଯ୍ୟ ନେଇଥିଲେ । ଯେଉଁମାନଙ୍କଠାରୁ ଆମେ ଏପର୍ଯ୍ୟନ୍ତ ବାଂଲାଦେଶର ଲୋକମାନଙ୍କୁ ସୁରକ୍ଷା ଦେଇ ଆସିଛୁ । କେବଳ ଗୋଟିଏ ଆତଙ୍କବାଦୀ ଆକ୍ରମଣ ପରେ, ଆମେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲୁ । ଅନେକ ଲୋକଙ୍କୁ ଗିରଫ କରାଯାଇଥିଲା, କିନ୍ତୁ ଏବେ ବାଂଲାଦେଶର ଜେଲଗୁଡ଼ିକ ଖାଲି ଅଛି । ୟୁନୁସ୍ ଏପରି ସମସ୍ତ ଲୋକଙ୍କୁ ମୁକ୍ତ କରିଥିଲେ ଏବଂ ଏବେ ସେହି ଆତଙ୍କବାଦୀମାନେ ବାଂଲାଦେଶରେ ଶାସନ କରୁଛନ୍ତି ।

ଏଥିସହିତ ଶେଖ୍ ହାସିନା ଆହୁରି କହିଛନ୍ତି, ଆମର ମହାନ ବଙ୍ଗୀୟ ଜାତିର ସମ୍ବିଧାନ, ଯାହାକୁ ଆମେ ଏକ ଦୀର୍ଘ ସଂଘର୍ଷ ଏବଂ ମୁକ୍ତି ଯୁଦ୍ଧ ମାଧ୍ୟମରେ ହାସଲ କରିଛୁ । କିନ୍ତୁ ଏବେ ଏହି ଉଗ୍ରବାଦୀ ନେତାଙ୍କୁ, ଯିଏ ବେଆଇନ ଭାବରେ କ୍ଷମତା ଦଖଲ କରିଛନ୍ତି, ସେମାନଙ୍କୁ ସମ୍ବିଧାନକୁ ସ୍ପର୍ଶ କରିବାର ଅଧିକାର କିଏ ଦେଲା? ଏଥିସହିତ ୟୁନୁସଙ୍କ ମୁଖ୍ୟ ପରାମର୍ଶଦାତା ପଦବୀରେ ରହିବାର କୌଣସି ଆଧାର ନାହିଁ ଏବଂ ଏହାର କୌଣସି ଅସ୍ତିତ୍ୱ ନାହିଁ ବୋଲି କହିଛନ୍ତି ହସିନା ।

ଏଥିସହିତ ୟୁନୁସଙ୍କ ଉପରେ ବଡ ଅଭିଯୋଗ ଲଗାଇ କହିଛନ୍ତି, ଯେ ୟୁନୁସ ଆୱାମୀ ଲିଗକୁ ନିଷିଦ୍ଧ କରିଥିଲେ । ଆଉ ଏବେ ଆମେରିକାକୁ ବାଂଲାଦେଶ ବିକି ଦେଇଛନ୍ତି ।

## ବାହାରିନରେ ପାକିସ୍ତାନକୁ କଡ଼ା ସମାଲୋଚନା କଲେ ଓୱେସି




ମାନାମା: ଅପରେସନ ସିନ୍ଦୂର ପରେ, ଭାରତୀୟ ସାଂସଦଙ୍କ ପ୍ରତିନିଧିମଣ୍ଡଳ ବିଶ୍ୱର ବିଭିନ୍ନ ଦେଶରେ ପାକିସ୍ତାନର ଅସଲ ଚେହେରାର ପର୍ଦ୍ଦାଫାସ କରୁଛନ୍ତି । ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ବାହାରିନରେ ପହଞ୍ଚିଛି । ଯେଉଁଠାରେ ପ୍ରତିନିଧି ଦଳ ଭାରତର ପକ୍ଷ ଉପସ୍ଥାପନ କରିଥିଲେ ଏବଂ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ପର୍ଦ୍ଦାଫାସ କରିଥିଲେ । ଏହିସମୟରେ ଏଆଇଏମ୍ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱେସି ପାକିସ୍ତାନକୁ କଡ଼ା ସମାଲୋଚନା କରିଛନ୍ତି ।

ଅସଦୁଦ୍ଦିନ ଓୱେସି କହିଛନ୍ତି ଯେ, ଏହି ଆତଙ୍କବାଦୀ ସଂଗଠନଗୁଡ଼ିକ ଭାରତରେ ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରିଛନ୍ତି ଏବଂ ସେମାନେ କୁରାନର ପଂକ୍ତିକୁ ଭୁଲ ପ୍ରସଙ୍ଗରେ ଉପସ୍ଥାପନ କରିଛନ୍ତି । ସେମାନେ କହିଥିବା ଭୁଲ କଥାକୁ ଆମକୁ ଶେଷ କରିବାକୁ ପଡିବ । ସେମାନେ ଲୋକଙ୍କୁ ହତ୍ୟା କରିବା ପାଇଁ ଧର୍ମକୁ ବ୍ୟବହାର କରିଛନ୍ତି । ଇସଲାମ ଆତଙ୍କବାଦକୁ ନିନ୍ଦା କରେ ଏବଂ କୋରାନ ସ୍ପଷ୍ଟ ଭାବରେ କହିଛି ଯେ ଜଣେ ନିର୍ଦ୍ଦୋଶ ବ୍ୟକ୍ତିଙ୍କୁ ହତ୍ୟା କରିବା ସମଗ୍ର ମାନବ ଜାତିକୁ ହତ୍ୟା କରିବା ସହିତ ସମାନ ।

ସେ ଆହୁରି କହିଛନ୍ତି ଯେ, ଆମ ସରକାର ଆମକୁ ଏଠାକୁ ପଠାଇଛନ୍ତି । ଯାହା ଦ୍ୱାରା ବିଶ୍ୱ ଜାଣିପାରିବ ଯେ ଗତ କିଛି ବର୍ଷ ଧରି ଭାରତ କେଉଁ ବିପଦର ସମ୍ମୁଖୀନ ହେଉଛି । ଦୁର୍ଭାଗ୍ୟବଶତଃ, ଆମେ ଅନେକ ନିର୍ଦ୍ଦୋଶ ଲୋକଙ୍କ ଜୀବନ ହରାଇଛୁ । ଏହି ସମସ୍ୟା କେବଳ ପାକିସ୍ତାନ ଯୋଗୁଁ ଉପୁଜିଛି । ଯେପର୍ଯ୍ୟନ୍ତ ପାକିସ୍ତାନ ଏହି ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ପ୍ରୋତ୍ସାହନ, ସହାୟତା ଏବଂ ପୃଷ୍ଠପୋଷକତା ବନ୍ଦ ନ କରେ, ସେପର୍ଯ୍ୟନ୍ତ ଏହି ସମସ୍ୟା ଦୂର ହେବ ନାହିଁ । ଅସଦୁଦ୍ଦିନ ଓୱେସି କହିଛନ୍ତି ଯେ, ଆମ ସରକାର ପ୍ରତ୍ୟେକ ଭାରତୀୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଇଛି । ସେ ସ୍ପଷ୍ଟ କରିଦେଇଛନ୍ତି ଯେ, ଯଦି ପାକିସ୍ତାନ ପୁଣି କୌଣସି ଭୁଲ ପଦକ୍ଷେପ ନିଏ, ତେବେ ପରିଣାମ ସେମାନଙ୍କ ଆଶାଠାରୁ ଅଧିକ ଭୟଙ୍କର ହେବ । ତେବେ ଭାରତୀୟ ପ୍ରତିନିଧିମଣ୍ଡଳ ବିଶ୍ୱର ୩୩ଟି ଦେଶ ଗସ୍ତ କରୁଛନ୍ତି ଏବଂ ପାକିସ୍ତାନର ପ୍ରକୃତ ଚେହେରା ବିଶ୍ୱ ସମ୍ମୁଖରେ ପ୍ରକାଶ କରୁଛନ୍ତି ।

ବାହାରିନ ପହଞ୍ଚିଥିବା ଦଳର ନେତୃତ୍ୱ ନେଉଛନ୍ତି ବୈଜୟନ୍ତ ପଣ୍ଡା । ଏହା ବ୍ୟତୀତ ଏଥିରେ ସାଂସଦ ନିଶିକାନ୍ତ ଦୁବେ, ଫାଙ୍ଗନ କୋନକ, ଏନଜେପି ସାଂସଦ ରେଖା ଶର୍ମା, ଏଆଇଏମଆଇଏମ ସାଂସଦ ଅସଦୁଦ୍ଦିନ ଓୱେସି, ସାଂସଦ ସତ୍ୟନମ ସିଂ ସାନ୍ଧୁ, ଗୁଲାମ ନବୀ ଆଜାଦ ଏବଂ ରାଷ୍ଟ୍ରଦୂତ ହର୍ଷ ଶ୍ରୀଙ୍ଗଲା ପ୍ରମୁଖ ସାମିଲ ଅଛନ୍ତି ।

## ପୁଟିନଙ୍କ ହେଲିକପ୍ଟରକୁ ଡ୍ରୋନ ଟାର୍ଗେଟ, ଅଳ୍ପକେ ବର୍ତ୍ତିଲେ



ମସ୍କୋ: ରଷିଆର କୁର୍ସ୍କର ସମ୍ବେଦନଶୀଳ ସୀମାବର୍ତ୍ତୀ ଅଞ୍ଚଳରେ ହେଲିକପ୍ଟରରେ ତଦାରଖ କରିବା ବେଳେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବିମାନକୁ ଏକ ୟୁକ୍ରେନୀୟ ଡ୍ରୋନ୍ ଟାର୍ଗେଟ କରିଥିଲା ।

ଯେଉଁଥିରୁ ସେ ଅଳ୍ପକେ ବର୍ତ୍ତିଯାଇଥିବା ଅଧିକାରୀ ମାନେ ସୂଚନା ଦେଇଛନ୍ତି । ଅଧିକାରୀମାନେ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ବିମାନ ପାଖରେ ଡ୍ରୋନ ପହଞ୍ଚିବା ପୂର୍ବରୁ ହିଁ ରଷିଆନ ବାୟୁ ପ୍ରତିରକ୍ଷା ସିଷ୍ଟମ ଡ୍ରୋନକୁ ନଷ୍ଟ କରିଦେଇଥିଲା ।

ଗତ ଏପ୍ରିଲ ମାସରେ ମସ୍କୋ ୟୁକ୍ରେନୀୟ ସେନାଙ୍କୁ ସେଠାରୁ ବିତାଡିତ କରିବାର ଘୋଷଣା କରିବା ପରେ ଏହି ଘଟଣା ଘଟିଥିବାର ସୂଚନା ମିଳିଛି । ରାଷ୍ଟ୍ରପତିଙ୍କ ବିମାନକୁ ଜାଣିଶୁଣି ଆକ୍ରମଣ କରାଯାଇଥିବା ନେଇ ଅଧିକାରୀମାନେ ସୂଚନା ଦେଇଛନ୍ତି । ତେବେ ରାଷ୍ଟ୍ରପତିଙ୍କ ଉଡାଣ ସମୟରେ ଏକ ଡ୍ରୋନ ପାଖକୁ ଆସୁଥିବାର ଚିହ୍ନଟ କରାଯାଇଥିଲା ଓ କୌଣସି ଅଘଟଣ ହେବା ପୂର୍ବରୁ ଏହାକୁ ତୁରନ୍ତ ନିଷ୍କ୍ରିୟ କରିଦିଆଯାଇଥିଲା ବୋଲି ମଧ୍ୟ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।

ଏହି ଆକ୍ରମଣ ରେ କୌଣସି ଆହତ କିମ୍ବା କ୍ଷୟକ୍ଷତି ର ରିପୋର୍ଟ ମିଳିନାହିଁ । ବର୍ତ୍ତମାନ୍ ସୁଦ୍ଧା ଏହି ଡ୍ରୋନ୍ ଆକ୍ରମଣ ସମ୍ପର୍କରେ ୟୁକ୍ରେନର ସରକାରଙ୍କ ପକ୍ଷରୁ କୌଣସି ମନ୍ତବ୍ୟ ଆସିନାହିଁ ।

## ପାକିସ୍ତାନର ପ୍ରତିଛବି ସୁଧାରିବାକୁ ଚେଷ୍ଟା କରୁଥିଲେ ଜ୍ୟୋତି

ନୂଆଦିଲ୍ଲୀ: ହରିୟାଣାର ହିସାରର ବାସିନ୍ଦା ଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ଅପରେସନ ସିନ୍ଦୂର ପରେ ଗୁପ୍ତଚର ଅଭିଯୋଗରେ ଗିରଫ କରାଯାଇଛି ।

ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି, ଜ୍ୟୋତି ପାକିସ୍ତାନର ଲୋକପ୍ରିୟ ୟୁଟ୍ୟୁବର ଜୀଶାନ ହୁସେନଙ୍କ ସହ ନିରନ୍ତର ଯୋଗାଯୋଗରେ ଥିଲେ । ସେମାନେ ଏକାଠି ପାକିସ୍ତାନର ଏକ ସକାରାତ୍ମକ ପ୍ରତିଛବି ଦେଖାଇବା ପାଇଁ ୟୁଟ୍ୟୁବରେ ଭିଡିଓ ତିଆରି କରୁଥିଲେ ।

ଲାହୋରର ବାସିନ୍ଦା ଜୀଶାନ ହୁସେନ ଜଣେ ଲୋକପ୍ରିୟ ପାକିସ୍ତାନୀ ୟୁଟ୍ୟୁବର । ପାକିସ୍ତାନରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାରର ମାମଲା ବିଶ୍ୱ ସ୍ତରରେ ପଞ୍ଜିକୃତ ହୋଇଛି । ଏହି ସମୟରେ ଜୀଶାନ ଏବଂ ଜ୍ୟୋତିଙ୍କ ଭିଡିଓ ପାକିସ୍ତାନକୁ ଏକ ସହନଶୀଳ ଏବଂ ସାଂସ୍କୃତିକ ଭାବରେ ସମୃଦ୍ଧ ରାଷ୍ଟ୍ର ଭାବରେ ଉପସ୍ଥାପନ କରିଥିଲା ।

ଦୁହିଁଙ୍କ ଭିଡିଓ ତିଆରି କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତରେ ଏହି ଧାରଣା ସୃଷ୍ଟି କରିବା ଯେ ପାକିସ୍ତାନ ଏବେ ବଦଳୁଛି । ପହଲଗାମ ଆକ୍ରମଣର ଦୁଇ ମାସ ପୂର୍ବରୁ ଜ୍ୟୋତି ଧାର୍ମିକ ଭିସାରେ ପାକିସ୍ତାନ ଯାଇଥିଲେ । ସେଠାରେ ଜ୍ୟୋତି କାଟଶରାଜ ମନ୍ଦିରରେ ଜିଶାନଙ୍କୁ ଭେଟିଥିଲେ । ଏହାପରେ ଦୁହେଁ ପାକିସ୍ତାନର ସାଂସ୍କୃତିକ ସହିଷ୍ଣୁତାକୁ ଉଜାଗର କରି ୟୁଟ୍ୟୁବରେ ଭିଡିଓ ପୋଷ୍ଟ କରିଥିଲେ ।

ଜ୍ୟୋତି ଗିରଫ ହେବାପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଯାଞ୍ଚ କରିବା ଆରମ୍ଭ କରିଥିଲେ । ଯାଞ୍ଚ ସମୟରେ ଜ୍ୟୋତିଙ୍କ ଫୋନ୍‌ରୁ ଡିଲିଟ ହୋଇଥିବା ଚାଟ୍ ଏବଂ ଫଟୋ ଡାଟାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି । ଜ୍ୟୋତି ଅନେକ ପାକିସ୍ତାନୀଙ୍କ ସହ ଯୋଗାଯୋଗରେ ଥିବା ଜଣାପଡ଼ିଛି ।

ଜ୍ୟୋତି ଅଟାରୀ ସୀମାର ସ୍ଥିତି ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ଜୀଶାନଙ୍କ ସହ କୌଣସି ସୂଚନା ସେୟାର କରିଥିଲେ କି ନାହିଁ ସେ ଦିଗରେ ଜାଣିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକ ସେମାନଙ୍କ ଯାଞ୍ଚକୁ କଡ଼ାକଡ଼ି କରି ଦେଇଛନ୍ତି ।

## ରାହୁଲ ଗାନ୍ଧିଙ୍କ ସହ ୟୁଟ୍ୟୁବର ଜ୍ୟୋତି, ଫଟୋ ପଛର ସତ !




ନୂଆଦିଲ୍ଲୀ: କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁପ୍ତଚର ସନ୍ଦେହରେ ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସହ ଫଟୋ ଉଠାଇଥିବା ଦେଖିବାକୁ ମିଳିଛି । ଫଟୋଟି ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି । ଯାହାକୁ ନେଇ ଅନେକ ୟୁଜର୍ସ ରାହୁଲ ଗାନ୍ଧୀଙ୍କ ଉପରେ ପ୍ରଶ୍ନ ଉଠାଉଛନ୍ତି ।

ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଭାଇରାଲ ଫଟୋ ଫେକ୍ ବୋଲି କୁହାଯାଉଛି । କାରଣ ସତ ଫଟୋରେ ରାହୁଲ ଗାନ୍ଧୀଙ୍କ ସହିତ ଦେଖାଯାଉଥିବା ଝିଅଟି ହେଉଛି ରାୟବରେଲି ସଦର ବିଧାୟକ ଅଦିତି ସିଂହ ।

ଗୁଗୁଲ୍ ଇମେଜ୍ ସର୍ଚ୍ଚରୁ ଜଣାପଡୁଛି ଯେ ଏହାର ମୂଳ ଫଟୋ ୨୦୧୮ ମସିହାରେ ପ୍ରକାଶିତ ହୋଇଥିଲା । ସେତେବେଳେ ଜ୍ୟୋତି ମାଲହୋତ୍ରା ୟୁଟ୍ୟୁବରେ କାମ ମଧ୍ୟ ଆରମ୍ଭ କରିନଥିଲେ । ଫଟୋଟିର ରିଭର୍ସ ଇମେଜ୍ ସର୍ଚ୍ଚ କରାଯାଇଥିଲା ବେଳେ ଜଣାପଡିଥିଲା ଯେ ପୂର୍ବତନ କଂଗ୍ରେସ ନେତ୍ରୀ ଅଦିତି ସିଂହ ମଧ୍ୟ ସମାନ ରଙ୍ଗର ଶାଢ଼ି ପିନ୍ଧି ଏବଂ ସମାନ ପୋଜ୍ ରେ ଏକ ଫଟୋ କ୍ଲିକ୍ କରିଥିଲେ । ଫଟୋ ପଛରେ ଠିଆ ହୋଇଥିବା ବ୍ୟକ୍ତି ମଧ୍ୟ ସମାନ ଥିଲେ । ଏହା ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ ପ୍ରକୃତ ଫଟୋରେ ରାହୁଲ ଗାନ୍ଧୀଙ୍କ ସହିତ ଦେଖାଯାଉଥିବା ଝିଅଟି ଗୁପ୍ତଚର ଜ୍ୟୋତି ମାଲହୋତ୍ରା ନୁହଁନ୍ତି ବରଂ ବିଧାୟକ ଅଦିତି ସିଂହ । ଯିଏକି ଏବେ ବିଜେପି ନେତ୍ରୀ ।

# ଆଇପିଏଲ୍ ମହାସମର

# ଶେଷ ମ୍ୟାଚ୍‌ରେ ସିଏସ୍‌କେର ବଡ଼ ବିଜୟ

ନୂଆଦିଲ୍ଲୀ, ୨୫।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ଚେନ୍ନାଇ ନିଜର ଶେଷ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସକୁ ଧରାଶାୟୀ କରି ଅଭିଯାନ ଶେଷ କରିଛି । ଅହମ୍ମଦାବାଦରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚେନ୍ନାଇ ୮୩ ରନ ବ୍ୟବଧାନରେ ଗୁଜରାଟକୁ ହରାଇଥିଲା । ଏହି ବିଜୟ ସହ ଚେନ୍ନାଇ ୧୪ ମ୍ୟାଚ୍‌ରୁ ୮ ପଏଣ୍ଟ ଲାଭ କରି ପଏଣ୍ଟ ଟେବୁଲର ୧୦ମ ସ୍ଥାନରେ ରହିଛି । ପରାଜିତ ଗୁଜରାଟ ଟାଇଟନ୍ସ ୧୪ ମ୍ୟାଚ୍‌ରୁ ୯ ବିଜୟ ସହ ୧୮ ପଏଣ୍ଟ ହାସଲ କରି ଟେବୁଲର ୧ ନମ୍ବର ସ୍ଥାନରେ ରହିଛି । ଏହି ମ୍ୟାଚ୍‌ରେ ଚେନ୍ନାଇ ୨୦ ଓଭରରେ ୫ ୱିକେଟ ହରାଇ ୨୩୦ ରନ କରିଥିଲା । ଜବାବରେ ଗୁଜରାଟ ଟାଇଟନ୍ସ ୧୮.୩ ଓଭରରେ ୧୪୭ ରନ କରିବାକୁ ସକ୍ଷମ ହୋଇଥିଲା । ଏହି ମ୍ୟାଚ୍‌ରେ ଧୋନୀ ବ୍ୟାଟିଂ କରିବାକୁ ଆସି ନଥିଲେ । ତଥାପି ଦେବନ୍ କନ୍‌ୱେ ଓ ଦେୱାଲ ବ୍ରେଭିସ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଯୋଗୁ ଚେନ୍ନାଇ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇଥିଲା ।

ଟସ୍ ଜିତି ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ନରେନ୍ଦ୍ର ମୋଦୀ ଇଣ୍ଟରନ୍ୟାସ୍‌ନାଲ ଷ୍ଟାଡିୟମରେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ବ୍ୟାଟିଂ ପାଇଁ ଅନୁକୂଳ ଏହି ଗ୍ରାଉଣ୍ଡରେ ଚେନ୍ନାଇର ଆରମ୍ଭ ଜମାଣିଆ ଥିଲା । ଆଗଧାଡ଼ିର ୬ ଜଣ ବ୍ୟାଟର ସମସ୍ତେ ଉଣାଅଧିକେ ଭଲ ରନ୍ ସଂଗ୍ରହ କରିଥିଲେ । ଆୟୁଷ ମାହାତ୍ରେ ଓ ଦେବନ କନ୍‌ୱେ ଇନିଂସ୍ ଓପନ୍ କରିଥିଲେ । ପ୍ରଥମ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୩.୪ ଓଭରରେ ୪୪ ରନର ପାର୍ଟନରସିପ୍ ହୋଇଥିଲା । ଆୟୁଷ ୧୭ ବଲ୍‌ରୁ ୩ଟି ଲେଖାଏ ଚୌକା ଓ ଛକା ମାରି ୩୪ ରନ କରିଥିଲେ । ଦେବନ୍ ମଧ୍ୟ ୩୫ ବଲ୍‌ରୁ ୫୨ ରନର ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ଦଳୀୟ ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ । ଉରଭିଲ ପଟେଲ ୧୯ ବଲ୍‌ରୁ ୩୭, ଶିବମ ଦୁବେ ୮ ବଲ୍‌ରୁ ୧୭ ରନ କରିଥିଲେ । ମଧ୍ୟମ କ୍ରମରେ ଉପଯୋଗୀ ଇନିଂସ୍ ଖେଳିଥିଲେ ଦେୱାଲ ବ୍ରେଭିସ୍। ବ୍ରେଭିସ୍ ୨୩ ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୫ ଛକା ସହାୟତାରେ ୫୭ ରନ କରିଥିଲେ । ରବୀନ୍ଦ୍ର ଜାଡେଜା ୧୮ ବଲ୍‌ରୁ ୨୧ ରନ କରି ଅପରାଜିତ ଥିଲେ । ତେଣୁ ଚେନ୍ନାଇ ୨୦ ଓଭରରେ ୫ ୱିକେଟ ହରାଇ ୨୩୦ ରନର ବଡ଼ ସ୍କୋର କରିଥିଲା ।

ଓଭର ପିଛା ପାଖାପାଖି ୧୨ ରନ ହାରରେ ଗୁଜରାଟକୁ ରନ ସଂଗ୍ରହ କରିବାର ଥିଲା । ୨୩୧ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଗୁଜରାଟ ଦଳୀୟ ସ୍କୋର ୨୪ ରନ ବେଳେ ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ହରାଇଥିଲା । ଗିଲ୍ ୯ ବଲ୍‌ରୁ ଗୋଟିଏ ଲେଖାଏଁ ଚୌକା ଓ ଛକା ମାରି ୧୩ ରନ କରିଥିଲେ । ପରେପରେ ଆଉ ଦୁଇ ୱିକେଟ ଝଡ଼ିଯାଇଥିଲା। ଜୋସ୍ ବଟଲର୍ ୫ ଓ ସେରଫାନେ ରଦରଫୋଡ଼ ବିନା ସ୍କୋରରେ ଆଉଟ ହେବାରୁ ଗୁଜରାଟ ୩୦ ରନ୍‌ରେ ୩ ୱିକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା । ସବୁଠୁ ଭଲ ଫର୍ମରେ ଥିବା ସାଇ ସୁଦର୍ଶନ ୨୮ ବଲ୍‌ରୁ ୪୧ ରନ କରିବାକୁ ସମର୍ଥ ହୋଇଥିଲେ । ସାହାରୁଖ ଖାନ୍ ୧୯, ରାହୁଲ ତେୱାଟିଆ ୧୪, ରସିଦ୍ ଖାନ୍ ୧୨, ଗେରାଲ୍ଡ କୁଇଟେଜ୍ ୫, ଅର୍ସଦ ଖାନ୍ ୨୦ ଏବଂ ସାଇ କିଶୋର ୩ ରନ କରି ପାଭିଲିଅନ ଫେରିଥିଲେ । ଫଳରେ ଗୁଜରାଟ ୧୮.୩ ଓଭରରେ ୧୪୭ ରନ କରି ଧରାଶାୟୀ ହୋଇଥିଲା । ଚେନ୍ନାଇର ଅନ୍‌ସୁଲ୍ କାମ୍ବୋଜ ୩ଟି, ନୁର ଅହମ୍ମଦ ୩ଟି, ରବୀନ୍ଦ୍ର ଜାଡେଜା ୨ଟି, ଖଲିଲ୍ ଅହମ୍ମଦ ଓ ମାଥିସା ପଥିରାନା ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ । ଏହି ବିଜୟ ସହ ଚେନ୍ନାଇର ଆଇପିଏଲ୍ ଅଭିଯାନ ଶେଷ ହୋଇଛି । ଚଳିତ ସିଜନ୍‌ରେ ଦଳ ୧୪ଟି ମ୍ୟାଚ୍ ଖେଳିଥିବାବେଳେ କେବଳ ୪ଟି ଜିତିବାକୁ ସକ୍ଷମ ହୋଇଥିଲା । ୧୮ତମ ସଂସ୍କରଣରେ ଧୋନୀ ଦଳର ମଙ୍ଗ ଧରିଥିଲେ ମଧ୍ୟ ୫ ଥର ବିଜେତା ଚେନ୍ନାଇ ଲିଗ୍ ପର୍ଯ୍ୟାୟରୁ ଅଭିଯାନ ଶେଷ କରିଛି । ଚେନ୍ନାଇର ଅଗଣିତ ପ୍ରଶଂସକ ଚଳିତ ସଂସ୍କରଣରେ ଦଳର ନିରାଶା ଜନକ ପ୍ରଦର୍ଶନକୁ ନେଇ ଦୁଃଖିତ ଥିଲେ ବି ସମସ୍ତଙ୍କ ପ୍ରିୟ ଧୋନୀଙ୍କ ଚୌକା ଛକାରେ ଆନନ୍ଦିତ ଅଛନ୍ତି ।



### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ୍ | ଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ | ୧୪ | ୯ | ୫ | ୧୮ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧୭ |
| ପଞ୍ଜାବ | ୧୩ | ୮ | ୪ | ୧୭ |
| ମୁମ୍ବାଇ | ୧୩ | ୮ | ୫ | ୧୬ |
| ଦିଲ୍ଲୀ | ୧୪ | ୭ | ୬ | ୧୫ |
| କୋଲକାତା | ୧୩ | ୫ | ୬ | ୧୨ |
| ଲକ୍ଷ୍ନୌ | ୧୩ | ୬ | ୭ | ୧୨ |
| ସନ୍‌ରାଇଜର୍ସ | ୧୩ | ୫ | ୭ | ୧୧ |
| ରାଜସ୍ଥାନ | ୧୪ | ୪ | ୧୦ | ୮ |
| ଚେନ୍ନାଇ | ୧୪ | ୪ | ୧୦ | ୮ |

## ବିରାଟ, ରୋହିତଙ୍କୁ ଖୁବ୍ ପ୍ରଶଂସା କଲେ ଗିଲ୍

ନୂଆଦିଲ୍ଲୀ, ୨୫।୫ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ଶୁଭମନ ଗିଲ୍ ଭାରତୀୟ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି । ସେ ପ୍ରଥମ ଥର ପାଇଁ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ନେଇ ମୁହଁ ଖୋଲିଛନ୍ତି । ସେ କହିଛନ୍ତି, ମୁଁ ଭାଗ୍ୟବାନ । ରୋହିତ ଓ ବିରାଟ ଭାଇଙ୍କ ପରି ଖେଳାଳିଙ୍କ ସହ ଖେଳିବାର ସୁଯୋଗ ପାଇଛି । ସେମାନଙ୍କଠାରୁ ଅନେକ କିଛି ଶିଖିଛି । ଉଭୟଙ୍କ ଅଧିନାୟକ ଶୈଳୀ ଭିନ୍ନ ହୋଇଥିଲେ ମଧ୍ୟ ଦଳକୁ ବିଜୟୀ କରାଇବା ମୁଖ୍ୟ ଲକ୍ଷ୍ୟ ଥିଲା । ଆମେ ବି ସେହି ଉଦ୍ଦେଶ୍ୟ ନେଇ ଆଗକୁ ବଢ଼ିବୁ ।



ବିରାଟ ଭାଇ ସର୍ବଦା ଆକ୍ରମଣାତ୍ମକ ଶୈଳୀ ଆପଣାଉଥିଲେ । ରୋହିତ ଭାଇ ବାହାରକୁ ଆକ୍ରମଣାତ୍ମକ ଦେଖାଯାଉ ନଥିଲେ ମଧ୍ୟ ତାଙ୍କ ନେତୃତ୍ୱ ଶୈଳୀରେ ଏହା ରହିଥିଲା । ଟେଷ୍ଟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବା ପାଇଁ ନିଶ୍ଚିତ ଭାବେ ଅଭିଜ୍ଞତାର ଆବଶ୍ୟକତା ରହିଛି । ସୁଯୋଗ ମିଳିଥିବାରୁ ମନପ୍ରାଣ ଦେଇ ଦଳକୁ ବିଜୟୀ କରିବା ଲାଗି ଉଦ୍ୟମ କରିବି ବୋଲି ଗିଲ୍ କହିଛନ୍ତି ।

ଇଂଲଣ୍ଡ ବିପକ୍ଷରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିବ । ଏହି ଶୃଙ୍ଖଳା ବେଶ୍ ରୋମାଞ୍ଚକ ହେବ ବୋଲି ଗିଲ୍ ଆଶାବ୍ୟକ୍ତ କରିଛନ୍ତି । ସେ ରବିଚନ୍ଦ୍ରନ୍ ଅଶ୍ୱିନଙ୍କ ଅଭିଜ୍ଞତାକୁ ମଧ୍ୟ ମନେ ପକାଇଥିଲେ । ଭାରତ ଗିଲ୍‌ଙ୍କ ନେତୃତ୍ୱରେ ଏକ ଯୁବ ଦଳ ଚୟନ କରିଛି । ଦଳ ଭଲ ପ୍ରଦର୍ଶନ କରିବ ବୋଲି ମୁଖ୍ୟକୋଚ୍ ଗୌତମ ଗମ୍ଭୀର ଆଶା ରଖିଛନ୍ତି ।

**ଆଜିର ମ୍ୟାଚ**
ମୁମ୍ବାଇ – ପଞ୍ଜାବ
ସମୟ: ରାତି ୭.୩୦
ସ୍ଥାନ: ଜୟପୁର
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

## ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ
## ପେଞ୍ଚାକ୍ ସିଲାଟ୍‌ରେ ଓଡ଼ିଶାକୁ ୮ ପଦକ



ଭୁବନେଶ୍ୱର, ୨୫।୫ (ସବ୍ୟୁ): ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ପେଞ୍ଚାକ୍ ସିଲାଟ ବର୍ଗରେ ଓଡ଼ିଶାକୁ ୮ଟି ପଦକ ମିଳିଛି । ଏହି କ୍ରୀଡ଼ାରେ ଓଡ଼ିଶାରୁ ୨୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ଗତ ୧୯ରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ଦଳ କୋଚ୍ ଶ୍ରୀଧର ସାହୁ ଓ ଆଶୁତୋଷ ନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଖେଳାଳି ୩ଟି ରୌପ୍ୟ ଓ ୫ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ସୋହିଲ ଗୁରୁଙ୍ଗ ସୋଲୋ ଇଭେଣ୍ଟ ଓ ଟେଣ୍ଡିଂ ଇଭେଣ୍ଟରେ ଦୁଇଟି ରୌପ୍ୟ ପଦକ ଆଣିଥିବାବେଳେ ଉଭୟ ପୁରୁଷ ଗାଣ୍ଡା ଓ ରେଗୁ ଟିମ୍ କାଂସ୍ୟ ପଦକ ଜିତିଛନ୍ତି । ଅନନ୍ଦିତା ପାତ୍ର ଟେଣ୍ଡିଂ ଇଭେଣ୍ଟରେ ରୌପ୍ୟ, ରୁଦ୍ରପ୍ରତାପ ଷଡ଼ଙ୍ଗୀ ଓ ରିତୁ ଗିଲ୍ ବ୍ରୋଞ୍ଜ ପଦକ ଜିତି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି । ଓଡ଼ିଶା ଖେଳାଳି ପ୍ରତ୍ୟାବର୍ତ୍ତନ କରିବା ପରେ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ସେମାନଙ୍କୁ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ସ୍ୱାଗତ କରାଯାଇଥିଲା ।

ଏହି ପ୍ରତିଯୋଗିତାରେ ପ୍ରେମ୍ ସିଂ ଥାପ୍ପା ଦାୟିତ୍ୱର ରେଫରୀ କାର୍ଯ୍ୟ ନିର୍ବାହନ କରିଥିବାରୁ ଇଣ୍ଡିଆନ ଫେଡେରେସନ ତରଫରୁ ତାଙ୍କୁ ସମ୍ମାନିତ କରାଯାଇଥିଲା । ରାଜ୍ୟ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସେକ୍ରେଟାରୀ ବିଜୟ ସ୍ୱାଇଁ, ପେଞ୍ଚାକ୍ ସିଲାଟ ଆସୋସିଏସନ୍ ଖୋର୍ଦ୍ଧାର ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ଏବଂ ଓଡ଼ିଶା ସଂଘ ସଭାପତି ତାପସ କୁମାର ରାୟଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ପ୍ରେମ୍‌ସିଂ ଥାପ୍ପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ସମସ୍ତ ପ୍ରତିଯୋଗୀଙ୍କୁ ବିଜୟୀ ହେବାର ଶୁଭ କାମନା ଜଣାଇଛନ୍ତି ।

## ହନୁମାନଗଡ଼ୀ ମନ୍ଦିରରେ ବିରୁଷ୍କା

ମୁମ୍ବାଇ, ୨୫।୫ (ଏଜେନ୍ସି): ଟେଷ୍ଟ ତଥା ଟି-୨୦ରୁ ଅବସର ନେବାପରେ ଏବେ ଭକ୍ତି ଭାବନାରେ ବୁଡ଼ିଛନ୍ତି କୋହଲି । ବିଭିନ୍ନ ମନ୍ଦିର ଓ ଗୁରୁଙ୍କ ଆଶୀର୍ବାଦ ନେବାକୁ କୋହଲି ଓ ଅନୁଷ୍କା ଯାଉଛନ୍ତି । କିଛିଦିନ ପୂର୍ବରୁ ଉଭୟଙ୍କୁ ପ୍ରେମାନନ୍ଦ ମହାରାଜଙ୍କ ସହ ଦେଖିବାକୁ ମିଳିଥିଲା । କିନ୍ତୁ ବିରୁଷ୍କା ଏବେ ଅଯୋଧ୍ୟାରେ ଅଛନ୍ତି । ସେଠାରେ ୧୦୦୦ ବର୍ଷର ପୁରୁଣା ମନ୍ଦିର ହନୁମାନଗଡ଼ୀରେ ପୂଜା କରୁଥିବା ନଜର ଆସିଛନ୍ତି । ରବିବାର ସକାଳେ ଦୁହେଁ ଅଯୋଧ୍ୟା ପହଞ୍ଚିଥିଲେ । ଏହି ସମୟରେ ଟ୍ରଷ୍ଟ ପ୍ରତିନିଧି ଉଭୟଙ୍କୁ ମନ୍ଦିର ପରିସରରେ ସ୍ୱାଗତ କରିଥିଲେ । ପରେ ରାମଲାଲାଙ୍କୁ ଦର୍ଶନ କରିବା ସହ ସ୍ୱତନ୍ତ୍ର ପ୍ରସାଦ ପ୍ରଦାନ କରିଥିଲେ । ଏହି ସମୟ ମଧ୍ୟରେ ଦୁହେଁ ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଦୂରତା ବଜାୟ ରଖିଥିଲେ । ଅନ୍ୟପକ୍ଷରେ ପ୍ରଶଂସକମାନେ ସେଲ୍‌ଫି ନେବାକୁ ଉତ୍ସାହିତ ଥିବା ଦେଖାଯାଇଥିଲା । କିନ୍ତୁ ସୁରକ୍ଷା ଦୃଷ୍ଟିରୁ ପୋଲିସ ସେମାନଙ୍କୁ ଅଟକାଇଥିଲା । ଏହାପରେ କୋହଲି ଏବଂ ଅନୁଷ୍କା କଡ଼ା ସୁରକ୍ଷା ମଧ୍ୟରେ ହନୁମାନଗଡ଼ୀରେ ପହଞ୍ଚି ବଜରଙ୍ଗବାଲିଙ୍କ ଦର୍ଶନ କରିଥିଲେ । ଏହାପରେ କୋହଲି ହନୁମାନଗଡ଼ୀ ସହ ଜଡ଼ିତ କିଛି ସନ୍ଥଙ୍କୁ କୋହଲି ଭେଟିଥିଲେ । ଭିଡିଓରେ ଦୁହେଁ ଭକ୍ତିଭାବନାରେ ବୁଡ଼ି ପୂଜା କରୁଥିବା ଦେଖାଯାଇଥିଲା ।

## ସିଏମ୍ ଟ୍ରଫି-୨୦୨୫ ଲୋଗୋ, ଟ୍ରଫି, ଆନ୍ଥେମ୍ ଉନ୍ମୋଚିତ




ଭୁବନେଶ୍ୱର, ୨୫।୫ (ସବ୍ୟୁ) : ଲକ୍ଷ୍ୟ ଏକ, ପ୍ରତିଭା ଅନେକ । ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଆଗ୍ରହ କ୍ରମେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଫୁଟବଲ୍ ଆସୋସିଏସନର ମିଳିତ ଆନୁକୂଲ୍ୟରେ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିଅନସିପ୍-୨୦୨୫ ଆୟୋଜନ କରାଯାଉଛି ।

ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମଠାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସିଏମ୍ ଟ୍ରଫି ଫୁଟବଲ ଚାମ୍ପିଅନସିପ୍-୨୦୨୫ର ଲୋଗୋ, ଟ୍ରଫି, ଜର୍ସି ଏବଂ ଆନ୍ଥେମକୁ ଉନ୍ମୋଚନ କରିଛନ୍ତି । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ଓ କ୍ରୀଡ଼ା ପ୍ରତିଭାଙ୍କୁ ବିଶ୍ୱ ସ୍ତରରେ ପହଞ୍ଚାଇବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ଲକ୍ଷ୍ୟରେ ରାଜ୍ୟରେ ପ୍ରଥମ ଥର ପାଇଁ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିଅନସିପ୍ ଆୟୋଜନ କରାଯାଉଛି ।

ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିଅନସିପର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ମାସ ୧୬ ତାରିଖରୁ ଏପ୍ରିଲ ମାସ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାମାନଙ୍କରେ ରହିଥିବା ବିଭିନ୍ନ ଫୁଟବଲ କ୍ଲବ ଅଂଶଗ୍ରହଣ କରିଥିଲେ । ସର୍ବମୋଟ୍ ୨୭୧ଟି ଫୁଟବଲ୍ କ୍ଲବ ଏବଂ ୫ ହଜାରରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ ଏଥିରେ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜୋନାଲ୍ ସ୍ତରୀୟ ସିଏମ୍ ଟ୍ରଫି ଚାମ୍ପିଅନସିପ୍ ଆସନ୍ତା ମେ' ୨୮ ତାରିଖରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଜିଲ୍ଲା ସ୍ତରରୁ ଚୟନ ହୋଇ ଆସିଥିବା ଦଳକୁ ୪ ଗୋଟି ଜୋନ୍ (ଜୋନ୍-ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯିବ । ଜୋନାଲ୍ ସ୍ତରୀୟ ପ୍ରତିଯୋଗିତା ସମାପ୍ତ ହେବା ପରେ ସିଏମ୍-ଟ୍ରଫି ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ଜିଲ୍ଲାରୁ ଜୋନାଲ୍ ଏବଂ ଜୋନାଲରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଏହିପରି ଭାବରେ ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଉଥିବାରୁ ବାସ୍ତବରେ ତୃଣମୂଳ ସ୍ତରରୁ ଆସୁଥିବା କ୍ରୀଡ଼ାବିତମାନେ ନିଜ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପାଇପାରିବା ସହ ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି । ସିଏମ୍ ଟ୍ରଫି ଚାମ୍ପିଅନସିପର ଲୋଗୋ, ଟ୍ରଫି, ଜର୍ସି ଓ ଆନଥେମ୍ ଉନ୍ମୋଚିତ ହୋଇଛି । କ୍ରୀଡ଼ାବିତମାନଙ୍କ ମଧ୍ୟରେ ରହିଥିବା ଅଦମ୍ୟ ଉତ୍ସାହ ଓ ଦୃଢ଼ ପ୍ରତିବଦ୍ଧତାକୁ ଆନଥେମରେ ଖୁବ୍ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି । ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ କରିବା ନିମନ୍ତେ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାର ପ୍ରତିଟି ଗାଁ ଓ ପ୍ରତିଟି ବ୍ଲକରେ କ୍ରୀଡ଼ା ପ୍ରତିଭାର ବିକାଶ କରି ଆମ କ୍ରୀଡ଼ାବିତମାନଙ୍କୁ ବିଶ୍ୱସ୍ତରରେ ପହଂଚାଇବାର ଆମର ଏହି ଯାତ୍ରା ଆଗେଇ ଚାଲିଛି ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଫୁଟବଲ୍ ଆସୋସିଏସନର ସେକ୍ରେଟାରୀ ଆଶୀର୍ବାଦ ବେହେରା, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୁବନେଶ୍ୱର ସ୍କୁଲ ଚେସ୍ : ସତ୍ୟମ୍ ବିଜେତା

ଭୁବନେଶ୍ୱର, ୨୫।୫ (ସବ୍ୟୁ): ୩୮ତମ ଭୁବନେଶ୍ୱର ସ୍କୁଲ ଚେସ୍ ଚାମ୍ପିଅନସିପ୍ କେଶୁରା ସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲର ସତ୍ୟମ୍ ସ୍ୱରୂପ ସାହୁ ୪.୫ ପଏଣ୍ଟ ସହ ଚାମ୍ପିଅନ ହୋଇଛନ୍ତି । ପ୍ରୀତମ୍ ହୋତା ଦ୍ୱିତୀୟ, ଅରିଶ ନନ୍ଦ ଗୋସ୍ୱାମୀ ତୃତୀୟ, ନିରେକ ପରିଡ଼ା ଚତୁର୍ଥ ଏବଂ ସ୍ୱସ୍ତିକ ତ୍ରିପାଠୀ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି ।

ସେହିଭଳି ବିଭିନ୍ନ ବୟସ ବର୍ଗ ଓ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା ।



ପୁରସ୍କାର ବିତରଣ ଉତ୍ସବରେ ଟାଟା ଷ୍ଟିଲ ଲିଃ'ର ସିନିଅର ଏରିଆ ମ୍ୟାନେଜର ସୁଶାନ୍ତ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କ ସହ ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସପାଲ୍ ସର୍ବେଶ୍ୱର ସାମଲ ଉପସ୍ଥିତ ଥିଲେ ।

## ଆନ୍ତଃସ୍କୁଲ କ୍ରିକେଟ : ଆଶୁତୋଷ ମ୍ୟାନ ଅଫ ଦି ମ୍ୟାଚ

କେନ୍ଦୁଝର, ୨୫।୫ (ସବ୍ୟୁ): ରବିବାର ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା, କେନ୍ଦୁଝର ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡିଆରେ ଅନୁଷ୍ଠିତ ଷଷ୍ଠ ଦିବସର ଲିଗ ପର୍ଯ୍ୟାୟ ଖେଳରେ ବଡ଼ବିଲର ଗୋପବନ୍ଧୁ ହାଇସ୍କୁଲ (ମିଳିତ ) କେନ୍ଦୁଝରର ଡିଏଭି ପବ୍ଲିକ ସ୍କୁଲ (ମିଳିତ ) ବିପକ୍ଷରେ ୧୫୮ ରନରେ ଏକ ବିପୁଳ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ଗୋପବନ୍ଧୁ ହାଇସ୍କୁଲ ଟସ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୩୦ ଓଭର ଖେଳରେ ମାତ୍ର ୪ଟି ୱିକେଟ ହରାଇ ୨୭୯ ରନ ସଂଗ୍ରହ କରି ନିଜର ସ୍ଥିତିକୁ ମଜବୁତ କରିଥିଲା । ଦଳ ପକ୍ଷରୁ ଆଶୁତୋଷ ନାୟକ ୧୨୧ ମିନିଟ ୱିକେଟରେ ଅବସ୍ଥାନ କରି ୮୫ ବଲର ସମ୍ମୁଖୀନ ହୋଇ ୨୭ଟି ଚୌକା ଏବଂ ୩ଟି ବିଶାଳ ଛକା ସହାୟତାରେ ୧୯୦.୫୯ ଷ୍ଟ୍ରାଇକ ରେଟ ସହ ଅପରାଜିତ ୧୬୨ ରନ ସଂଗ୍ରହ କରି ପ୍ରତିଯୋଗିତାର ଦ୍ୱିତୀୟ ଶତକ ହାସଲ କରିଥିବା ବେଳେ ଆରୋନ ଚନ୍ଦ୍ର ୭୧ଟି ବଲରେ ୬୯ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଦଳର ଏକମାତ୍ର ସଫଳ ବୋଲର ଭାବେ ଆଶୁତୋଷ ମହାନ୍ତ ୫ ଓଭର ବୋଲିଂ କରି ୪୪ ରନ ଦେଇ ୩ଟି ୱିକେଟ ଅକ୍ତିଆର କରିଥିଲେ ।



ଜବାବରେ ଡିଏଭି ପବ୍ଲିକ ସ୍କୁଲ ମ୍ୟାଚ ଜିତିବା ପାଇଁ ଏକ ବିଶାଳ ଟାର୍ଗେଟ ଆଗରେ ଚାପର ଶିକାର ହେବା ସହ ନିୟମିତ ବ୍ୟବଧାନରେ ୱିକେଟ ପତନ ଘଟିଥିଲା । ସେମାନେ ୨୮.୪ ଓଭର ବ୍ୟାଟିଂ କରି ମାତ୍ର ୧୨୧ ରନରେ ସମସ୍ତ ୱିକେଟ ହରାଇବା ସହ ପରାଜୟ ସ୍ୱୀକାର କରିଥିଲେ । ଦଳ ପକ୍ଷରୁ ଶୁଭମ ଦାଶ ୫୯ଟି ବୋଲର ସମ୍ମୁଖୀନ ହୋଇ ୬ଟି ଚୌକା ସହାୟତାରେ ୩୪ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଦଳର ସକ୍ଷମ ଚୌରାସିଆ ୬ ଓଭର ବୋଲିଂରେ ୩୦ରନ ଦେଇ ୩ଟି ୱିକେଟ ଅକ୍ତିଆର କରିଥିଲେ । ଦ୍ରୁତଗତିରେ ରନ ସଂଗ୍ରହ କରି ଦର୍ଶକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରି ଶତକ ହାସଲ କରିଥିବା ଗୋପବନ୍ଧୁ ହାଇସ୍କୁଲର ଆଶୁତୋଷ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଖେଳକୁ ବିଶ୍ୱମ୍ବର ମହାକୁଡ଼, ଯଶୋବନ୍ତ ମହାପାତ୍ର (ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ ।

**ସୂଚନା**
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି